**ସୂଚିତ ଯୋଗ୍ୟ**

**ଭାରତର ସର୍ବୋଚ୍ଚ ନ୍ୟାୟାଳୟ**

**ଦେୱାନୀ ଆବେଦନ କ୍ଷେତ୍ରାଧିକାର**

**ଦେୱାନୀ ଆବେଦନ ସଂଖ୍ୟା ୨୯୧୩ -୨୯୧୫ /୨୦୧୮**

ପ୍ରଶାନ୍ତ କୁମାର ସାହୁ ଓ ଅନ୍ୟମାନେ ....ଆବେଦନକାରୀ (ମାନେ)

ବନାମ

ଚାରୁଲତା ସାହୁ ଓ ଅନ୍ୟମାନେ ....ଉତ୍ତରଦାତା (ମାନେ)

**ରାୟ**

**ଜେ. ବି. ପାର୍ଡିୱାଲା, ନ୍ୟାୟମୂର୍ତ୍ତି ।**

୧. ଯେହେତୁ ଦର୍ଶାଯାଇଥିବା ଉପରୋକ୍ତ ଦୁଇଟି ଆବେଦନଗୁଡିକର ପ୍ରସଙ୍ଗ ପରସ୍ପର ସହ ଜଡ଼ିତ; ପକ୍ଷମାନେ ମଧ୍ୟ ସମାନ ଏବଂ ଓଡ଼ିଶା ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ପାରିତ ସମାନ ରାୟ ଏବଂ ବିଚାରାଦେଶରେ ଆପତ୍ତି ପୂର୍ବକ ମାମଲାଗୁଡିକ ଏକସଙ୍ଗରେ ଶୁଣାଣି ପାଇଁ ସ୍ଥିର ହୋଇଥିଲା ଏବଂ ମାମଲାଗୁଡିକ ଏହି ସାଧାରଣ ରାୟ ଓ ଆଦେଶ ଦ୍ୱାରା ଫଇସଲା କରାଯାଇଛି ।

୨. ଉପରୋକ୍ତ ଦର୍ଶାଯାଇଥିବା ଆବେଦନଗୁଡିକ କ୍ରମାନ୍ୱୟରେ ଆଇନଗତ ପ୍ରତିନିଧି ଏବଂ ଉତ୍ତରାଧିକାରୀମାନଙ୍କ ମୂଳ ପ୍ରତିବାଦୀ ସଂଖ୍ୟା -୧ (କୁମାର ସାହୁଙ୍କର ପୁତ୍ର ସ୍ୱର୍ଗତ ଶ୍ରୀ ପ୍ରଫୁଲ୍ଲ ସାହୁ) ଏବଂ ତା ୦୫.୦୫.୨୦୧୧ ରିଖରେ ଓଡ଼ିଶା ଉଚ୍ଚନ୍ୟାୟାଳୟର ଦୁଇଜଣିଆ ଖଣ୍ଡପୀଠଙ୍କ ଦ୍ୱାରା ଏଏଚଓ ସଂଖ୍ୟା ୧୩୩/୨୦୦୦ ରେ ପ୍ରଦାନ କରାଯାଇଥିବା ରାୟ, ଆଦେଶ ଓ ଆଇନଗତ ଆଦେଶ ବିରୋଧରେ ନିର୍ଦ୍ଦେଶ ଦେଇ ଉଚ୍ଚ ନ୍ୟାୟାଳୟର ଦୁଇଜଣିଆ ଖଣ୍ଡପୀଠ ମୂଳ ବାଦୀ (ଏଠାରେ ଉତ୍ତରଦାତା ସଂଖ୍ୟା -୧ ) ଙ୍କ ଦ୍ୱାରା ଆଗତ ହୋଇଥିବା ସ୍ୱତ୍ତ ମକଦ୍ଦମା ସଂଖ୍ୟା ୩୪୮/୧୯୮୦ରେ ବିଚାର କରିଥିବା ଅଦାଲତଙ୍କ ରାୟ ଏବଂ ଆଇନଗତ ବଣ୍ଟନ ଆଦେଶକୁ ଏଠାରେ ନିଶ୍ଚିତ କରି ମୂଳ ଅବେଦନକାରୀମାନଙ୍କ (ଉତ୍ତରଦାତା ସଂଖ୍ୟା ୧) ଦ୍ୱାରା ଆଗତ ଏକାଧିକାର ଆବେଦନ ପ୍ରାର୍ଥନାକୁ ରଦ୍ଦ କରିଦେଇଛନ୍ତି । ଅନ୍ୟପକ୍ଷରେ ମୂଳ ପ୍ରତିବାଦୀ ସଂଖ୍ୟା ୨ ଦ୍ୱାରା ଦାଖଲ କରାଯାଇଥିବା ପାଲଟା ଆପତ୍ତିକୁ ଅନୁମତି ପ୍ରଦାନକରି ପ୍ରଥମ ପୁନର୍ବିଚାର କରୁଥିବା ନ୍ୟାୟାଳୟଙ୍କ ଦ୍ୱାରା ସ୍ୱର୍ଗତ ପ୍ରଫୁଲ୍ଲ ସାହୁ ଏବଂ ତାଙ୍କ ଭଉଣୀ-ପ୍ରତିବାଦୀ ସଂଖ୍ୟା ୨ ଙ୍କ ମଧ୍ୟରେ ହୋଇଥିବା ବୁଝାମଣାକୁ ଅଗ୍ରାହ୍ୟ କରି ମକଦ୍ଦମାକୁ ଅବୈଧ ଘୋଷଣା କରିଥିଲେ ।

**ତଥ୍ୟାତ୍ମକ ଛାଞ୍ଚ**

୩. ଆବେଦନକାରୀମାନେ, ଯେଉଁମାନେ ପ୍ରତିବାଦୀ ସଂଖ୍ୟା ୧ ଙ୍କର ଆଇନଗତ ପ୍ରତିନିଧି ଓ ଉତ୍ତରାଧିକାରୀ ଅଟନ୍ତି (କୁମାର ସାହୁଙ୍କର ପୁଅ ସ୍ୱର୍ଗତ ପ୍ରଫୁଲ୍ଲ ସାହୁ) ଏବଂ ଏଠାରେ ଉତ୍ତରଦାତା ସଂଖ୍ୟା ୧ ଯିଏକି ବାଦୀ (କୁମାର ସାହୁଙ୍କର ଝିଅ ଶ୍ରୀମତୀ ଚାରୁଲତା ସାହୁ ) ଓ ଉତ୍ତରଦାତା ସଂଖ୍ୟା ୨ ଯେଉଁମାନେ କି ପ୍ରତିବାଦୀ ସଂଖ୍ୟା ୨ଙ୍କର (କୁମାର ସାହୁଙ୍କର ଝିଅ ଶ୍ରୀମତୀ ଶାନ୍ତିଲତା ) ଆଇନଗତ ପ୍ରତିନିଧି ଏବଂ ଉତ୍ତରାଧିକାରୀଙ୍କ ମଧ୍ୟରେ ଏହି ମକଦ୍ଦମା ଜଣେ କୁମାର ସାହୁଙ୍କ ପୈତୃକ ସମ୍ପତ୍ତିର ବିଭାଜନସହିତ ଜଡ଼ିତ ।

୪. ସୁବିଧା ଦୃଷ୍ଟିରୁ, ପକ୍ଷମାନଙ୍କର ସମ୍ପର୍କ ନିମ୍ନରେ ଦିଆଯାଇଥିବା ବଂଶାନୁକ୍ରମିକ ସାରଣୀରୁ ଏହିପରି ଦେଖାଯିବ: -




୫. ନଥିଭୁକ୍ତ ତଥ୍ୟରୁ ଜଣାପଡୁଛି ଯେ ୧୯୪୦ ମସିହାରେ ବିଭାଜନ ପରେ ସ୍ୱର୍ଗତ ଶ୍ରୀ କୁମାର ସାହୁ, ଯିଏକି ଯଥାକ୍ରମେ ବାଦୀ, ପ୍ରତିବାଦୀ ସଂଖ୍ୟା ୧ ଏବଂ ୨ଙ୍କର ବାପା ସହଉତ୍ତରାଧିକାରୀ ଭାବେ ବିଷୟଭୁକ୍ତ ସମ୍ପତ୍ତି ପାଇଛନ୍ତି । ୧୯୬୯ ମସିହାରେ ଯେତେବେଳେ ଶ୍ରୀ କୁମାର ସାହୁଙ୍କ ଦେହାନ୍ତ ହୋଇଥିଲା, ସେତେବେଳେ ସେ ଉତ୍ତରାଧିକାରୀ ଭାବେ ବାଦୀ ଏବଂ ପ୍ରତିବାଦୀ ସଂଖ୍ୟା ୧ ଓ ୨ଙ୍କୁ ଯଥାକ୍ରମେ ଛାଡ଼ିଯାଇଥିଲେ ।

୬. ତା ୩.୧୨.୧୯୮୦ରିଖରେ ଉତ୍ତରଦାତା ସଂଖ୍ୟା ୧ (ଏଠାରେ ମୂଳ ବାଦୀ) ସ୍ୱତ୍ତ୍ୱ ମକଦ୍ଦମା ସଂଖ୍ୟା ୩୪୮/୧୯୮୦ ନାମରେ ଏକ ବଣ୍ଟନ ମକଦ୍ଦମା ଦାଖଲ କରି ଅଭିଯୋଗରେ ଥିବା ନିର୍ଦ୍ଧାରିତ ସମ୍ପତ୍ତି 'କ' ରୁ 'ଚ' ରେ ୧/୩ ଅଂଶ ଦାବିକରିଛନ୍ତି ।

୭. ପ୍ରତିବାଦୀ ସଂଖ୍ୟା -୧ (ଏଠାରେ ମୂଳ ବାଦୀ)ଉପରୋକ୍ତରେ କୁହାଯାଇଥିବା ସ୍ୱତ୍ତ୍ୱ ମକଦ୍ଦମା ସଂଖ୍ୟା ୩୪୮/୧୯୮୦ରେ ନିମ୍ନଲିଖିତ ସହାୟତା/ପ୍ରତିକାର ପାଇଁ ପ୍ରାର୍ଥନା କରିଛନ୍ତି ।

*"(i) ଅନୁସୂଚୀ 'କ' ରୁ 'ଚ ' ରେ ବାଦୀଙ୍କ ୧/୩ ଅଂଶର ବିଭାଜନ ପାଇଁ ପ୍ରାରମ୍ଭିକ ଆଇନଗତ ଆଦେଶ ପାରିତ କରାଯାଉ ଏବଂ ବାଦୀଙ୍କୁ ଏକ ଶେଷ ଆଇନଗତ ଆଦେଶାନୁସାରେ ଦେୱାନୀ ଅଦାଲତଙ୍କ ଦ୍ୱାରା ନିଯୁକ୍ତ ଆୟୋଗ ମାଧ୍ୟମରେ ଅଲଗା ଆବଣ୍ଟନ କରିଆରେ ସେହି ଜାଗାରେ ସ୍ୱତନ୍ତ୍ର ଦଖଲ ଦିଆଯାଉ ଏବଂ ୧୯୭୭ ମସିହାରୁ ମାମଲା ଦାଖଲ ହେବା ପର୍ଯ୍ୟନ୍ତ ପ୍ରତିବାଦୀ ସଂଖ୍ୟା ୧ ବିରୋଧରେ କ୍ଷତିଗ୍ରସ୍ତ ପକ୍ଷଙ୍କ ସପକ୍ଷରେ ପ୍ରତିକାରାତ୍ମକ ଆଇନଗତ ଆଦେଶ ପ୍ରଦାନ କରାଯାଉ ଏବଂ ମକଦ୍ଦମା ହେବାଦିନ ଠାରୁ ଶେଷ ଆଇନଗତ ଆଦେଶ ପର୍ଯ୍ୟନ୍ତ ଏବଂ ପ୍ରତିବାଦୀ ସଂଖ୍ୟା ୧ ଙ୍କର ମକଦ୍ଦମାରେ ଲିଖିତ ସମ୍ପତ୍ତିର ଭାଗ ପାଇଁ ଦେୟ ଧାର୍ଯ୍ୟ କରାଯାଉ ।*

*(ii) ଭବିଷ୍ୟତରେ ଯେକୌଣସି ସମୟରେ ଚୂଡ଼ାନ୍ତ ଆଇନଗତ ଆଦେଶ କାର୍ଯ୍ୟରେ ବାଦୀଙ୍କ ଅଲଗା ଆବଣ୍ଟନ ରେ ହସ୍ତକ୍ଷେପ ନକରିବା ପାଇଁ ପ୍ରତିବାଦୀ ସଂଖ୍ୟା ୧କୁ ସ୍ଥାୟୀ ଭାବେ ବାରଣ କରାଯାଉ ।*

*(iii) ପ୍ରତିବାଦୀଙ୍କ ବିରୋଧରେ ମୋକଦ୍ଦମାର ଖର୍ଚ୍ଚ ବହନ କରିବାପାଇଁ ଏକ ଆଇନଗତ ଆଦେଶ ପ୍ରଦାନ କରାଯାଉ ।*

*(iv) ଏପରି ଅନ୍ୟ ପ୍ରତିକାର ପାଇଁ ଏକ ଆଇନଗତ ଆଦେଶ ପାରିତ କରାଯାଉ ଯାହାଦ୍ୱାରା ଶେଷରେ ପ୍ରତିବାଦୀଙ୍କ ବିରୋଧରେ ବାଦୀ, ତାଙ୍କ ନିଜ ସପକ୍ଷରେ ହକଦାର ହୋଇପାରିବେ ।*

***ସମ୍ପତ୍ତିର ବର୍ଣ୍ଣନା***

***ଅନୁସୂଚି -କ***

*୧. ଜିଲ୍ଲା-କଟକ, ଏସଆର କଟକ, ଗାଁ-ଚାଉଳିଆଗଞ୍ଜ, ଥାନା ସଂଖ୍ୟା-୨୧୩ ଥାନା- ମଧୁପାଟଣା ଖାତା ସଂଖ୍ୟା ୩୪ , ପ୍ଲଟ ସଂଖ୍ୟା ୧୦୮୮ , କ୍ଷେତ୍ରଫଳ ଏ ୦.୪୬୫ ଡି ଖାତା ସଂଖ୍ୟା ୩୨ , ପ୍ଲଟ ସଂଖ୍ୟା ୧୦୮୮*

| | | |
|---|---|---|
| *ଖାତା ସଂଖ୍ୟା ୩୩* | *ପ୍ଲଟ ସଂଖ୍ୟା ୧୦୮୬* | *ଏକର ୧୪୨ ଡେସିମଲ* |
| *ଖାତା ସଂଖ୍ୟା ୨୬୦* | *ପ୍ଲଟ ନମ୍ବର ୧୦୮୭* | *ଏକର ୦.୫୦୨ ଡେସିମଲ* |
| | *ପ୍ଲଟ ସଂଖ୍ୟା ୮୧୮* | *ଏକର ୦.୨୬୬ ଡେସିମଲ* |
| *ଖାତା ସଂଖ୍ୟା ୨୬୪* | *ପ୍ଲଟ ସଂଖ୍ୟା ୧୦୯୦* | *ଏକର ୦.୦୧୨ ଡେସିମଲ* |

---------------------------

*ଏକର ୧. ୫୦୮ ଡେସିମଲ*

*(ହାରାହାରି ଟ ୧,୦୩,୯୩୦/-ଙ୍କା)*

*ଅନୁସୂଚି -'ଖ'*

*ମୌଜା-ପଇସା (ହାଲ-ଗଣ୍ଡରପୁର)*

*ଖାତା ସଂଖ୍ୟା ୧୦୮ ପ୍ଲଟ ସଂଖ୍ୟା ୧୧୦ ଏକର ୦.୪୮ ଡେସିମଲ*

ଖାତା ସଂଖ୍ୟା ୧୦୬ ପ୍ଲଟ ସଂଖ୍ୟା ୯୭ ଏକର ୦.୮୯ ଡେସିମଲ

ଖାତା ସଂଖ୍ୟା ୧୦୬ ପ୍ଲଟ ସଂଖ୍ୟା ୯୮ ଏକର ୦.୦୯ ଡେସିମଲ

ପ୍ଲଟ ସଂଖ୍ୟା ୯୯ ଏକର ୦.୧୪ ଡେସିମଲ

ପ୍ଲଟ ସଂଖ୍ୟା ୧୦୦ ଏକର ୦.୩୭ ଡେସିମଲ

ଖାତା ସଂଖ୍ୟା ୧୦୭ ପ୍ଲଟ ସଂଖ୍ୟା ୯୫ ଏକର ୦.୧୭ ଡେସିମଲ

ଖାତା ସଂଖ୍ୟା ୧୮୪ ପ୍ଲଟ ସଂଖ୍ୟା ୧୦୧ ଏକର ୦.୪୫ ଡେସିମଲ

ଖାତା ସଂଖ୍ୟା ୧୧୪ ପ୍ଲଟ ସଂଖ୍ୟା ୧୯୯ ଏକର ୦.୨୧-୧/୨ ଡେସିମଲ

ଖାତା ସଂଖ୍ୟା ୮ ପ୍ଲଟ ସଂଖ୍ୟା ୯୬ ଏକର ୦.୧୦ ଡେସିମଲ

-----------------------

ଏକର ୨.୯୦-୧/୨ ଡେସିମଲ

(ହାରାହାରି ଟ୨୮୫୦/-ଙ୍କା)

ଅନୁସୂଚି-'ଗ'

ଜିଲ୍ଲା-କଟକ,ଏସ.ଆର. କଟକ, ମୌଜା-ରାଜହଂସ,

ଖାତା ସଂଖ୍ୟା ୮୫୫ , ପ୍ଲଟ ସଂଖ୍ୟା ୩୧୬ ଏକର ୦.୧୮ ଡେସିମଲ

ଖାତା ସଂଖ୍ୟା ୨୨୮, ପ୍ଲଟ ସଂଖ୍ୟା ୫୩୫ ଏକର ୦.୦୮ ଡେସିମଲ

ପ୍ଲଟ ସଂଖ୍ୟା ୫୩୯ ଏକର ୦.୦୨ ଡେସିମଲ

ପ୍ଲଟ ସଂଖ୍ୟା ୫୪୮ ଏକର ୦.୦୩ ଡେସିମଲ

ପ୍ଲଟ ସଂଖ୍ୟା ୫୫୩ ଏକର ୦.୪୧ ଡେସିମଲ

-----------------------

ଏକର ୦.୭୨ ଡେସିମଲ .

(ହାରାହାରି ଟ୭୨୦/-ଙ୍କା)

ଅନୁସୂଚି-'ଘ'

ମୌଜା-ସାଫିପୁର, ଥାନା. ସଦର, କଟକ,

...... ହାରାହାରି... ଟଙ୍କା..

ଅନୁସୂଚି-'ଙ'

ମୌଜା-ଦିଅଁ ରାଜହଂସ ଖାତା ସଂଖ୍ୟା ୧ ପ୍ଲଟ ସଂଖ୍ୟା ୭୩ ଏକର ୦.୧୩ ଡେସିମଲ

ପ୍ଲଟ ସଂଖ୍ୟା ୭୬ ଏକର ୦.୧୨ ଡେସିମଲ

-------------

ଏକର ୦.୨୫ ଡେସିମଲ

ଖାତା ସଂଖ୍ୟା ୨ ପ୍ଲଟ ନମ୍ବର ୮୫ ଏକର ୦.୧୨ ଡେସିମଲ

ପ୍ଲଟ ନମ୍ବର ୮୭ ଏକର ୦.୧୪ ଡେସିମଲ

ପ୍ଲଟ ନମ୍ବର ୯୩ ଏକର ୦.୧୮ ଡେସିମଲ
ପ୍ଲଟ ନମ୍ବର ୭୦ ଏକର ୦.୧୯ ଡେସିମଲ
ପ୍ଲଟ ନମ୍ବର ୭୨ ଏକର ୦.୨୯ ଡେସିମଲ
ପ୍ଲଟ ନମ୍ବର ୧୦୪ ଏକର ୦.୧୯ ଡେସିମଲ
-----------------
ଏକର ୧.୧୦ ଡେସିମଲ
.....୨୦୫/- ଟଙ୍କାର ମୂଲ୍ୟ

ଖାତା ସଂଖ୍ୟା ୧୮ ପ୍ଲଟ ନମ୍ବର ୧୨୮ ଏକର ୦.୫୦
ପ୍ଲଟ ନଂ ୧୩୫ ଏକର ୨୭.୫୯ ଡେସିମଲ
ପ୍ଲଟ ନଂ ୧୭୯ ଏକର ୧.୯୩ ଡେସିମଲ
ପ୍ଲଟ ନମ୍ବର ୧୮୦ ଏକର ୨.୨୨ ଡେସିମଲ
ପ୍ଲଟ ନମ୍ବର ୧୮୧ ଏକର ୧୦.୧୮ ଡେସିମଲ
ପ୍ଲଟ ନମ୍ବର ୧୨୭ ଏକର ୨.୧୩ ଡେସିମଲ
ପ୍ଲଟ ନମ୍ବର ୧୩୦ ଏକର ୧.୨୩ ଡେସିମଲ
ପ୍ଲଟ ନମ୍ବର ୧୦୧/୧୮୬ ଏକର ୦.୨୪ ଡେସିମଲ
ପ୍ଲଟ ନମ୍ବର ୧୩୨ ଏକର ୦.୩୫ ଡେସିମଲ
ପ୍ଲଟ ନମ୍ବର ୧୩୨ ଏକର ୦.୩୫ ଡେସିମଲ
ପ୍ଲଟ ସଂଖ୍ୟା ୧୩୭ ଏକର ୦.୨୦ ଡେସିମଲ
ପ୍ଲଟ ନମ୍ବର ୧୩୬ ଏକର ୦.୨୬ ଡେସିମଲ
ପ୍ଲଟ ନମ୍ବର ୯୯/୧୮୫ ଏକର ୦.୪୨ ଡେସିମଲ
ସଂଖ୍ୟା ୪୭.୨୫ ଡେସିମଲ ଏହାର ମୂଲ୍ୟ 450/- ଟଙ୍କା

ଖାତା ସଂଖ୍ୟା ୧୯ ପ୍ଲଟ ସଂଖ୍ୟା ୭୫ ଏକର ୦.୩୧ ଡେସିମଲ
ପ୍ଲଟ ସଂଖ୍ୟା ୬୪ ଏକର ୦.୨୨ ଡେସିମଲ
ପ୍ଲଟ ସଂଖ୍ୟା ୭୪ ଏକର ୦.୩୦ ଡେସିମଲ
ପ୍ଲଟ ସଂଖ୍ୟା ୭୯ ଏକର ୦.୧୫ ଡେସିମଲ
ପ୍ଲଟ ସଂଖ୍ୟା ୩୪ ଏକର ୦.୧୫ ଡେସିମଲ
ପ୍ଲଟ ସଂଖ୍ୟା ୩୮ ଏକର ୦.୧୧ ଡେସିମଲ
ପ୍ଲଟ ସଂଖ୍ୟା ୬୯ ଏକର ୦.୨୩ ଡେସିମଲ
ପ୍ଲଟ ସଂଖ୍ୟା ୬୮ ଏକର ୦.୩୭ ଡେସିମଲ

-----------------------

ଏକର ୧.୭୪ ଡେସିମଲ

ମୂଲ୍ୟ ୩୫୦/- ଟଙ୍କା

ଖାତା ସଂଖ୍ୟା ୨୧ ପ୍ଲଟ ସଂଖ୍ୟା ୧୪୫ ଏକର ୦.୬୮ ଡେସିମଲ

ପ୍ଲଟ ସଂଖ୍ୟା ୬୧ ଏକର ୦.୩୦ ଡେସିମଲ

ପ୍ଲଟ ସଂଖ୍ୟା ୫୮ ଏକର ୦.୨୨ ଡେସିମଲ

ପ୍ଲଟ ସଂଖ୍ୟା ୧୮୨ ଏକର ୦.୦୩ ଡେସିମଲ

ପ୍ଲଟ ସଂଖ୍ୟା ୫୭ ଏକର ୦.୨୧ ଡେସିମଲ

ପ୍ଲଟ ସଂଖ୍ୟା ୧୯୪ ଏକର ୦.୨୦ ଡେସିମଲ

ପ୍ଲଟ ସଂଖ୍ୟା ୧୦୭ ଏକର ୦.୧୧ ଡେସିମଲ

ପ୍ଲଟ ସଂଖ୍ୟା ୧୩୯ ଏକର ୦.୨୫ ଡେସିମଲ

ପ୍ଲଟ ସଂଖ୍ୟା ୮୩ ଏକର ୦.୦୬ ଡେସିମଲ

-----------------

ଏକର ୩.୦୬ ଡେସିମଲ

ମୂଲ୍ୟ– ୫୯୫/- ଟଙ୍କା

ଅନୁସୂଚି – 'ଚ'

ମୌଜା- ନାଗଗଜପୁର, ଥାନା. ସଦର, ଏସଆର. କଟକ, ଜିଲ୍ଲା- କଟକ ।

ଖାତା ସଂଖ୍ୟା ୬୧

ପ୍ଲଟ ସଂଖ୍ୟା ୫୧ ଏକର ୦.୦୮୦ ଡେସିମଲ

ପ୍ଲଟ ସଂଖ୍ୟା ୫୪ ଏକର ୦.୦୨୩ ଡେସିମଲ

ପ୍ଲଟ ସଂଖ୍ୟା ୫୭ ଏକର ୦.୦୧୨ ଡେସିମଲ

ପ୍ଲଟ ସଂଖ୍ୟା ୬୧ ଏକର ୦.୦୩୫ ଡେସିମଲ

ପ୍ଲଟ ସଂଖ୍ୟା ୬୨ ଏକର ୦.୨୨ ଡେସିମଲ

ପ୍ଲଟ ସଂଖ୍ୟା ୯୧ ଏକର ୦.୦୦୬ ଡେସିମଲ

ପ୍ଲଟ ସଂଖ୍ୟା ୯୩ ଏକର ୦.୦୦୭ ଡେସିମଲ

ପ୍ଲଟ ସଂଖ୍ୟା ୧୦୮ ଏକର ୦.୦୪୪ ଡେସିମଲ

----------------------

ଏକର ୧.୮୯ ଡେସିମଲ

................ ୧.୮୯୦/-ଟଙ୍କା

କୃଷି ଏବଂ ଅନ୍ୟାନ୍ୟ ଭୂମି ଏକର ୬୦.୭୯ ଡେସିମଲ
ମୂଲ୍ୟ ୧.୨୦,୬୧୦/-ଟଙ୍କା
ଯାଞ୍ଚ ।"

୮. ବିଚାର କରୁଥିବା ନ୍ୟାୟାଳୟ ନିମ୍ନଲିଖିତ ପ୍ରସଙ୍ଗଗୁଡ଼ିକ ପ୍ରସ୍ତୁତ କରିଥିଲେ:

"(୧) ଏହି ମକଦ୍ଦମା କ'ଣ ଆଇନ ଅନୁଯାୟୀ ଅନୁରକ୍ଷଣୀୟ ?

(୨) ସହରାଞ୍ଚଳ ଭୂମି ସୀମା ନିୟମାବଳୀ ୧୯୭୬ ପ୍ରଚଳନ ଆଧାରରେ ବାଦୀ ଓ ପ୍ରତିବାଦୀ ସଂଖ୍ୟା ୨ ପ୍ରତିବାଦୀ ସଂଖ୍ୟା ୧ଙ୍କର ପରିବାରର ସଦସ୍ୟ ଅଟନ୍ତି କି ଏବଂ ମକଦ୍ଦମାରେ ଦର୍ଶାଯାଇଥିବା ସମ୍ପତ୍ତିର ବିଭାଜନ ପାଇଁ ବାଦୀଙ୍କ ଦ୍ୱାରା କରାଯାଇଥିବା ମକଦ୍ଦମା ଉଚିତ କି ?

(୩) ମକଦ୍ଦମାରେ ଦର୍ଶାଯାଇଥିବା ସମ୍ପତ୍ତି ପକ୍ଷମାନଙ୍କ ମଧ୍ୟରେ ବିଭାଜନର ଆବଶ୍ୟକତା ଅଛି କି ?

(୪) ବାଦୀ, ପ୍ରତିବାଦୀ ସଂଖ୍ୟା ୧, ଏବଂ ପ୍ରତିବାଦୀ ସଂଖ୍ୟା ୨ଙ୍କର ଯଥାକ୍ରମେ ମକଦ୍ଦମାରେ ଦର୍ଶାଯାଇଥିବା ସମ୍ପତ୍ତିର କେତେ ଭାଗ ପାଇବେ ?

(୫) ମକଦ୍ଦମାରେ କେଉଁଗୁଡିକ, କୁମାର ସାହୁଙ୍କର ପୈତୃକ ସମ୍ପତ୍ତି ଏବଂ ସ୍ୱୟଂ ଅର୍ଜିତ ସମ୍ପତ୍ତି ?

(୬) ବାଦୀ ଏବଂ ପ୍ରତିବାଦୀ ସଂଖ୍ୟା ୨ଙ୍କର ସଂଶୋଧିତ ଭାଗ କେତେ ଏବଂ କେଉଁ ତାରିଖ ଠାରୁ ସମାନେ ସେହି ସମ୍ପତ୍ତିର ଦଖଲ ଜନିତ ଧନରାଶି ପାଇବାକୁ ହକଦାର ହେଲେ ?

(୭)ପକ୍ଷଙ୍କ ଦ୍ୱାରା ବିଭିନ୍ନ ସମୟରେ ବିବାଦିତ ସମ୍ପତ୍ତିରେ କରାଯାଇଥିବା ହସ୍ତାନ୍ତର ସେମାନଙ୍କର ନିଜ ନିଜ ଅଂଶଧନ ଅନୁଯାୟୀ ବ୍ୟବସ୍ଥିତ କରାଯିବକି ?

(୮) ସ୍ୱର୍ଗତ ନିଶାମଣି ଦେଈଙ୍କ ଦ୍ୱାରା ତା ୨୦.୦୭.୧୯୮୫ ରିଖରେ ନିଷ୍ପାଦିତ ହୋଇଥିବା ବନ୍ଦୋବସ୍ତ ଦଲିଲ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି କି ଏବଂ ବାଦୀ ଏବଂ ପ୍ରତିବାଦୀ ସଂଖ୍ୟା ୨ ଏହାକୁ ମାନିବାକୁ ବାଧ୍ୟ କି ?

(୯) ଯୌଥ ପରିବାରର ସମ୍ପତ୍ତିରେ ଆରୋପିତ ନିର୍ମାଣ କରିବା ପାଇଁ ଯୌଥ ପରିବାର ପୁଞ୍ଜି ପ୍ରତିବାଦୀ ସଂଖ୍ୟା ୧ ଙ୍କ ହାତମୁଠାରେ ରହିବାଟା ଯଥେଷ୍ଟ ଥିଲା କି ?

(୧୦) ସଂଶୋଧିତ ଅଭିଯୋଗରେ ଅନୁସୂଚି 'ଇ' ରେ ଥିବା ଖାତା ସଂଖ୍ୟା ୧୮ର ସମ୍ପତ୍ତି ବିଭାଜନ ପାଇଁ ଉପଲବ୍ଧ ଅଛି କି ?

(୧୧) ପକ୍ଷମାନେ କେଉଁସବୁ ପ୍ରତିକାର ପାଇବା ପାଇଁ ହକଦାର ?

*ବିଚାର କରୁଥିବା ନ୍ୟାୟାଳୟ ମକଦ୍ଦମାରେ  ଆଇନଗତ ଆଦେଶ ପ୍ରଦାନ କରିଥିଲେ ଏବଂ ଅନୁଭବ କରିଥିଲେ ଯେ ବାଦୀଙ୍କର ପୈତୃକ ସମ୍ପତ୍ତିରେ ୧/୬ ଅଂଶ ଭାଗ ଏବଂ ଅଲଗା ସମ୍ପତ୍ତିରେ ୧/୩ ଅଂଶ ଭାଗ ଥିଲା । ଏହି ଆଇନଗତ ଆଦେଶକୁ ପ୍ରତିବାଦୀ ସଂଖ୍ୟା ୧ ଙ୍କ ଦ୍ୱାରା ଆପତ୍ତି କରାଯାଇଥିଲା ।"*

୯. ପକ୍ଷମାନଙ୍କ ମଧ୍ୟରେ ମକଦ୍ଦମାର  ନ୍ୟାୟିକ ବିଚାର  ହୋଇଥିଲା ଏବଂ ତା ୩୦.୧୨.୧୯୮୬ ରିଖର ରାୟ ଏବଂ ଆଦେଶ ଅନୁସାରେ ଦେୱାନୀ ବିଚାରପତି  ନିମ୍ନଲିଖିତ  ପ୍ରାରମ୍ଭିକ ଆଇନଗତ ଆଦେଶ  ପ୍ରଦାନ କରିଥିଲେ :

**ଆଦେଶ**

*"ଏହି ମକଦ୍ଦମାରେ ପ୍ରତିବାଦୀ ସଂଖ୍ୟା ୧ ବିରୋଧରେ  ଖର୍ଚ୍ଚ ସହିତ ଏବଂ ପ୍ରତିବାଦୀ ସଂଖ୍ୟା ୨ କୁ ବିନା ଖର୍ଚ୍ଚରେ ପ୍ରାରମ୍ଭିକ ଆଇନଗତ ଆଦେଶ ପ୍ରଦାନ କରାଯାଇଛି ।  ବିବାଦିତ ସମ୍ପତି ମଧ୍ୟରୁ ସ୍ୱର୍ଗତ କୁମାର ଚରଣ ସାହୁଙ୍କର ପୈତୃକ ଏବଂ ସ୍ୱୟଂ ଅର୍ଜିତ ସମ୍ପତ୍ତି ଅନୁସାରେ ଏବଂ ସେ ଜାଗାରେ ଥିବା ନିର୍ମାଣ  (ଘର ଓ କୋଠା) ଇତ୍ୟାଦିରେ  ବାଦୀ ଯଥାକ୍ରମେ  ୨ ଅଣା ୮ ପଇସା (୧/୬) ଭାଗ ଏବଂ ୧/୩ ଭାଗ ପାଇବାପାଇଁ ହକଦାର ।  ମକଦ୍ଦମା ଦାୟର ହେବା ତାରିଖ ଠାରୁ ସେଠାରେ ଦିଆଯାଇଥିବା ସଂଶୋଧିତ ଲାଭରେ ସେ ସେହି  ଭାଗ ପାଇବାପାଇଁ ହକଦାର ।  ପ୍ରତିବାଦୀ ସଂଖ୍ୟା - ୨ ମଧ ସମ୍ପତ୍ତିରେ ଏବଂ ସଂଶୋଧିତ ଲାଭରେ ସେହି ଭାଗ ପାଇବାପାଇଁ ହକଦାର  । ସ୍ୱର୍ଗତ କୁମାର ଚରଣ ସାହୁଙ୍କର ପୈତୃକ ଏବଂ ସ୍ୱୟଂ ଅର୍ଜିତ ସମ୍ପତି ସହିତ ସେ ଜାଗାରେ ଥିବା ନିର୍ମାଣ ଏବଂ ସଂଶୋଧିତ ଲାଭରେ ପ୍ରତିବାଦୀ ସଂଖ୍ୟା ୧ଙ୍କର ଯଥାକ୍ରମେ ୧୦ ଅଣା ୮ ପଇସା (୨/୩ ) ଏବଂ ୧/୩ ଭାଗ ପାଇବାପାଇଁ ହକଦାର । ଉପରୋକ୍ତ ଆଧାରରେ ବିଭାଜନ କରିବା ଲାଗି ଜଣେ ଅମୀନ ଆୟୋଗଙ୍କୁ ନିଯୁକ୍ତି  କରାଯିବ, ଯିଏକି ପୈତୃକ ଏବଂ ସ୍ୱୟଂ ଅର୍ଜିତ ସମ୍ପତ୍ତିର ବିବରଣୀ ସହିତ ସେଠାରେ ରହିଥିବା ନିର୍ମାଣ ଏବଂ  ରାୟରେ  ଆଲୋଚନା କରାଯାଇଥିବା ବିଭିନ୍ନ ପ୍ରସଙ୍ଗରେ ପ୍ରାପ୍ତ ତଥ୍ୟ ଆଧାରରେ ସଂଶୋଧିତ ଲାଭ ପରିମାଣ ସୁନିଶ୍ଚିତ କରିବା ପରେ ଚୂଡ଼ାନ୍ତ  ଆଇନଗତ ଆଦେଶ ଦ୍ୱାରା  ଭାଗ ବଣ୍ଟନ ହେବ ।  ଭାଗ ସୁନିଶ୍ଚିତ ହେବାପରେ ଚୂଡ଼ାନ୍ତ ଆଇନଗତ ଆଦେଶର ଫଳାଫଳ ସ୍ୱରୂପ ବାଦୀ ଏବଂ ପ୍ରତିବାଦୀ ସଂଖ୍ୟା ୨ ଙ୍କ ପାଇଁ ଅଲଗା ଆବଣ୍ଟନ କରାଯିବାକୁ ଥିବା ସମ୍ପତିରେ ସେମାନଙ୍କୁ ଦାଖଲ ଦେବା ।"*

୧୦. ତେଣୁ, ବିଚାର କରୁଥିବା ନ୍ୟାୟାଳୟ ନିର୍ଦ୍ଦେଶ ଦେଇଛନ୍ତି ଯେ:

(i) ଉପରୋକ୍ତ ଅନୁସୂଚୀ 'କ' ରୁ 'ଚ' ରେ ତାଲିକାଭୁକ୍ତ ସମ୍ପତ୍ତିକୁ  ପୈତୃକ ସମ୍ପତ୍ତି ହିସାବରେ ବିବେଚନା କରାଯିବ, ଯେତେବେଳେ ଅନୁସୂଚୀ 'ଞ' (୧ ରୁ ୮ ସମ୍ପତ୍ତି ) ରେ ତାଲିକାଭୁକ୍ତ ସ୍ୱର୍ଗତ ଶ୍ରୀ କୁମାର ସାହୁଙ୍କର ସମ୍ପତ୍ତିକୁ ସ୍ୱୟଂ ଅର୍ଜିତ ସମ୍ପତ୍ତି ଭାବେ ବିବେଚନା କରାଯାଇଥିଲା ।

(ii) ପ୍ରତିବାଦୀ ସଂଖ୍ୟା ୧ (ଏଠାରେ ମୂଳ ବାଦୀ) ପୈତୃକ ସମ୍ପତ୍ତିରେ ୧/୬  ଭାଗ ଏବଂ ସ୍ୱର୍ଗତ ଶ୍ରୀ କୁମାର ସାହୁଙ୍କର ସ୍ୱୟଂ ଅର୍ଜିତ  ସମ୍ପତ୍ତିରେ ୧/୩  ଭାଗ ପାଇବା ପାଇଁ ହକଦାର ଥିଲେ । ଦେୱାନୀ

ଅଦାଲତ  ମଧ୍ୟ ନିର୍ଦ୍ଦେଶ ଦେଇଥିଲେ ଯେ ବାଦୀ ସଂଶୋଧିତ ଲାଭ ପାଇବା ପାଇଁ ହକଦାର ଥିଲେ ।

(iii) ପ୍ରତିବାଦୀ ସଂଖ୍ୟା ୨ (ଏଠାରେ ପ୍ରତିବାଦୀ ସଂଖ୍ୟା  ୨)ଙ୍କୁ  ତଦନୁରୂପ  ଭାଗ ଏବଂ ଲାଭ ପାଇଛନ୍ତି ।

(iv) ପ୍ରତିବାଦୀ ସଂଖ୍ୟା ୧ (ଏଠାରେ ବାଦୀ) ପୈତୃକ ସମ୍ପତ୍ତିରେ ୪/୬ ଭାଗ ଏବଂ ସ୍ୱର୍ଗତ ଶ୍ରୀ କୁମାର ସାହୁଙ୍କ ଦ୍ୱାରା ସ୍ୱୟଂ ଅର୍ଜିତ ସମ୍ପତ୍ତିରେ ୧/୩ ଭାଗ ସହିତ ସଂଶୋଧିତ ଲାଭର ହକଦାର ଥିଲେ ।

୧୧. ଏଠାରେ ଉଲ୍ଲେଖ କରିବା ଉଚିତ ଯେ,  ଉପରୋକ୍ତରେ ବିଚାର କରୁଥିବା ନ୍ୟାୟାଳୟଙ୍କ ରାୟ ଏବଂ ଆଇନଗତ ଆଦେଶ ବିରୋଧରେ କେବଳ ପ୍ରତିବାଦୀ ସଂଖ୍ୟା  ୧ ହିଁ ଓଡ଼ିଶା ଉଚ୍ଚ ନ୍ୟାୟାଳୟରେ ପ୍ରଥମ ଆବେଦନ ସଂଖ୍ୟା ୩୫୯/୧୯୮୬ କୁ ଦାୟର କରିବା ପାଇଁ ଠିକ ବୋଲି ଭାବିଥିଲେ । ଅଭିଯୋଗରେ ପ୍ରଦତ୍ତ ସ୍ୱର୍ଗତ ଶ୍ରୀ କୁମାର ସାହୁଙ୍କ ସମସ୍ତ ସମ୍ପତ୍ତିକୁ ପୈତୃକ ସମ୍ପତ୍ତି ଭାବେ ବିବେଚନା କରିବା ଲକ୍ଷ୍ୟରେ ଏହି ଆବେଦନ ଦାୟର କରାଯାଇଥିଲା ।

୧୨. ନଥିଭୁକ୍ତ ତଥ୍ୟରୁ ଏହା ଜଣାପଡୁଛି ଯେ ଯେତେବେଳେ ଉପରୋକ୍ତ ପ୍ରଥମ ଆବେଦନ ଉଚ୍ଚ ନ୍ୟାୟାଳୟରେ ବିଚାରାଧୀନ ଥିଲା, ସେତେବେଳେ ପ୍ରତିବାଦୀ ସଂଖ୍ୟା ୨ (ଏହିଠାରେ ଉତ୍ତରଦାତା ସଂଖ୍ୟା ୨) ପ୍ରତିବାଦୀ ସଂଖ୍ୟା ୧ ଙ୍କ  ସହିତ ଏକ ବୁଝାମଣା କରି ବିଚାର କରୁଥିବା ନ୍ୟାୟାଳୟଙ୍କ ଆଇନଗତ ଆଦେଶ ଅନୁସାରେ ଅନୁସୂଚୀ 'କ' ଓ 'ଖ' ରେ ଥିବା ସମ୍ପତ୍ତିର କିଛି  ଅଂଶକୁ ନିଷ୍ପତି ପୂର୍ବକ ଟ ୫୦,୦୦୦/- ଙ୍କା ବିନିମୟରେ  ସେ ତାଙ୍କର ଅଂଶ ପରିତ୍ୟାଗ କରିଥିଲେ।ଉପରୋକ୍ତ ପରିସ୍ଥିତିରେ  ତା ୨୯.୦୩.୧୯୯୧ ରିଖରେ ପ୍ରତିବାଦୀ ସଂଖ୍ୟା ୧  ଓ ୨ଯଥାକ୍ରମେ ଏକ ବୁଝାମଣା ପତ୍ରକୁ ଯଥାବିଧି ହସ୍ତାକ୍ଷର ମତେ ଏକ ଶପଥପାଠକୁ  ଉଚ୍ଚ ନ୍ୟାୟାଳୟରେ ଦାୟର କରିଥିଲେ, ଯାହାକୁ ଉପରୋକ୍ତ ପ୍ରଥମ ଆବେଦନ ସଂଖ୍ୟା ୩୫୯/୧୯୮୬ ରେ ବିବିଧ ମାମଲା ସଂଖ୍ୟା ୬୪୩/୧୯୯୦ ଭାବରେ ପଞ୍ଜୀକୃତ ହେବା ପାଇଁ ଆସିଥିଲା ।

୧୩. ଉଚ୍ଚ ନ୍ୟାୟାଳୟର ମାନ୍ୟବର  ଏକକ ବିଚାରପତି  ପ୍ରଥମ ଆବେଦନ ସଂଖ୍ୟା ୩୫୯/୧୯୮୬ ର ଫଇସଲା କରିବା ସମୟରେ ନିମ୍ନଲିଖିତ  ମତ ରଖିଥିଲେ :

*“୪.  ଏହି ଆବେଦନରେ ପ୍ରଥମେ କୁହାଯାଇଛି ଯେ ଜଣେ ପିତା ତାଙ୍କ  ଜୀବନକାଳ ମଧ୍ୟରେ କିଛି ନିର୍ଦ୍ଦିଷ୍ଟ ସମ୍ପତ୍ତି ଝିଅମାନଙ୍କୁ ଦେଇ ପାରନ୍ତି ଏବଂ ବିବାହ ସମୟରେ ସେମାନଙ୍କୁ କିଛି ନିର୍ଦ୍ଦିଷ୍ଟ  ସମ୍ପତ୍ତି ଉପହାର ଆକାରରେ  ଦେଇଥାଇ ପାରନ୍ତି ଏବଂ ଅନ୍ୟକିଛି ସମ୍ପତ୍ତି ଦୁଇ ଝିଅ ଅର୍ଥାତ ବାଦୀ ଓ ପ୍ରତିବାଦୀ ସଂଖ୍ୟା ୨  ଙ୍କ ନାମରେ ପିତାଙ୍କ ଦ୍ୱାରା କ୍ରୟ କରାଯାଇଥିବ,ତେଣୁ ପିତାଙ୍କ ମୃତ୍ୟୁ ପରେ କୌଣସି ଅଲଗା ଭାଗରେ ସେମାନଙ୍କର ଅଧିକାର ନହିଁ ।*

୫. ଝିଅ ମାନଙ୍କ ବାହାଘର ସମୟରେ ସେମାନଙ୍କ ସପକ୍ଷରେ ଯାହାକିଛି ଥିବା ଦତ୍ତ ପତ୍ରଗୁଡିକର ବିଧିମାନ୍ୟତାରେ କୌଣସି ଆପତ୍ତି ନାହିଁ । ଝିଅମାନଙ୍କ ନାମରେ କେତେକ ନିର୍ଦ୍ଦିଷ୍ଟ ସମ୍ପତ୍ତି କ୍ରୟ କରାଯାଇଛି ବୋଲି କୌଣସି ସଠିକ ତଥ୍ୟ ନାହିଁ ବରଂ ନାମକୁ ମାତ୍ର ସେମାନଙ୍କ ନାମରେ କ୍ରୟ କରାଯାଇଥିଲା ଏବଂ ପ୍ରକୃତରେ ସେହି ସମ୍ପତ୍ତି ବାପାଙ୍କର ଥିଲା । ତେଣୁ, ଏପରିକି କେତେକ ନିର୍ଦ୍ଦିଷ୍ଟ ସମ୍ପତ୍ତି ବାଦୀ ଏବଂ ପ୍ରତିବାଦୀ ସଂଖ୍ୟା ୨ଙ୍କ ନାମରେ ଦାନ କରଯାଇଥିଲା ଏବଂ କ୍ରୟ କରାଯାଇଥିଲା ବୋଲି ଭାବି, ପିତାଙ୍କ ମୃତ୍ୟୁ ପରେ ବାଦୀ ଓ ପ୍ରତିବାଦୀ ସଂଖ୍ୟା ୨ ଙ୍କ ଉତ୍ତରାଧିକାର ଅଧିକାରକୁ ସେ କାରଣ ପାଇଁ ରଦ୍ଦ କରାଯାଇ ପାରିବ ନାହିଁ ।

୬. ଆବେଦନକାରୀଙ୍କ ପାଇଁ ବିଦ୍ଵାନ ଓକିଲ ମଧ୍ୟ ଯୁକ୍ତି ବାଢିଥିଲେ ଯେ ପ୍ରତିବାଦୀ ସଂଖ୍ୟା ୧ ଙ୍କର କିଛି ସ୍ଵୟଂ ଅର୍ଜିତ ସମ୍ପତ୍ତି ଥିଲା । ଲିଖିତ ବିବୃତି ଅନୁଧ୍ୟାନରୁ ଜଣାପଡିଛି ଯେ ଲିଖିତ ବିବୃତ୍ତିରେ ଏପରି କୌଣସି ନିର୍ଦ୍ଦିଷ୍ଟ ଘଟଣା ନାହିଁ କିମ୍ବା ନଥିରେ ଏପରି କୌଣସି ତଥ୍ୟ ଉପଲବ୍ଧ ନାହିଁ । କୌଣସି ପ୍ରମାଣ ନଥିବା କାରଣରୁ ଆବେଦନକାରୀଙ୍କ ଦ୍ଵାରା ଉଠାଯାଇଥିବା ଏପରି ଯୁକ୍ତିକୁ ଗ୍ରହଣ କରିବା କଷ୍ଟକର ।

<u>୭. ଆବେଦନକାରୀଙ୍କ ତରଫରୁ ହାଜର ହୋଇଥିବା ଶ୍ରୀମାନ ଓକିଲ ଯୁକ୍ତି ବାଢିଥିଲେ ଯେ ଆବେଦନ ବିଚାରଧୀନ ଥିବା ସମୟରେ, ବର୍ତ୍ତମାନର ଅବେଦନକାରୀ ଏବଂ ଉତ୍ତରଦାତା ସଂଖ୍ୟା ୨ ଙ୍କ ମଧ୍ୟରେ ଏକ ବୁଝାମଣା ହୋଇଥିଲା , ଯେଉଁଥିରେ ଉତ୍ତରଦାତା ସଂଖ୍ୟା ୨ ପ୍ରତିବାଦୀ ସଂଖ୍ୟା ୧ ଙ୍କ ସପକ୍ଷରେ ନିଜର ଅଂଶ ଛାଡି ଦେଇଛନ୍ତି ।ଯେହେତୁ ଏପରି ବୁଝାମଣା ଅନ୍ୟପକ୍ଷରେ ଆଇନ ସମତଃ ଅଟେ ଏବଂ ଏହା ବାଦୀଙ୍କ ଅଧିକାରରେ ପ୍ରତିକୁଳାତ୍ମକ ପ୍ରଭାବ ପକାଏ ନାହିଁ , ତେଣୁ ଏହାକୁ କାର୍ଯ୍ୟକାରୀ କରାଯାଇପାରିବ ଏବଂ ତଦନୁସାରେ ବିଚାର କରୁଥିବା ନ୍ୟାୟାଳୟଙ୍କ ଆଇନଗତ ଆଦେଶରେ ପରିବର୍ତ୍ତନ କରାଯିବା</u>

<u>୮. ଏହିପରି, ଯଦିଓ ଆବେଦନକାରୀଙ୍କର ଅନ୍ୟ ସମସ୍ତ ଯୁକ୍ତି ଗ୍ରହଣୀୟ ନୁହେଁ, ଆପୋଷ ବୁଝାମଣାକୁ ଦୃଷ୍ଟିରେ ରଖି ବିଚାର କରୁଥିବା ନ୍ୟାୟାଳୟଙ୍କ ଆଇନଗତ ଆଦେଶର ଆଂଶିକ ପରିବର୍ତ୍ତନ ସ୍ଵରୂପ ପ୍ରତିବାଦୀ ସଂଖ୍ୟା ୧ ମଧ୍ୟ ଉତ୍ତରଦାତା ସଂଖ୍ୟା ୨ ଙ୍କର ଭାଗ ପାଇବା ପାଇଁ ହକଦାର ହେବେ । ଅନ୍ୟ ପକ୍ଷରେ , ସେ ପୈତୃକ ସମ୍ପତ୍ତିରେ ୫/୬ ଭାଗ ଏବଂ ବିଚାର କରୁଥିବା ନ୍ୟାୟାଳୟ ଦ୍ଵାରା ନିର୍ଦ୍ଧାରିତ ଅଲଗା ସମ୍ପତ୍ତିରେ ମଧ୍ୟ ୨/୩ ଭାଗ ପାଇବା ପାଇଁ ହକଦାର ହେବ।ଉପରୋକ୍ତ ଭାବେ ବିଚାର କରିଥିବା ଅଦାଲତଙ୍କ ଆଇନଗତ ଆଦେଶକୁ ସଂଶୋଧନ କରାଗଲା ।</u>

୯. ଏହା ପ୍ରତୀୟମାନ ହେଉଛି ଯେ ଆବେଦନ ବିଚାରଧୀନ ଥିବା ସମୟରେ ବିଭିନ୍ନ ସମୟରେ ଗ୍ରହୀତାମାନଙ୍କ ନିଯୁକ୍ତି କରାଯାଇଥିଲା ଏବଂ ବର୍ତ୍ତମାନ ପ୍ରତିବାଦୀ ସଂଖ୍ୟା ୧ - ଯିଏକି ଏଠାରେ ଅବେଦନକାରୀ, ଗ୍ରହୀତା କାର୍ଯ୍ୟ ଜାରି ରଖିଛନ୍ତି । ଏହା ମଧ୍ୟ ଜଣାପଡୁଛି ଯେ ଏହି ଅଦାଲତରେ ନିର୍ଦ୍ଦିଷ୍ଟ ଅର୍ଥ ଜମା କରାଯାଇଛି ଯାହାକୁ ସ୍ଥାୟୀ ଜମା ଆକାରରେ ରଖାଯାଇଛି । ସର୍ବାଧିକ ସୁଧ ପାଇବାକୁ ଏହି ନ୍ୟାୟାଳୟରେ ଥିବା ସ୍ଥାୟୀ ଜମା ରାଶିକୁ ସମୟାନୁସାରେ ଉପଯୁକ୍ତ ଅବଧି ପାଇଁ ନବୀକରଣ

*କରାଯିବ । ଯେଉଁ ରାଶିକୁ ଏପର୍ଯ୍ୟନ୍ତ ସ୍ଥାୟୀ ଜମା ଭାବେ ରଖାଯାଇନାହିଁ ତାହାକୁ ମଧ୍ୟ ସମାନ ଭାବେ ସ୍ଥାୟୀ ଜମା ଆକାରରେ ରଖାଯିବ, ଯାହାଫଳରେ ଚୂଡ଼ାନ୍ତ ଆଇନଗତ ଆଦେଶ ଶେଷ ହେବା ପରେ ଚୂଡ଼ାନ୍ତ ଆଇନଗତ ଆଦେଶ ଅନୁଯାୟୀ ଏହି ରାଶିକୁ ବିତରଣ କରାଯାଇ ପାରିବ । ଯଦି ପକ୍ଷମାନେ କୌଣସି ଆପୋସ ବୁଝାମଣାକୁ ନ ଆସନ୍ତି, ତେବେ ବାଦୀ କିମ୍ବା ପ୍ରତିବାଦୀ ସଂଖ୍ୟା ୧ ଚୂଡ଼ାନ୍ତ ଆଇନଗତ ଆଦେଶର ପ୍ରକ୍ରିୟାକୁ ତ୍ୱରାନ୍ୱିତ କରି ପାରିବେ । ନ୍ୟାୟସଙ୍ଗତ ବ୍ୟୟ ଆଦି କ୍ଷେତ୍ରରେ ଆବଶ୍ୟକ ସମନ୍ୱୟ ଆଣିବା ପରେ ବିଚାର କରୁଥିବା ନ୍ୟାୟାଳୟ ବର୍ତ୍ତମାନ ଦର୍ଶାଯାଇଥିବା ରାୟର ଭାଗ ଅନୁଯାୟୀ ଅର୍ଥ ବଣ୍ଟନ ସଂକ୍ରାନ୍ତରେ ନିର୍ଦ୍ଦେଶ ଜାରି କରିବେ ।ଗ୍ରହୀତା ଏଣିକି ବିଚାର କରୁଥିବା ନ୍ୟାୟାଳୟଙ୍କ ନିର୍ଦ୍ଦେଶ ଅନୁଯାୟୀ କାର୍ଯ୍ୟ କରିବେ ଏବଂ ସମ୍ପତ୍ତିର ହିସାବ ଏବଂ ରକ୍ଷଣାବେକ୍ଷଣ ଆଦି ସହ ଜଡ଼ିତ ସମସ୍ତ ଆବଶ୍ୟକୀୟ ଦାୟିତ୍ୱ ବିଚାର କରୁଥିବା ନ୍ୟାୟାଳୟଙ୍କ ଦ୍ୱାରା ନିର୍ଦ୍ଧାରଣ କରାଯିବ ଏବଂ ଯଦି ଗ୍ରାହୀତାଙ୍କ ଦ୍ୱାରା କୌଣସି ରାଶି ଜମା କରିବାର ଆବଶ୍ୟକ ପଡେ, ତେବେ ତାହା ବିଚାର କରୁଥିବା ନ୍ୟାୟାଳୟରେ କରାଯିବ, ଯିଏକି ସ୍ଥାୟୀ ଜମା ସମ୍ପର୍କିତ ସମସ୍ତ ବ୍ୟବସ୍ଥା କରିବେ ।ଗ୍ରହୀତା ହଟାଇବା କିମ୍ବା କୌଣସି ନୂଆ ସର୍ତ୍ତ ଲାଗୁ କରିବା ଲାଗି ସମସ୍ତ ପ୍ରାର୍ଥନା ବିଚାର କରୁଥିବା ନ୍ୟାୟାଳୟଙ୍କ ପାଖରେ କରାଯାଇପାରିବ, ଯିଏକି ଏପରି ପ୍ରାର୍ଥନା ସବୁକୁ ସ୍ୱତନ୍ତ୍ର ଭାବେ ବିଚାର କରିପାରିବେ ।*

*(ଗୁରୁତ୍ୱ ଦିଆଯାଉଛି)*

୧୪. ପ୍ରତିବାଦୀ ସଂଖ୍ୟା -୧ (ଏଠାରେ ଅବେଦନକାରୀ) ଓଡ଼ିଶା ଉଚ୍ଚ ନ୍ୟାୟାଳୟର ନିୟମାବଳୀ, ୧୯୪୮ର ଅଧ୍ୟାୟ ୬ ଅଧୀନରେ ଏକସ୍ୱ ପତ୍ର ଆବେଦନ ଦାଖଲ କରି ମାମଲା ଜାରି ରଖିଥିଲେ।ଏକସ୍ୱପତ୍ର ଆବେଦନ ଏହି ଆଧାରରେ ଦାଖଲ କରାଯାଇଥିଲା ଯେ ଉଚ୍ଚନ୍ୟାୟାଳୟର ମାନ୍ୟବର ଏକକ ବିଚାରପତି ଏହି ପ୍ରସଙ୍ଗରେ ସଠିକ୍ ନ୍ୟାୟିକ ନିର୍ଣ୍ଣୟ କରିବାରେ ବିଫଳ ହୋଇଥିଲେ ଯେ ଅଭିଯୋଗରେ ଉଲ୍ଲେଖ କରାଯାଇଥିବା କେତେକ ସମ୍ପତ୍ତି ସ୍ୱର୍ଗତ ଶ୍ରୀ କୁମାର ସାହୁଙ୍କ ସ୍ୱୟଂ ଅର୍ଜିତ ସମ୍ପତ୍ତି ଥିଲା କିମ୍ବା ସମସ୍ତ ସମ୍ପତ୍ତି ପୈତୃକ ସମ୍ପତ୍ତି ଥିଲା।

୧୫. ପ୍ରତିବାଦୀ ସଂଖ୍ୟା ୧(ଅବେଦନକାରୀମାନେ ) ଉଚ୍ଚ ନ୍ୟାୟାଳୟର ଦୁଇଜଣିଆ ଖଣ୍ଡପୀଠଙ୍କ ପାଖରେ ଏହି ଆବଶ୍ୟକତା ଆଧାରରେ ଆବେଦନ କରିଥିଲେ ଯେ ସମସ୍ତ ସମ୍ପତ୍ତି ପୈତୃକ ସମ୍ପତି ଥିଲା , ତେଣୁ ବର୍ତ୍ତମାନ ଥିବା ସମସ୍ତ ସମ୍ପତି ପୈତୃକ ସମ୍ପତ୍ତିର କେନ୍ଦ୍ରବିନ୍ଦୁ ଅଟେ । ଏଏଚଓ ସଂଖ୍ୟା -୧୩୩ /୨୦୦୦ ନାମରେ ଏହି ଆବେଦନ ଦୁଇଜଣିଆ ଖଣ୍ଡପୀଠଙ୍କ ପାଖରେ ପଞ୍ଜୀକରଣ କରାଯାଇଥିଲା ।

୧୬. ତା ୨୮.୦୬.୨୦୦୧ ରିଖରେ ପ୍ରତିବାଦୀ ସଂଖ୍ୟା ୨ (ଏଠାରେ ଉତ୍ତରଦାତା ସଂଖ୍ୟା ୨ ) ଏଏଚଓ ସଂଖ୍ୟା ୧୩୩/୨୦୦୦ ରେ ପାଲଟା ଆବେଦନ ମାଧ୍ୟମରେ ଉପରୋକ୍ତ ବନ୍ଦୋବସ୍ତ ଦଲିଲର ନ୍ୟାୟୀକ ସ୍ଥିତି ଉପରେ ଆପତ୍ତି ଉଠାଇଛନ୍ତି ।

୧୭. ଏଠାରେ ଆବେଦନକାରୀଙ୍କ ଦ୍ୱାରା ଦାଖଲ କରାଯାଇଥିବା ଏକସ୍ୱପତ୍ର ଆବେଦନରେ ଅଦାଲତ ସ୍ୱୟଂ ସମ୍ବୋଧିତ କରି ନିମ୍ନଲିଖିତ ତଥ୍ୟ ଉପରେ ନିଷ୍ପତ୍ତି ନିର୍ଦ୍ଧାରିତ କଲେ :

*"(i) ବିଚାର କରୁଥିବା ମାନ୍ୟବର ବିଚାରପତିଙ୍କ ଦ୍ୱାରା ବିବାଦୀୟ ପ୍ରସଙ୍ଗରେ ଅଭିଲେଖନ କରାଯାଇଥିବା ତଥ୍ୟ ଓ କାରଣମାନ ଆଇନ ଅନୁଯାୟୀ ଭ୍ରମାତ୍ମକ ଅବା ତ୍ରୁଟି ଥିବାର କାରଣପାଇଁ ଏହି ନ୍ୟାୟାଳୟ ନିଜର କ୍ଷମତା ପ୍ରୟୋଗ ପୂର୍ବକ ହସ୍ତକ୍ଷେପ କରିବା ପାଇଁ ବାଧ ହେଉଛନ୍ତି ?*

*(ii) ଯଦି ପ୍ରଥମ ଆବେଦନ ବିଚାରପତି, ବିଚାର କରୁଥିବା ମାନ୍ୟବର ଅଦାଲତଙ୍କ ଦ୍ୱାରା ବିବାଦୀୟ ପ୍ରସଙ୍ଗରେ ପ୍ରଥମ ପ୍ରତିବାଦୀଙ୍କ ଅନୁରୋଧକ୍ରମେ ଅଭିଲିଖିତ ହୋଇଥିବା ଉପଯୁକ୍ତ ତଥ୍ୟକୁ ବିଚାର କରିନଥିବେ, ଏହି ଆବେଦନର ଆକ୍ଷେପିତ ରାୟରେ ଏହି ନ୍ୟାୟାଳୟଙ୍କର ହସ୍ତକ୍ଷେପ କରିବାର ଆବଶ୍ୟକତା ଅଛି, ଯଦିଓ ଏକସ୍ୱପତ୍ର ଆବେଦନ ରେ ହିଁ ଏହି ଅଦାଲତଙ୍କ କ୍ଷେତ୍ରାଧିକାର ପ୍ରଥମ ଆବେଦନ ଅଦାଲତଙ୍କ ଅନୁରୂପ ଅଛି ?*

*(iii) ବିଚାର୍ଯ୍ୟ ବିଷୟ ସଂଖ୍ୟା ୫ ରେ ଅଭିଲିଖିତ ହୋଇଥିବା ତଥ୍ୟମାନ ଯଥା ସୂଚିତ ବିବାଦୀୟ ସମ୍ପତ୍ତି ସ୍ୱର୍ଗତ କୁମାର ସାହୁଙ୍କ ଦ୍ୱାରା ସ୍ୱୟଂଅର୍ଜିତ ସମ୍ପତ୍ତି ଯଦି ଆଇନ ଅନୁଯାୟୀ ଭ୍ରମାତ୍ମକ କିମ୍ବା ତ୍ରୁଟିଯୁକ୍ତ ହୋଇଥାଏ ତେବେ ଏହି ଆବେଦନରେ ଏହି ଅଦାଲତ ହସ୍ତକ୍ଷେପ କରିବାପାଇଁ ବାଧ ହେବେ କି ?*

*(iv) ପ୍ରଥମ ଆବେଦନରେ ପ୍ରତିବାଦୀ ସଂଖ୍ୟା ୧ ଏବଂ ୨ଙ୍କ ତରଫରୁ ଓକିଲଙ୍କ ଦ୍ୱାରା ଆପୋସ ସମାଧାନ ଅର୍ଜି କୌଣସି ସ୍ୱତନ୍ତ୍ର ପ୍ରାଧିକରଣ ବିନା ପ୍ରତିବାଦୀ ସଂଖ୍ୟା ୨ ଙ୍କ ଦ୍ୱାରା ଦସ୍ତଖତ କରାଇ ସେମାନଙ୍କ ସପକ୍ଷରେ ଦାଖଲ କରିଛନ୍ତି କି, ଏବଂ ବାଦୀ ଆପୋସ ସମାଧାନ ଅର୍ଜିରେ ପକ୍ଷ ନଥାଇ ମାନ୍ୟବର ଏକକ ବିଚାରପତିଙ୍କ ଦ୍ୱାରା ଗ୍ରହଣ କରାଯାଇ ବିଚାର କରୁଥିବା ନ୍ୟାୟାଳୟଙ୍କ ରାୟରେ ପ୍ରତିବାଦୀ ସଂଖ୍ୟା ୨ ପାଇଁ ପ୍ରଦତ୍ତ ଭାଗରେ ପରିବର୍ତ୍ତନ କରି ପାରିଥାନ୍ତେ, ସେସବୁ ଆଇନ ସଙ୍ଗତ ଏବଂ ବିଧିମାନ୍ୟ ଅଟେ କି ?*

*(v) ପକ୍ଷମାନେ କେଉଁସବୁ ଆଇନଗତ ଆଦେଶ ପାଇବାପାଇଁ ହକଦାର ?"*

୧୮. ଉଚ୍ଚନ୍ୟାୟାଳୟଙ୍କର ଦୁଇଜଣିଆ ଖଣ୍ଡପୀଠ ତା୦୫.୦୫.୨୦୧୧ରିଖରେ ଏହାର ଆକ୍ଷେପିତ ରାୟ ଏବଂ ଆଦେଶ ଦ୍ୱାରା ପ୍ରତିବାଦୀ ସଂଖ୍ୟା ୧ ଙ୍କ ଦ୍ୱାରା ଆଗତ ହୋଇଥିବା ଆବେଦନ ଯଥା ଏଏଚଓ ସଂଖ୍ୟା ୧୩୩/୨୦୦୦ କୁ ଖାରଜ କରିଥିଲେ ଏବଂ ପ୍ରତିବାଦୀ ସଂଖ୍ୟା ୨ ଙ୍କ ଦ୍ୱାରା ଆଗତ ପାଲଟା ଆବେଦନକୁ ଅନୁମତି ପ୍ରଦାନ କରିଥିଲେ । ତେଣୁ ଉଚ୍ଚନ୍ୟାୟଳୟଙ୍କ ଦୁଇଜଣିଆ ଖଣ୍ଡପୀଠ ପ୍ରତିବାଦୀ ମାନଙ୍କ ମଧ୍ୟରେ ହୋଇଥିବା ଆପୋସ ସମାଧାନକୁ ଉପେକ୍ଷା କରିଛନ୍ତି ।

୧୯. ଉପରୋକ୍ତ ସନ୍ଦର୍ଭରେ ଅବେଦନକାରୀମାନେ (ମୂଳ ପ୍ରତିବାଦୀ ସଂଖ୍ୟା ୧ ର ଉତ୍ତରାଧିକାରୀ) ବର୍ତ୍ତମାନର ଆବେଦନଗୁଡିକ ସହିତ ଏହି ନ୍ୟାୟାଳୟ ସମ୍ମୁଖରେ ଉପସ୍ଥିତ ଅଛନ୍ତି।

**<u>ଆବେଦନକାରୀମାନଙ୍କ ତରଫରୁ କରାଯାଇଥିବା ଉପସ୍ଥାପନା</u>**

୨୦. ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଅଧିବକ୍ତା ଶ୍ରୀ ଆର ବସନ୍ତ ଜୋରଦେଇ କହିଥିଲେ ଯେ ଅନୁସୂଚୀ 'ଞ' (୧ ରୁ ୮ସମ୍ପତ୍ତିମାନ ) ରେ ଥିବା ସମ୍ପତ୍ତିସବୁ ସ୍ୱର୍ଗତଃ ଶ୍ରୀ କୁମାର ସାହୁଙ୍କର ସ୍ୱୟଂ ଅର୍ଜିତ ସମ୍ପତ୍ତି ବୋଲି

ଅଭିଲିଖିତ କରିବାରେ ନିମ୍ନ ଅଦାଲତଗୁଡ଼ିକ ଗୁରୁତର ତ୍ରୁଟି କରିଛନ୍ତି । ଶ୍ରୀ ବସନ୍ତଙ୍କ କହିବାନୁଯାୟୀ ବାଦୀ ଏବଂ ପ୍ରତିବାଦୀମାନେ ଉତ୍ତରାଧିକାରୀ ସୂତ୍ରେ ପାଇଥିବା ସମସ୍ତ ସମ୍ପତି ପୈତୃକ ସମ୍ପତ୍ତି ଅଟେ ।

୨୧. ଏହା ଉପସ୍ଥାପନା ହୋଇଛି ଯେ ସ୍ୱର୍ଗତଃ ଶ୍ରୀ କୁମାର ସାହୁଙ୍କ ଆୟର କୌଣସି ସ୍ୱାଧୀନ ଉତ୍ସ ଥିବାର କୌଣସି କଥା ନଥିରେ ଦର୍ଶାଯାଇ ନାହିଁ, ଯାହାଦ୍ୱାରା ସେ ତାଙ୍କ ଜୀବନକାଳ ମଧ୍ୟରେ କିଛି ନିର୍ଦ୍ଦିଷ୍ଟ ସମ୍ପତି ଅର୍ଜନ କରିଥିଲେ, ଯାହା ପୈତୃକ ସମ୍ପତ୍ତିର ଅଂଶବିଶେଷ ନୁହେଁ । ଶ୍ରୀ ବସନ୍ତଙ୍କ କହିବା ଅନୁଯାୟୀ, ଅନୁସୂଚୀ ଞ ରେ ଦର୍ଶାଯାଇଥିବା ସମ୍ପତ୍ତିମାନ (୧ ରୁ ୮ ସମ୍ପତ୍ତି) ପୈତୃକ ସମ୍ପତ୍ତିରୁ ପ୍ରାପ୍ତ ଆୟ ସହାୟତାରେ ସ୍ୱର୍ଗୀୟ ଶ୍ରୀ କୁମାର ସାହୁ କିଣିଥିଲେ, ଏବଂ ଏପରି ପରିସ୍ଥିତିରେ ଅନୁସୂଚୀ ଞ ରେ ଦର୍ଶାଯାଇଥିବା ସମ୍ପତିମାନ (୧ ରୁ ୮ ସମ୍ପତ୍ତିମାନ ) ବର୍ତ୍ତମାନ ଥିବା ପୈତୃକ ସମ୍ପତ୍ତିର ଏକ ଅଂଶବିଶେଷ ହେବ, ଯାହାକୁ ବର୍ତ୍ତମାନ ବାଦୀ ଏବଂ ପ୍ରତିବାଦୀମାନେ ପୈତୃକ ସମ୍ପତ୍ତି ହିସାବରେ ଉତ୍ତରାଧିକାର ସୂତ୍ରେ ପାଇଛନ୍ତି ବୋଲି କୁହାଯିବ ।

୨୨. ଏହାପରେ ଶ୍ରୀ ବସନ୍ତ ହିନ୍ଦୁ ଉତ୍ତରାଧିକାର (ସଂଶୋଧନ) ଅଧିନିୟମ ୨୦୦୫ ରୁ (ସଂକ୍ଷିପ୍ତରେ, "ସଂଶୋଧନ ଅଧିନିୟମ ୨୦୦୫" କିମ୍ବା "୨୦୦୫ ସଂଶୋଧନ") ହିନ୍ଦୁ ଉତ୍ତରାଧିକାର ଅଧିନିୟମ ୧୯୫୬ (ସଂକ୍ଷିପ୍ତରେ ଅଧିନିୟମ ୧୯୫୬)ର ପ୍ରଭାବ ଉପରେ ନ୍ୟାୟାଳୟକୁ ସମ୍ବୋଧିତ କରିଥିଲେ।ସେ କହିଥିଲେ ଯେ ଏହି ସବୁ ଅନେକ ବର୍ଷ ପରେ ଅଧିନିୟମ ୧୯୫୬ ର ଧାରା ୬ ରେ ହୋଇଥିବା ସଂଶୋଧନ ଦ୍ୱାରା ଅଧିକାରମାନ ପ୍ରଭାବିତ ହେଉଛି ବୋଲି ଉତ୍ତରଦାତାଙ୍କ ଅନୁରୋଧକୁ ଅନୁମତି ପ୍ରଦାନ କରାଯିବା ଉଚିତ ନୁହେଁ । ସେ ପୁନଃ ଉପସ୍ଥାପନା କରିଛନ୍ତି ଯେ ଏହି ମୂହୁର୍ତ୍ତ ପାଇଁ ଧରନ୍ତୁ ଯେ ୨୦୦୫ ର ସଂଶୋଧନରେ ପକ୍ଷମାନଙ୍କ ଅଧିକାରରେ, ବିଶେଷ କରି ଭଉଣୀମାନଙ୍କୁ ସହ ଉତ୍ତରାଧିକାରୀ ଭାବେ ପରିବର୍ତ୍ତନ କରାଯାଇଛି, ତଥାପି ବନ୍ଦୋବସ୍ତ ଦଲିଲ ଅନୁସାରେ କୁହାଯାଇପାରେ ଯେ ଉତ୍ତରଦାତା ସଂଖ୍ୟା ୨ (ଏଠାରେ ମୂଳ ପ୍ରତିବାଦୀ ସଂଖ୍ୟା ୨)ଙ୍କର ଅଧିକାର ଲୋପ ପାଇଯାଇଛି ଏବଂ ଆବେଦନକାରୀମାନଙ୍କୁ ପ୍ରଦାନ କରାଯାଇଛି । ସେ କହିଛନ୍ତି ଯେ ପ୍ରତିବାଦୀ ସଂଖ୍ୟା ୧ ଙ୍କ ସପକ୍ଷରେ ପ୍ରତିବାଦୀ ସଂଖ୍ୟା ୨ ତାଙ୍କର ସମ୍ପୂର୍ଣ୍ଣ ଅଂଶର ହସ୍ତାନ୍ତରଣ ବିବାଦିତ ସମ୍ପତ୍ତିରେ ଥିବା ତାଙ୍କର ଅଂଶ/ଅଧିକାର କୁ ତାଙ୍କ ସ୍ୱଇଚ୍ଛାରେ ଅର୍ପଣ ହେବ । ୧୯୯୧ ମସିହାରେ ହୋଇଥିବା ନିଷ୍ପତ୍ତିକୁ ୨୦୦୫ ମସିହାର ସଂଶୋଧନ ଆଧାରରେ ଅବ୍ୟବସ୍ଥିତ କରିବାକୁ ଅନୁମତି ଦିଆଯାଇ ପାରିବ ନାହିଁ।

୨୩ . ସେ ନିବେଦନ କରିଥିଲେ ଯେ ୨୦୦୫ ର ସଂଶୋଧନ, ୧୯୬୫ମସିହା ଏବଂ ୨୦୦୫ ମସିହା ମଧ୍ୟରେ ହୋଇଥିବା ସମ୍ପତି ହସ୍ତାନ୍ତରଣକୁ ପିଛିଲା ଭାବେ ସାଂଘାତିକ ପ୍ରଭାବିତ କରିବ ଏବଂ ଏପରି ପରିସ୍ଥିତିରେ, ପ୍ରତିବାଦୀ ସଂଖ୍ୟା ୧(ବାଦୀ)ଙ୍କର ଯଦି କୌଣସି ଅଧିକାର ଥାଏ ତେବେ ଅଣ ହସ୍ତାନ୍ତରିତ

/ଭାରକ୍ରାନ୍ତ ପୈତୃକ ସମ୍ପତ୍ତି,ଯାହା ଯୌଥ ପରିବାର ସମ୍ପତ୍ତି ଅଟେ ତାହା ତା ୨୦.୧୨.୨୦୦୪ ରିଖ ଠାରୁ ବର୍ଦ୍ଧିତ ଉତ୍ତରାଧିକାରୀଙ୍କୁ ପ୍ରାପ୍ତ ହେବ ।

୨୪. ଶ୍ରୀ ବସନ୍ତ କହିଥିଲେ ଯେ ସମ୍ଭବତଃ ତା ୨୦.୧୨.୨୦୦୪ ରିଖ ପୂର୍ବରୁ ସମ୍ପତ୍ତି ହସ୍ତାନ୍ତରଣ ହୋଇଥାଇ ପାରେ, ତେଣୁ କେଉଁ ସବୁ ସମ୍ପତ୍ତି ବିଭାଜନ ପାଇଁ ଉପଲବ୍ଧ ଅଛି ତାହାକୁ ସୁନିଶ୍ଚିତ କରିବା ପାଇଁ ପୁନଃ ଖୋଲାଯାଇ ପାରିବ ନାହିଁ , ତେଣୁ ଏହି ମାମଲାକୁ ବିଚାର କରୁଥିବା ନ୍ୟାୟାଳୟଙ୍କ ପାଖକୁ ପଠାଯିବା ଉଚିତ ।

୨୫. ସେ ଆହୁରି କହିଥିଲେ ଯେ ଅଧିନିୟମ ୧୯୫୬ ଧାରା ୬ ର ଉପ-ଧାରା (୧) ର ସର୍ତ୍ତାବଳୀ (ତା୦୯.୦୯.୨୦୦୫ରିଖରେ ସଂଶୋଧିତ) ଅନୁଯାୟୀ ତା ୨୦.୧୨.୨୦୦୪ରିଖ ପୂର୍ବରୁ ହୋଇଥିବା ସମ୍ପତ୍ତିର ଦାନ କିମ୍ବା ହସ୍ତାନ୍ତରଣ ବିଭାଜନ କିମ୍ବା ଦାନ ସମ୍ପତ୍ତିର ଲିଖିତ ଦସ୍ତାବିଜ ସବୁକୁ ୨୦୦୫ ମସିହାର ସଂଶୋଧନ କ୍ରମେ ଅବୈଧ କିମ୍ବା ରଦ୍ଦ କରାଯାଇ ପାରିବ ନାହିଁ ।

୨୬. ଶ୍ରୀ ବସନ୍ତ ତାଙ୍କ ଉପରୋକ୍ତ ବକ୍ତବ୍ୟର ସମର୍ଥନରେ (୨୦୨୦ ) ୯ ଏସସିସି ୧ ରେ ସୂଚିତ କରାଯାଇଥିବା **ବିନୀତା ଶର୍ମା ବନାମ ରାକେଶ ଶର୍ମା ଏବଂ ଅନ୍ୟମାନେ** ମାମଲାରେ ଏହି ନ୍ୟାୟାଳୟର ନିର୍ଣ୍ଣୟ ବିଶେଷ କରି, ପୃଷ୍ଠା ୫୮ ର ଅନୁଚ୍ଛେଦ ୭୬ ରେ ଦିଆଯାଇଥିବା ମନ୍ତବ୍ୟ ପ୍ରତି ଏହି ନ୍ୟାୟାଳୟର ଧ୍ୟାନ ଆକର୍ଷଣ କରିଥିଲେ ଯାହାକୁ ଏହିପରି ପଠନ କରାଯାଏ :

> *"୭୬. ଏହାକୁ ନେଇ ତର୍କ ହୋଇଥିଲା ଯେ ଯଦି ୨୦୦୫ ମସିହା ପୂର୍ବରୁ ଯେଉଁମାନେ ଜନ୍ମଗ୍ରହଣ କରିଥିବେ, ସେମାନଙ୍କୁ ସହ ଉତ୍ତରାଧିକାରୀର ମାନ୍ୟତା ପ୍ରଦାନ କରିବା ପାଇଁ ଯଥେଷ୍ଟ ବୋଲି ସଂସଦ ଚାହୁଁଥିଲା ତେବେ ସଂସଦକୁ ଧାରା ୬ ( ୧ ) ର ସର୍ତ୍ତାବଳୀ ପ୍ରଣୟନ କରିବାର ଆବଶ୍ୟକତା ନଥିଲା । ଯେତେବେଳେ ଆମେ ଏହି ବ୍ୟବସ୍ଥାଗୁଡ଼ିକୁ ମିଳିତ ଭାବେ ପଢୁଛୁ, ଯେତେବେଳେ ଝିଅକୁ ପୁଅକୁ ଜନ୍ମରୁ ପ୍ରଦାନ ଅଧିକାର ଭଳି ସହଉତ୍ତରାଧିକାରୀ ଭାବେ ଅଧିକାର ପ୍ରଦାନ କରାଯାଇଛି, ତେବେ ତା ୨୦.୧୨.୨୦୦୪ ରିଖ ପୂର୍ବରୁ ହୋଇଥିବା ସମ୍ପତ୍ତି ଦାନ କିମ୍ବା ହସ୍ତାନ୍ତରଣ,କୌଣସି ସମ୍ପତ୍ତି ବିଭାଜନ କିମ୍ବା ଇଚ୍ଛାପତ୍ର ସମ୍ବନ୍ଧୀୟ ଉତ୍ତରାଧିକାରୀ ଙ୍କୁ ସୁରକ୍ଷା ପ୍ରଦାନ କରିବା ଆବଶ୍ୟକ ଅଟେ । ତା ୯-୯-୨୦୦୫-ରିଖ ଠାରୁ ଗୋଟିଏ ଝିଅ ନିଜର ଅଧିକାର ଜାହିର କରିପାରିବ ଏବଂ ଏହି ସର୍ତ୍ତାବଳୀ ଉପରୋକ୍ତ କାରବାରକୁ ଅଗ୍ରାହ୍ୟ କରିବାରୁ ରକ୍ଷା କରିବ ।"*
>
> *(ଗୁରୁତ୍ୱ ଦିଆଯାଇଛି)*

୨୭. ଶ୍ରୀ ବସନ୍ତ କହିଥିଲେ ଯେ ଯଥାକ୍ରମେ ପ୍ରତିବାଦୀ ସଂଖ୍ୟା ୧ ଏବଂ ୨ଙ୍କ ମଧ୍ୟରେ ହୋଇଥିବା ବୁଝାମଣା ପତ୍ରର ବୈଧତା ଏବଂ କାର୍ଯ୍ୟାନ୍ୱୟନ ଉପରେ ଉଚ୍ଚ ନ୍ୟାୟାଳୟଙ୍କର ବିଚାର କରିବାର କୌଣସି ଉଚିତ କାରଣ ନାହିଁ । ଯଦି ସମସ୍ତ ସମ୍ପତ୍ତିକୁ ପୈତୃକ ସମ୍ପତ୍ତି ବୋଲି ବିବେଚନା କରାଯାଏ, ତେବେ ବାଦୀ ମୋଟ ପୈତୃକ ସମ୍ପତ୍ତିର ୧/୬ ଭାଗ ପାଇବା ପାଇଁ ହକଦାର ଯେତେବେଳେ ପ୍ରତିବାଦୀ ସଂଖ୍ୟା ୧ ମୋଟ ପୈତୃକ ସମ୍ପତ୍ତିର

୫ /୬ ଭାଗ ପାଇବା ପାଇଁ ହକଦାର ହେବେ । ସେ କହିଥିଲେ ଯେ, କସ୍ମିନ କାଳେ ଅନୁସୂଚି ଙ (୧ ରୁ ୮ ସମ୍ପତି ) ରେ ପ୍ରଦତ୍ତ ସମ୍ପତ୍ତିମାନ ସବୁ ସ୍ୱୟଂ ଅର୍ଜିତ ବୋଲି ନିର୍ଦ୍ଧାରିତ ହୁଏ, ତେବେ ବାଦୀ ପୈତୃକ ସମ୍ପତ୍ତିର ୧/୬ ଭାଗ ପାଇବା ପାଇଁ ହକଦାର ଏବଂ ସ୍ୱୟଂ ଅର୍ଜିତ ସମ୍ପତ୍ତିରେ ୧/୩ ଭାଗ, ଯେତେବେଳେ ପ୍ରତିବାଦୀ ସଂଖ୍ୟା ୧ ମୋଟ ପୈତୃକ ସମ୍ପତ୍ତିର ୫/୬ ଭାଗ ପାଇବାପାଇଁ ହକଦାର ହେବେ ଏବଂ ସ୍ୱୟଂ ଅର୍ଜିତ ସମ୍ପତ୍ତିରେ ୨/୩ ଭାଗ ପାଇବେ ।

୨୮. ପ୍ରତିବାଦୀ ସଂଖ୍ୟା ୧ ଏବଂ ୨ ଙ୍କ ମଧ୍ୟରେ ଯଥାକ୍ରମେ ହୋଇଥିବା ବୁଝାମଣା ଆଇନଗତ, ନ୍ୟାୟସଂଗତ ଏବଂ ଉପଯୁକ୍ତ ବୋଲି ତାଙ୍କ ବକ୍ତବ୍ୟର ସମର୍ଥନରେ ସେ ଏହି ନ୍ୟାୟାଳୟର ନିମ୍ନଲିଖିତ ନିଷ୍ପତ୍ତିକୁ ନିର୍ଭର କରିଥିଲେ:

**(i)** ***ବାଇ ଚଞ୍ଚଳ ଏବଂ ଅନ୍ୟମାନେ ବନାମ ସୟଦ ଜଲାଲୁଦ୍ଦିନ ଏବଂ ଅନ୍ୟମାନେ*** ମାମଲା (୧୯୭୦)୩ ଏସସିସି ୧୨୪ ଅନୁଚ୍ଛେଦ ୮ରେ ପ୍ରକାଶ ପାଇଛି,

**(ii)** ***ବୈରାମ ପେଷ୍ଟୋନଜୀ ଗରିୱାଲା ବନାମ ୟୁନିୟନ ବ୍ୟାଙ୍କ ଅଫ ଇଣ୍ଡିଆ ଏବଂ ଅନ୍ୟମାନେ*** ମାମଲା (୧୯୯୨ ) ୧ ଏସସିସି ୩୧ ଅନୁଚ୍ଛେଦ ୩୮ ରୁ ୪୧ ରେ ପ୍ରକାଶ ପାଇଛି,

**(iii)** ***ଡି. ଏସ୍. ଲକ୍ଷମାଇଆ ଏବଂ ଅନ୍ୟଜଣେ ବନାମ ଏଲ. ବାଲାସୁବ୍ରମଣ୍ୟମ ଏବଂ ଅନ୍ୟଜଣେ*** ମାମଲା (୨୦୦୩ ) ୧୦ ଏସସିସି ୩୧୦, ଅନୁଚ୍ଛେଦ ୧୮ ରେ ପ୍ରକାଶ ପାଇଛି,

**(iv)** ***ଜିନେଶ୍ୱରଦାସ (ମୃତ) ଉତ୍ତରାଧିକାରୀମାନଙ୍କ ଦ୍ୱାରା ଏବଂ ଅନ୍ୟମାନେ ବନାମ ଜଗରାନୀ (ଶ୍ରୀମତୀ) ଏବଂ ଅନ୍ୟ ଜଣେ*** *ମାମଲା* (୨୦୦୩) ୧୧ ଏସସିସି ୩୭୨ ଅନୁଚ୍ଛେଦ ୭ -୮ ରେ ପ୍ରକାଶ ପାଇଛି ଏବଂ

**(v)** ***ପୁଷ୍ପା ଦେବୀ ଭଗତ (ମୃତ), ଉତ୍ତରାଧିକାରୀ ସାଧନା ରାୟ (ଶ୍ରୀମତୀ)ଙ୍କ ଜରିୟାରେ ବନାମ ରାଜିନ୍ଦର ସିଂ ଏବଂ ଅନ୍ୟମାନେ,*** ମାମଲା (୨୦୦୬ ) ୫ ଏସସିସି ୫୬୬ ଅନୁଚ୍ଛେଦ ୧୮, ୧୯, ୨୩-୨୫ରେ ପ୍ରକାଶ ପାଇଛି ।

୨୯. ଉପରୋକ୍ତ ସନ୍ଦର୍ଭରେ ଶ୍ରୀ ବସନ୍ତ ଅନୁରୋଧ କରିଛନ୍ତି ଯେ ତାଙ୍କ ଆବେଦନରେ ଯୋଗ୍ୟତା ଥିବାରୁ ତାହାକୁ ଅନୁମତି ଦିଆଯାଉ ଏବଂ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ପାରିତ ଆକ୍ଷେପିତ ରାୟ ଏବଂ ଆଦେଶକୁ ତଦନୁସାରେ ସଂଶୋଧିତ କରାଯାଉ ।

**ଉତ୍ତରଦାତା ସଂଖ୍ୟା ୧ (ମୂଳ ବାଦୀ) ଙ୍କ ଦ୍ୱାରା ଦାଖଲ କରାଯାଇଥିବା ଉପସ୍ଥାପନା**

୩୦. ବିଦ୍ୱାନ ଓକିଲ ସୁଶ୍ରୀ ବି. ସୁନିତା ରାଓ ଉତ୍ତରଦାତା ସଂଖ୍ୟା -୧ (ମୂଳ ବାଦୀ) ଙ୍କ ପାଇଁ ଉପସ୍ଥିତ ରହି ଦୃଢ଼ତାର ସହ କହିଥିଲେ ଯେ ଆକ୍ଷେପିତ ରାୟ ଏବଂ ଆଇନଗତ ଆଦେଶ ପାରିତ କରିବାରେ ଉଚ୍ଚନ୍ୟାୟାଳୟ

ତ୍ରୁଟି କିମ୍ବା କୌଣସି ଜାଗାରେ କିଛି ତ୍ରୁଟି ହୋଇଛି ବୋଲି କୁହାଯାଇ ନପାରେ । ସେ କହିଥିଲେ ଯେ ***ବିନୀତା ଶର୍ମା*** (ଉପରୋକ୍ତ) ଙ୍କ ମକଦ୍ଦମାରେ ଏହି ନ୍ୟାୟାଳୟଙ୍କର ନିଷ୍ପତ୍ତିକୁ ଦୃଷ୍ଟିରେ ରଖି ବାଦୀ ବର୍ତମାନ ସ୍ୱର୍ଗୀୟ ଶ୍ରୀ କୁମାର ସାହୁଙ୍କ ସମସ୍ତ ସମ୍ପତ୍ତିରେ ୧/୩ ଭାଗ ପାଇବା ପାଇଁ ହକଦାର, ଯାହା ମାମଲା ଦାୟର ହେବେ ସମୟରୁ ହିଁ ଉପଲବ୍ଧ ଥିଲା । ସେ କହିଥିଲେ ଯେ ***ଗଣ୍ଡୁରୀ କୋଟେଶ୍ୱରମ୍ମା ଏବଂ ଅନ୍ୟଜଣେ ବନାମ ଚକିରି ୟାନାଡ଼ି ଏବଂ ଅନ୍ୟଜଣେ*** ମାମଲାକୁ (୨୦୧୧ ) ୯ ଏସସିସି ୭୮୮ ରେ ପ୍ରକାଶ କରାଯାଇଛି କି ପ୍ରାରମ୍ଭିକ ଆଇନଗତ ଆଦେଶ ପରିବର୍ତନଶୀଳ ପରିସ୍ଥିତିରେ କୌଣସି ଆବେଦନ ଦାଖଲ ହୋଇ ନଥିଲେ ବି ପରିବର୍ତନ କିମ୍ବା ଆଂଶିକ ପରିବର୍ତନ କରାଯାଇପାରେ ।

୩୧. ବିଦ୍ୱାନ ଓକିଲ ଆହୁରି କହିଥିଲେ ଯେ ୨୦୦୫ ମସିହାର ଅଧିନିୟମ ୧୯୫୬ ଧାରା ୬ ରେ ହୋଇଥିବା ସଂଶୋଧନ ଏବଂ **ବିନୀତା ଶର୍ମା (**ଉପରୋକ୍ତ)ଙ୍କ ମାମଲାରେ ଏହି ନ୍ୟାୟାଳୟଙ୍କର ନିଷ୍ପତ୍ତି ଆଧାରରେ ସହ ଉତ୍ତରାଧିକାରୀ ମାନଙ୍କ ସମ୍ପତିରେ ଝିଅମାନେ ପୁଅମାନଙ୍କ ଭଳି ସମାନ ଭାଗ ପାଇବା ପାଇଁ ହକଦାର । ବାଦୀ, ସ୍ୱର୍ଗତ କୁମାର ସାହୁଙ୍କ ଝିଅମାନଙ୍କ ମଧ୍ୟରୁ ଜଣେ ହୋଇଥିବାରୁ ପୈତୃକ ସମ୍ପତ୍ତିରେ ଅଧିକ ଏବଂ ସମାନ ଭାଗ ପାଇବା ପାଇଁ ହକଦାର ଏବଂ ଏପରି ପରିସ୍ଥିତିରେ ଆଇନର ପ୍ରୟୋଗ କାରଣରୁ ଏବେ ଏହିଆଇନଗତ ଆଦେଶରେ ଆଂଶିକ ପରିବର୍ତନ କରିବାର ଆବଶ୍ୟକତା ରହିଛି ।

୩୨. ବିଦ୍ୱାନ ଓକିଲ ଉପସ୍ଥାପନା କରିଛନ୍ତି ଯେ ବର୍ତ୍ତମାନ ବାଦୀ ଏବଂ ପ୍ରତିବାଦୀମାନେ ପ୍ରତ୍ୟେକ ସ୍ୱର୍ଗତଃ କୁମାର ସାହୁଙ୍କର ପୈତୃକ ଏବଂ ସ୍ୱୟଂ ଅର୍ଜିତ ସମ୍ପତ୍ତିରେ ୧/୩ ଭାଗ ପାଇବା ପାଇଁ ହକଦାର । ଅଧିନିୟମ ୧୯୫୬ ର ଧାରା ୬ (୧) ର ସଂଶୋଧିତ ବ୍ୟବସ୍ଥା କାର୍ଯ୍ୟକାରୀ ହେବାର ସତ୍ୟତା ସଂପର୍କରେ ବର୍ଣ୍ଣନା କରି ସେ କହିଥିଲେ ଯେ ତା୨୦.୧୨.୨୦୦୪ରିଖ ପୂର୍ବରୁ ଜମି ହସ୍ତାନ୍ତରକୁ ଅନୁମତି ଦିଆଯାଉଥିଲା, କିନ୍ତୁ ହସ୍ତାନ୍ତରିତ ହୋଇଥିବା ସମ୍ପତ୍ତି ଯଦି କୌଣସି ନିୟମଯୁକ୍ତ ବାଧତାମୂଳକ ଆବଶ୍ୟକତା ପ୍ରମାଣିତ ନ ହୋଇଛି ସେହି ଉତ୍ତରାଧିକାରୀମାନଙ୍କ ଅଂଶ ଉପରେ ପଡିବ, ଯିଏ ସମ୍ପତ୍ତି ହସ୍ତାନ୍ତରଣ କରିଛନ୍ତି । ବିଦ୍ୱାନ ଓକିଲ ଦର୍ଶାଇଥିଲେ ଯେ ବିଚାର କରୁଥିବା ନ୍ୟାୟାଳୟ କହିଛନ୍ତି ସମ୍ପତ୍ତି ହସ୍ତାନ୍ତରଣ ପ୍ରତିବାଦୀ ସଂଖ୍ୟା ୧ଙ୍କ ଭାଗର ଏକ ଅଂଶ ହେବେ । ସେ କହିଥିଲେ ଯେ ମକଦ୍ଦମା ଦାୟର ହେବାର ତାରିଖ ପରେ ଯଦି କୌଣସି ସମ୍ପତ୍ତି ହସ୍ତାନ୍ତରଣ ହୋଇଥାଏ ତେବେ ତାହା ବିଚାରାଧୀନ ମକଦ୍ଦମାର ମୂଳତତ୍ତ୍ୱ ଦ୍ୱାରା ଆଘାତ/ପ୍ରଭାବିତ ହେବ । ମକଦ୍ଦମା ଦାୟର ହେବା ପୂର୍ବରୁ ହୋଇଥିବା ସମ୍ପତ୍ତି ହସ୍ତାନ୍ତରଣ ପ୍ରସଙ୍ଗକୁ ବିଚାର କରୁଥିବା ନ୍ୟାୟାଳୟଙ୍କ ଦ୍ୱାରା ବିଚାର କରାଯାଇଥିଲା ଏବଂ ଏ ସଂକ୍ରାନ୍ତରେ ନିର୍ଦ୍ଦିଷ୍ଟ ତଥ୍ୟକୁ ଅଭିଲିଖିତ କରାଯାଇଛି ।

୩୩. ଦର୍ଶାଯାଇଥିଲା ଯେ ଅନୁସୂଚୀ 'ଏ' ଏବଂ 'ବି' ରେ ଥିବା ମୋଟ ୪.୪୦୮ଏକର ଜମିରୁ ୩.୭୬୨ଏକର (ପାଖାପାଖି ୯୪ ଗୁଣ୍ଠ )ଋଣମୁକ୍ତ ଜମିକୁ ତୁରନ୍ତ ବାଣ୍ଟିବା ପାଇଁ ଉପଲବ୍ଧ ଅଛି । ଏଠାରେ ଦର୍ଶାଯାଇଥିଲା ଯେ

ବିବାଦିତ ସମ୍ପତ୍ତିର ସଂପୂର୍ଣ୍ଣ ବିବରଣୀ ଯଥାକ୍ରମେ ଅନୁସୂଚୀ 'ଗ', 'ଘ', 'ଙ' ଏବଂ 'ଚ' ରେ ପ୍ରାରମ୍ଭିକ ଆଇନଗତ ଆଦେଶ ପାଇବା ସମୟରେ ବିଭାଜନ ପାଇଁ ଉପଲବ୍ଧ ଅଛି ।

୩୪. ପ୍ରତିବାଦୀ ସଂଖ୍ୟା ୧ ଏବଂ ୨ ମଧ୍ୟରେ ହୋଇଥିବା ବୁଝାମଣାକୁ ସମ୍ମାନ ଜଣାଇ ବିଦ୍ୱାନ ଓକିଲ ଉପସ୍ଥାପନା କରିଛନ୍ତି ଯେ ବାଦୀ କେବେ ବି ଆପୋଷ ବୁଝାମଣାର ଅଂଶବିଶେଷ ନଥିଲେ । ତାଙ୍କୁ କୌଣସି ନୋଟିସ୍ ଜାରି କରାଯାଇନଥିଲା କିମ୍ବା ସେ ବୁଝାମଣା ପତ୍ରର କୌଣସି ଅଂଶରେ ନିଜର ହସ୍ତାକ୍ଷର ମଧ୍ୟ କରିନଥିଲେ କିମ୍ବା ବୁଝାମଣା ସର୍ତ୍ତରେ ରାଜି ମଧ୍ୟ ହୋଇନଥିଲେ।ବିଦ୍ୱାନ ଓକିଲଙ୍କ ଅନୁଯାୟୀ, ବାଦୀ କେବେ ବି ରାଜିନାମାରେ ସାମିଲ ହୋଇନଥିଲେ । କୋର୍ଟରେ ଜମା କରାଯାଇଥିବା ଗ୍ରହୀତା ରାଶିର ବିତରଣ ପ୍ରସଙ୍ଗରେ, ଓକିଲ କହିଛନ୍ତି ଯେ ଯେ ବାଦୀ ୮୪ ବର୍ଷ ବୟସ୍କ ଏବଂ ସେ ବର୍ତ୍ତମାନରେ ଚାଲୁଥିବା ମକଦ୍ଦମା କାର୍ଯ୍ୟାନୁଷ୍ଠାନରେ ଯଥାକ୍ରମେ ଏକାଧିକ ମଧ୍ୟବର୍ତ୍ତୀକାଳୀନ ପ୍ରାର୍ଥନା ଯାହାକି ଆଇଏ ସଂଖ୍ୟା ୪୪୯୭୭/୨୦୧୩, ଆଇଏ ସଂଖ୍ୟା ୧୨୭୧୭୧ /୨୦୧୯ ଏବଂ ଆଇଏ ସଂଖ୍ୟା ୧୯୦୬୨୮/୨୦୨୨ ଦାଖଲ କରି ଗ୍ରହିତାଙ୍କ ଦ୍ୱାରା ଜମା କରାଯାଇ ଥିବା ତାଙ୍କର ୧/୩ ଭାଗ ରାଶିକୁ ବିତରଣ କରିବା ପାଇଁ କହିଛନ୍ତି । କୁହାଯାଇଛି ଯେ ବାଦୀଙ୍କ ପାଖରେ ଆୟର କୌଣସି ସ୍ୱାଧୀନ ଉତ୍ସ ନାହିଁ ଏବଂ ଡାକ୍ତରୀ ଚିକିତ୍ସା ଇତ୍ୟାଦି ବାବଦକୁ ଅନେକ ଖର୍ଚ୍ଚ କରିବାକୁ ପଡୁଛି ।

୩୫. ଉତ୍ତରଦାତା ସଂଖ୍ୟା ୧ ପାଇଁ ହାଜର ହୋଇଥିବା ବିଦ୍ୱାନ ଓକିଲ ଲିଖିତ ଉପସ୍ଥାପନା ଦାଖଲ କରି କହିଛନ୍ତି ଯେ ଆଇଏ ସଂଖ୍ୟା ୧୯୦୬୨୮/୨୦୨୨ ରେ ବର୍ଣ୍ଣନା କରାଯାଇଥିବା କଥିତ ତ୍ରୁଟି ପ୍ରତିବାଦୀ ସଂଖ୍ୟା ୧ଙ୍କ ଦ୍ୱାରା ହୋଇଛି ଯାହାକୁ ନିମ୍ନଲିଖିତ ଭାବରେ ରୂପରେଖ ଦିଆଯାଇଛି ।

*"୧. ନ୍ୟାୟାଳୟଙ୍କ ବିନା ଅନୁମତିରେ ବିବାଦିତ ସମ୍ପତି ଉପରେ ଥିବା ନିର୍ମାଣର ଆଂଶିକ ପରିବର୍ତ୍ତନ । (ଆଇଏରେ ଥିବା ପ୍ରାସଙ୍ଗିକ ପୃଷ୍ଠା ୧୦- ୧୩)*

*୨. ବିବାଦିତ ସମ୍ପତ୍ତି ସମ୍ବନ୍ଧୀୟ ବକେୟା ଦେୟ :*

*କ. ଜଳ ପାଉଣା – ଟ ୫୧,୪୭୮ଙ୍କା*
*ଖ. ରାଜସ୍ୱ ଟିକସ- ଟ ୮୦,୭୩୩ଙ୍କା*
*ଗ. ବିଜୁଳି ପାଉଣା – ଟ ୧,୮୯,୨୨୮.୮୪ଙ୍କା*
*ମୋଟ ଟ ୩,୨୧,୪୩୯.୮୪ଙ୍କା*
*(ଆଇଏ ର ପ୍ରାସଙ୍ଗିକ ପୃଷ୍ଠା ୧୪- ୧୫)*

*୩ . ମାନ୍ୟବର ଉଚ୍ଚ ନ୍ୟାୟାଳୟଙ୍କ ଆଦେଶ ଅବମାନନା କରି ବିବାଦିତ ସମ୍ପତ୍ତିର ଦୁଇଟି ଜଳାଶୟକୁ ବେଆଇନ ଭାବେ ଭରିବା (ତହସିଲଦାର, କଟକ ମହାନଗର ନିଗମ ଏବଂ ତହସିଲଦାରଙ୍କ*

*ଅଭିଯୋଗରେ ପୁଲିସ ଦ୍ୱାରା ଦାଖଲ କରାଯାଇଥିବା ଏଫ୍ଆଇଆର ର ରିପୋର୍ଟ ସଂଲଗ୍ନ କରାଯାଇଛି, ଆଇଏର ପ୍ରାସଙ୍ଗିକ ପୃଷ୍ଠା ୧୭-୨୦ )*

*୪. ବିଭିନ୍ନ ଜାଗା ପାଇଁ ଅନୁମତି ମିଳିବା ପରେ ବିବାଦିତ ସମ୍ପତିରେ ୧୦୦ କିଲୋୱାଟର ବିଦ୍ୟୁତ ଟ୍ରାନ୍ସଫର୍ମର ବସାଇବା । (ଆଇଏର ପ୍ରାସଙ୍ଗିକ ପୃଷ୍ଠା ୨୧ )*

*୫. ବାଦୀ ଏବଂ ପ୍ରତିବାଦୀଙ୍କ ଦସ୍ତଖତକୁ ନକଲ କରି ବିବାଦିତ ଜାଗା ରେ ୫୦୦ କେଭିଏ କ୍ଷମତା ସମ୍ପନ ବିଦ୍ୟୁତ ଉପକେନ୍ଦ୍ର ସ୍ଥାପନା ପାଇଁ ଅନୁମତି ପାଇବା (୨୦୧୬ ମସିହାରେ, ଯେତେବେଳେ ପ୍ରତିବାଦୀ ସଂଖ୍ୟା ୨ଙ୍କର ୨୦୦୮ ମସିହାରେ ମୃତ୍ୟୁ ହୋଇଛି) (ଆଇଏ ର ପ୍ରାସଙ୍ଗିକ ପୃଷ୍ଠା ୨୨)*

*୬. ୟୁ.ସି. ସଂଖ୍ୟା ୨୪୯/୨୦୧୬ ନାମରେ କଟକ ଉନ୍ନୟନ କର୍ତୃପକ୍ଷଙ୍କ ଦ୍ୱାରା ବିବାଦିତ ସମ୍ପତି ଉପରେ ଅପ୍ରାଧିକୃତ ନିର୍ମାଣ ପାଇଁ ଏକ ମାମଲା ଦାୟର ହୋଇଛି । (ଆଇଏ ର ପ୍ରାସଙ୍ଗିକ ପୃଷ୍ଠା ୨୩)"*

୩୬. ବିଦ୍ୱାନ ଓକିଲ ଦୃଢ଼ତାର ସହ ଉପସ୍ଥାପନ କରିଥିଲେ ଯେ ପ୍ରତିବାଦୀ ସଂଖ୍ୟା ୨କୁ ତୁରନ୍ତ ଗ୍ରହୀତା କାର୍ଯ୍ୟରୁ ହଟାଇ ଦିଆଯିବା ଉଚିତ ଏବଂ ବାଦୀଙ୍କୁ ସମ୍ପତ୍ତିର ଗ୍ରହୀତା ଭାବେ ନିଯୁକ୍ତ କରାଯିବା ଉଚିତ।

**ଉତ୍ତରଦାତା ସଂଖ୍ୟା ଯଥାକ୍ରମେ ୩, ୪, ୫, ୭ ଏବଂ ୮ମାନଙ୍କ ତରଫରୁ ପ୍ରଦାନ କରାଯାଇଥିବା ଉପସ୍ଥାପନା (ମୂଳ ପ୍ରତିବାଦୀ ସଂଖ୍ୟା ୨ ଙ୍କର ଉତ୍ତରାଧିକାରୀମାନେ)**

୩୭. ବିଦ୍ୱାନ ବରିଷ୍ଠ ଓକିଲ ଶ୍ରୀ ଭି. ଚିଦାମ୍ବରେଶ ନିଜେ ୪ ଟି ବିଷୟ ଉପରେ ସମ୍ବୋଧିତ କରିଥିଲେ :

(i) ଅଭିଯୋଗରେ ପ୍ରଦତ୍ତ ସମ୍ପତିସବୁ ପୈତୃକ କିମ୍ବା ବାଦୀ ଏବଂ ପ୍ରତିବାଦୀ ସଂଖ୍ୟା ୧ ଓ ୨ ଙ୍କ ପୂର୍ବପୁରୁଷଙ୍କ ଦ୍ୱାରା ସ୍ୱୟଂଅର୍ଜିତ ଏବଂ ପକ୍ଷମାନେ କେତେ ସବୁ ଭାଗ ପାଇବାପାଇଁ ହକଦାର ଅଟନ୍ତି ?

(ii) କଥିତ ବୁଝାମଣା କୁ ଆପତ୍ତି ଭିତ୍ତିରେ ପାଲଟା ଆବେଦନ ଗ୍ରହଣଯୋଗ୍ୟ ଅଟେ କି ?

(iii) ତା ୨୮.୦୩.୧୯୯୧ ରିଖରେ ହୋଇଥିବା କଥିତ ବନ୍ଦୋବସ୍ତ ଦଲିଲ ବୈଧ ଅଟେ କି ଏବଂ ଦେୱାନୀ କାର୍ଯ୍ୟବିଧି ସଂହିତା ୧୯୦୮, ଆଦେଶ ୨୩ ନିୟମ ୩ ଅଧୀନରେ (ସଂକ୍ଷେପରେ 'ସିପିସି') ବାଧ୍ୟତାମୂଳକ ଅଟେ କି?

(iv) ପ୍ରତିବାଦୀ ସଂଖ୍ୟା ୧ ଏବଂ ୨ ଦ୍ୱାରା ଆପୋଷ ବୁଝାମଣା କାର୍ଯ୍ୟକାରୀ ହୋଇଥିଲା କି ?

(v) ସ୍ପଷ୍ଟ ସହମତି ବିନା କୌଣସି ଓକିଲ ବୁଝାମଣା ପତ୍ରରେ ହସ୍ତାକ୍ଷର କରିପାରିବେ କି ?

୩୮. ପ୍ରଥମ ପ୍ରସଙ୍ଗରେ ବରିଷ୍ଠ ଓକିଲ କହିଥିଲେ ଯେ ସମସ୍ତ ତିନୋଟି ଅଦାଲତ ଯଥା ବିଚାର କରୁଥିବା ଅଦାଲତ, ଉଚ୍ଚନ୍ୟାୟାଳୟଙ୍କର ଜଣିକିଆ ଖଣ୍ଡପୀଠ ଏବଂ ଉଚ୍ଚନ୍ୟାୟାଳୟଙ୍କର ଦୁଇଜଣିଆ ଖଣ୍ଡପୀଠ ବିବାଦିତ

ସମ୍ପତ୍ତିର ପ୍ରକୃତ ତଥ୍ୟକୁ ଅଭିଲିଖିତ କରିଛନ୍ତି । ସେ ନିବେଦନ କାଳେ ଯେ ବାଦୀ ଏବଂ ପ୍ରତିବାଦୀ ସଂଖ୍ୟା ୨, ଯିଏକି ଝିଅ ଏବଂ ସହ-ଉତ୍ତରାଧିକାରୀ ହୋଇଥିବାରୁ ସେମାନଙ୍କ ଭାଇ ଅର୍ଥାତ୍ ପ୍ରତିବାଦୀ ସଂଖ୍ୟା ୧ (ଅବେଦନକାରୀ ) ଙ୍କ ସହ ପୈତୃକ ସମ୍ପତ୍ତିରେ ସମାନ ଭାଗ ପାଇବାର ଅଧିକାରୀ ।ସେ କହିଥିଲେ ଯେ ଏହି ମାମଲାରେ ଆଇନ ଏବେ ଠିକ୍ ଭାବେ ସ୍ଥିର ହୋଇଛି, ଯାହାକି ଏହି କୋର୍ଟ ***ବିନୀତା ଶର୍ମା*** (ଉପରୋକ୍ତ) ଙ୍କ ମାମଲାରେ ସ୍ପଷ୍ଟ କରିଛନ୍ତି। ***ଗଣ୍ଡୁରୀ କୋଟେଶ୍ୱରମ୍ମା*** (ଉପରୋକ୍ତ) ମାମଲାର ଏହି ନ୍ୟାୟାଳୟର ନିର୍ଣ୍ଣୟ ଉପରେ ନିର୍ଭର କରି, ସେ କହିଥିଲେ ଯେ ଯଦି ବାଦୀ ଏବଂ ପ୍ରତିବାଦୀଙ୍କ ଦ୍ୱାରା କୌଣସି ଆବେଦନ ଦାଖଲ କରାଯାଇ ନାହିଁ, ତେବେ ସଂଶୋଧନ ଅନୁଯାୟୀ ଏବଂ ***ବିନୀତା ଶର୍ମା*** (ଉପରୋକ୍ତ)ଙ୍କ ମାମଲାରେ ଯେପରି ଆଇନର ଉଲ୍ଲେଖ କରାଯାଇଛି ସେହି ଅନୁଯାୟୀ ଭାଗ ସବୁ ନିର୍ଦ୍ଧାରଣ କରାଯିବ । ଏତତବ୍ୟତିତ କଥିତ ବିବାଦାସ୍ପଦ ଆପୋଷ ବୁଝାମଣାର ଅଂଶ ବାବଦକୁ , ପ୍ରତିବାଦୀ ସଂଖ୍ୟା ୨ ପୈତୃକ ସମ୍ପତ୍ତିରେ ଅତିରିକ୍ତ ୧/୬ ଭାଗ ପାଇବା ପାଇଁ ହକଦାର ହେବ।

୩୯. ଉପରୋକ୍ତ ଦ୍ୱିତୀୟ ପ୍ରସଙ୍ଗରେ ବରିଷ୍ଠ ଓକିଲ କହିଥିଲେ ଯେ ଆପୋସ ବୁଝାମଣାକୁ ଆପତ୍ତି କରିବା ଉଦ୍ଦେଶ୍ୟରେ ଏକ ପାଲଟା ଆବେଦନ ଗ୍ରହଣୀୟ । ସେ କହିଥିଲେ ଯେ ସିପିସିର ଆଦେଶ ୪୧ ନିୟମ-୨୨ ଅନ୍ତର୍ଗତ ଏକ ପାଲଟା ଆବେଦନ ନିୟମିତ ପ୍ରଥମ ଆବେଦନ ପରି ଠିକ ଅଟେ ଏବଂ ଯଦି ନିୟମିତ ପ୍ରଥମ ଆବେଦନ ଖାରଜ କିମ୍ବା ପ୍ରତ୍ୟାହାର ହୋଇଯାଏ ତାହା ଗ୍ରହଣଯୋଗ୍ୟ ହେବ । ପାଲଟା ଆବେଦନ ପ୍ରକୃତ ଆବେଦନ ଅଧିକାରର ଏକ ପ୍ରୟୋଗ ମାତ୍ର ଏବଂ କେବଳ ପ୍ରକ୍ରିୟା ଭିନ୍ନ ହୋଇପାରେ ।

୪୦. ବରିଷ୍ଠ ଓକିଲ ମଧ୍ୟ ସିପିସିର ଆଦେଶ୪୩ ନିୟମ ୧-କ (୨) ର ବ୍ୟବସ୍ଥା ପ୍ରତି ଅଦାଲତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ସେ ମଧ୍ୟ କହିଛନ୍ତି ଯେ ପାଲଟା ପ୍ରତିବାଦୀ, ସିପିସିର ଆଦେଶ ୪୧ ନିୟମ ୨୨ ଅଧୀନରେ, ଯାହାକୁ ସିପିସିର ଆଦେଶ ୪୩ ନିୟମ ୧-କ (୨) ସହିତ ପଢାଯାଏ, ତାଙ୍କର ପାଲଟା ଆବେଦନ ବିଚାରଯୋଗ୍ୟ ଯେ କଥିତ ବନ୍ଦୋବସ୍ତ ଦଲିଲ କିମ୍ବା ବୁଝାମଣାକୁ ଏକ ବୈଧ ବୁଝାମଣା ହିସାବରେ ଗଣନା କରିବା ଉଚିତ ନଥିଲା କି ତାହା ସିପିସିର ଆଦେଶ ୪୩ ନିୟମ ୩ ଅଧୀନରେ ଅଭିଲିଖିତ ହେବାର ନଥିଲା ।

୪୧. ଉପରୋକ୍ତ ପରିସ୍ଥିତିରେ, ବିଦ୍ୱାନ ବରିଷ୍ଠ ଓକିଲ ପ୍ରାର୍ଥନା କରିଛନ୍ତି ଯେ ଯେହେତୁ ଆବେଦନରେ କୌଣସି ଯୋଗ୍ୟତା ନାହିଁ ତାହାକୁ ଖାରଜ କରାଯାଉ ଏବଂ୨୦୦୫ ସଂଶୋଧନ ଅନୁସାରେ ପକ୍ଷମାନଙ୍କର ଅଂଶ ନିର୍ଦ୍ଧାରଣ କରାଯାଉ।

**ବିଶ୍ଲେଷଣ**

୪୨. ପକ୍ଷମାନଙ୍କ ତରଫରୁ ଉପସ୍ଥିତ ହୋଇଥିବା ବିଦ୍ୱାନ ଓକିଲଙ୍କୁ ଶୁଣିବା ପରେ ଏବଂ ମାମଲାରେ ଥିବା ତଥ୍ୟକୁ ଅନୁଧାନ କରିବା ପରେ, ଆମର ବିଚାର ପାଇଁ ନିମ୍ନଲିଖିତ ପ୍ରଶ୍ନଗୁଡ଼ିକ ଉଙ୍କି ମାରିଛି :

(i) ***ବିନୀତା ଶର୍ମା*** (ଉପରୋକ୍ତ) ଙ୍କ ମାମଲାକୁ ଦୃଷ୍ଟିରେ ରଖି ଏହି ନ୍ୟାୟାଳୟ ତାଙ୍କ ନିଜ ନିଷ୍ପତ୍ତିରେ ଏକ ନୀତିବାକ୍ୟ ପ୍ରଦାନ କରିଛନ୍ତି ଯେ କିପରିଭାବେ ପକ୍ଷମାନଙ୍କ ଅଧିକାରକୁ ପରିଚାଳିତ କରାଯିବ ।

(ii) ଉଚ୍ଚ ନ୍ୟାୟାଳୟ ଆବେଦନକାରୀଙ୍କ ମଧ୍ୟରେ ହୋଇଥିବା ବୁଝାମଣାକୁ (ପ୍ରତିବାଦୀ ସଂଖ୍ୟା ୧) ଏବଂ ଉତ୍ତରଦାତା ସଂଖ୍ୟା ୨ (ପ୍ରତିବାଦୀ ସଂଖ୍ୟା ୧) କୁ ଅବୈଧ ଘୋଷଣା କରିବା ପାଇଁ ଉପଯୁକ୍ତ ତର୍କ କରିଥିଲେ କି ? ଅନ୍ୟ ଅର୍ଥରେ, ମୂଳ ପ୍ରତିବାଦୀ ସଂଖ୍ୟା ୨ (ଏଠାରେ ଉତ୍ତରଦାତା ସଂଖ୍ୟା ୨)ଙ୍କ ଦ୍ଵାରା ଦାଖଲ ପାଲଟା ଆବେଦନକୁ ଉଚ୍ଚନ୍ୟାୟାଳୟ ଅନୁମତି ପ୍ରଦାନ କରିବା ଠିକ ଥିଲା କି ?

୪୩. ଉଭୟ ପକ୍ଷଙ୍କ ପ୍ରତିଦ୍ଵନ୍ଦ୍ୱାତ୍ମକ ଉପସ୍ଥାପନାକୁ ଆବଧାନ କରିବା ପୂର୍ବରୁ ହିନ୍ଦୁ ଆଇନର ଇତିହାସ ଏବଂ ବିକାଶକୁ ସମ୍ମାନ ପୂର୍ବକ ଆଇନ ଆୟୋଗଙ୍କ ବିବୃତି, ସଂସଦର ସ୍ଥାୟୀ କମିଟି ବିବୃତି, ସଂସଦରେ ଗୃହୀତ ପ୍ରସ୍ତାବିତ ଆଇନ ର ଉଦ୍ଦେଶ୍ୟ ଓ କାରଣ ସହିତ ୧୯୫୬ ମସିହାର ଅଧିନିୟମ ଧାରା ୬ କୁ ୨୦୦୫ ମସିହାର ସଂଶୋଧନ ଦ୍ଵାରା ପାରିତକରିବା ପଛରେ ସଂସଦର ପ୍ରକୃତ ଅଭିପ୍ରାୟକୁ ବାହାର କରିବା ଉଚିତ ।

୪୪. ଏଆଇଆର ୨୦୧୪ ବିଓଏମ ୧୫୧ଏଫବି ରେ ପ୍ରକାଶିତ, ***ବଦ୍ରିନାରାୟଣ ଶଙ୍କର ଭଣ୍ଡାରୀ ଏବଂ ଅନ୍ୟମାନେ ବନାମ ଓମପ୍ରକାଶ ଶଙ୍କର ଭଣ୍ଡାରି*** ମାମଲାରେ ବମ୍ବେ ଉଚ୍ଚ ନ୍ୟାୟାଳୟଙ୍କ ଏକ ପୂର୍ଣ୍ଣ ବିଚାରପୀଠର ନିର୍ଣ୍ଣୟରୁ ଆମେ ହିନ୍ଦୁ ଆଇନର ଇତିହାସ ଏବଂ ବିକାଶର ସନ୍ଧାନ କରିଛୁ।

**ପୁରୁଣା ହିନ୍ଦୁ ଆଇନ**

୪୫. ପ୍ରଧାନ ଅଧିନିୟମ ପ୍ରଣୟନ ହେବା ପୂର୍ବରୁ ହିନ୍ଦୁମାନେ ଶାସ୍ତ୍ରୀୟ ଏବଂ ପ୍ରଥାଗତ ଅଧିନିୟମର ପରିସରଭୁକ୍ତ ଥିଲେ , ଯାହାକି ବିଭିନ୍ନ ଅଞ୍ଚଳ ପାଇଁ ଭିନ୍ନ ଭିନ୍ନ ଥିଲା । ମୁଖ୍ୟତଃ, ଭାରତରେ ଦୁଇଟି ହିନ୍ଦୁ ଆଇନ ବିଦ୍ୟାଳୟ ଥିଲା ଯଥା- ଦୟାଭାଗ ଯାହା ଭାରତର ପୂର୍ବ ଭାଗରେ ଯଥା- ବଙ୍ଗଳା ଏବଂ ଏହାର ଆଖପାଖ ଅଞ୍ଚଳରେ ପ୍ରଚଳିତ ଥିଲା ଏବଂ ଭାରତର ଅବଶିଷ୍ଟ ଅଞ୍ଚଳରେ ମିତାକ୍ଷର ପ୍ରଚଳିତ ଥିଲା । ମିତାକ୍ଷର ହିନ୍ଦୁ ଆଇନ ବିଦ୍ୟାଳୟ ଅଧୀନରେ ମିଳିତ ହିନ୍ଦୁ ପରିବାରର ମହିଳାଙ୍କୁ କେବଳ ଭରଣପୋଷଣ/ପ୍ରତିପୋଷଣ କରିବାର ଅଧିକାର ଥିଲା, କିନ୍ତୁ ସମ୍ପତ୍ତିର ଉତ୍ତରାଧିକାର ଉପରେ ତାଙ୍କର କୌଣସି ଅଧିକାର ନଥିଲା । ହିନ୍ଦୁ ସଂଯୁକ୍ତ ପରିବାରର ଆଧାର ଏକ ସାଧାରଣ ପୁରୁଷ ପୂର୍ବପୁରୁଷ ଥିଲା ଏବଂ ପରିବାରର ସମ୍ପତ୍ତିକୁ ସହଉତ୍ତରଧିକାରୀଙ୍କ ସମ୍ପତ୍ତି ଭାବେ ଗ୍ରହଣ କରାଯାଉଥିଲା ଯେଉଁଥିରେ ପରିବାରର ପୁରୁଷ ସଦସ୍ୟଙ୍କ ଜନ୍ମ ଆଧାରରେ ସମ୍ପତ୍ତି ଉପରେ ଅଧିକାର ରହିଥିଲା ଏବଂ ସଂଯୁକ୍ତ ହିନ୍ଦୁ ପରିବାରରେ ଜଣେ ପୁରୁଷର ମୃତ୍ୟୁ କିମ୍ବା ଜନ୍ମ ଆଧାରରେ ସହଉତ୍ତରଧିକାରୀଙ୍କ ସମ୍ପତ୍ତି ଉପରେ ସେମାନଙ୍କ ସ୍ଵାର୍ଥ ଭିନ୍ନ ରହିଥିଲା । ମିତାକ୍ଷର ହିନ୍ଦୁ ଆଇନ ବିଦ୍ୟାଳୟରେ, ଜଣେ ପୁରୁଷ ସହଉତ୍ତରଧିକାରୀଙ୍କ ମୃତ୍ୟୁ ପରେ ତାଙ୍କ ସମ୍ପତି ବଞ୍ଚିଥିବା ପୁରୁଷ ସହଉତ୍ତରାଧିକାରୀଙ୍କ ପାଖକୁ ଯାଉଥିଲା । ସଂଯୁକ୍ତ ହିନ୍ଦୁ ପରିବାରର ସଦସ୍ୟ ହୋଇ ମଧ୍ୟ କୌଣସି ମହିଳା

ସଦସ୍ୟଙ୍କୁ ସହଉତ୍ତରାଧିକାରୀ କରାଯାଉନଥିଲା । ସାଧରଣତଃ ସହଉତ୍ତରାଧିକାରୀ ୪ ପିଢି ବିଶିଷ୍ଟ, ଯଥା- ଜଣେ ସାଧାରଣ ପୂର୍ବପୁରୁଷ (ସହଉତ୍ତରାଧିକାରୀ ), ତାଙ୍କ ପୁଅ, ନାତି ଏବଂ ଅଣନାତି

୪୬. ଦୟାଭାଗ ହିନ୍ଦୁ ଆଇନ ବିଦ୍ୟାଳୟ ଅଧୀନରେ ଝିଅମାନଙ୍କୁ ମଧ୍ୟ ସେମାନଙ୍କର ଭାଇମାନଙ୍କ ସହିତ ସମାନ ଅଧିକାର ମିଳୁଥିଲା । ଦୟାଭାଗ ବିଦ୍ୟାଳୟ ଅଧୀନରେ ସମ୍ପତ୍ତି ଉତ୍ତରାଧିକାର ସୂତ୍ରେ ହସ୍ତାନ୍ତରିତ ହୋଇଥାଏ ଏବଂ ବଞ୍ଚିବା ଦ୍ୱାରା ନୁହେଁ । ଏହି ବିଦ୍ୟାଳୟରେ ଜଣେ ମହିଳା ସହଉତ୍ତରାଧିକାରୀ ହୋଇପାରୁଥିଲେ । ଯେତେଦୂର ଦୟାଭାଗ ବିଦ୍ୟାଳୟ ସମ୍ପୃକ୍ତ, ସହଉତ୍ତରାଧିକାରୀ ସମ୍ପତ୍ତିର କୌଣସି କଳ୍ପନା ନଥିଲା ଏବଂ ହିନ୍ଦୁ ପରିବାରର ପ୍ରତ୍ୟେକ ସଦସ୍ୟ ସେ ପୁଅ/ଝିଅ ନିଜ ଅଧିକାର ଅନୁସାରେ ଏହି ସମ୍ପତ୍ତିକୁ ନିଜ ଅଧିକାରରେ ରଖିବେ ଏବଂ ସେ ପୁଅ/ଝିଅ ଉଚିତ ମନେ କଲେ ଦାନ କିମ୍ବା ଇଚ୍ଛାପତ୍ର ଅନୁଯାୟୀ ସେହି ସମ୍ପତ୍ତିକୁ ହସ୍ତାନ୍ତର କରିପାରିବେ । ଏପରିକି ଦୟାଭାଗ ବିଦ୍ୟାଳୟରେ ବଞ୍ଚିଥିବା ଉତ୍ତରାଧିକାରୀଙ୍କୁ ସମ୍ପତ୍ତିର ସ୍ୱତ୍ୱ ଯାଉନଥିଲା କି କୌଣସି ହିନ୍ଦୁ ପୁରୁଷ କେବଳ ନିଜ ଜନ୍ମ କାରଣରୁ ସମ୍ପତ୍ତିରେ ଜନ୍ମସିଦ୍ଧ ଅଧିକାରିତ୍ୱ ରଖୁନଥିଲେ । ଫଳସ୍ୱରୂପ, ଦୟାଭାଗ ହିନ୍ଦୁ ଆଇନ ବିଦ୍ୟାଳୟରେ ମହିଳାମାନଙ୍କୁ ସେହି ପରିବାରରେ ପୁରୁଷଙ୍କ ଭଳି ସମାନ ଅଧିକାର ମିଳୁଥିଲା ।

୪୭. ୧୯୨୯ ମସିହାରେ ହିନ୍ଦୁ ଉତ୍ତରାଧିକାର ଅଧିନିୟମ ୧୯୨୯ ନାମରେ ମହିଳାମାନଙ୍କ ଉତ୍ତରାଧିକାର ଅଧିକାର ସମ୍ବନ୍ଧରେ ସର୍ବପ୍ରଥମ ଆଇନ ପ୍ରଣୟନ କରାଯାଇଥିଲା । ଏହି ଅଧିନିୟମ, ତିନି ଜଣ ମହିଳାଙ୍କୁ ଉତ୍ତରାଧିକାରର ଅଧିକାର ପ୍ରଦାନ କରେ- -ପୁଅର ଝିଅ, ଝିଅର ଝିଅ ଏବଂ ଭଉଣୀ । ତେଣୁ, ଏହା ଏକାନ୍ତ ଜୀବିତ ଉତ୍ତରାଧିକାରୀ ନିୟମ ଉପରେ କଟକଣା ଆଣିଥାଏ । ହିନ୍ଦୁ ମହିଳା ସମ୍ପତ୍ତି ଅଧିକାର ଅଧିନିୟମ ୧୯୩୭, ପରବର୍ତ୍ତୀ ଆଇନ ଥିଲା । ଏହି ଅଧିନିୟମ ବିଧବାଙ୍କୁ ତାଙ୍କ ମୃତ ସ୍ୱାମୀଙ୍କ ସମ୍ପତ୍ତିରେ ପୁଅ ସହିତ ସମାନ ଭାଗ ପାଇବାପାଇଁ ସକ୍ଷମ କରିଥିଲା । କିନ୍ତୁ ଜଣେ ବିଧବା ମହିଳାଙ୍କୁ କେବଳ ସୀମିତ ସମ୍ପତ୍ତି ଉପରେ ଅଧିକାର ଥିଲା ଯଥା ରହିବା ଘରଡିହ ଏବଂ ନିଜର ଜୀବନକାଳ ମଧ୍ୟରେ ଉକ୍ତ ସମ୍ପତ୍ତିକୁ ହସ୍ତାନ୍ତର କରିପାରୁ ନଥିଲେ ।

୪୮. ୧୯୫୦ ମସିହାରେ ସମ୍ବିଧାନ ପ୍ରଣୟନ ସମୟରେ, ଅନୁଚ୍ଛେଦ ୧୪ ,୧୫ (୨ ) ଏବଂ (୩ ) ଏବଂ ୧୬ ଦ୍ୱାରା ଭାରତୀୟ ସମ୍ବିଧାନ ଅଧିକର୍ତ୍ତୁ ମହିଳାମାନଙ୍କ ପ୍ରତି ହେଉଥିବା ଭେଦଭାବ ଉପରେ କଟକଣା ଲଗାଇଛନ୍ତି ଏବଂ ସମ୍ବିଧାନରେ ମହିଳାମାନଙ୍କ ପ୍ରତି ସମାନ ବ୍ୟବହାରକୁ ମୌଳିକ ଅଧିକାର ଅଂଶବିଶେଷ କରିବାପାଇଁ ସୁନିଶ୍ଚିତ କରିଛନ୍ତି । ଉପରୋକ୍ତ ସାମ୍ବିଧାନିକ ଉଦ୍ଦେଶ୍ୟ ଅନୁଯାୟୀ ସଂସଦ ହିନ୍ଦୁ ଉତ୍ତରାଧିକାର ଅଧିନିୟମ ୧୯୫୬ ଯଥା ପ୍ରଧାନ ଅଧିନିୟମକୁ ପ୍ରଣୟନ କରିଛନ୍ତି । ଏହି ଅଧିନିୟମ ସମସ୍ତ ହିନ୍ଦୁମାନଙ୍କ ସହିତ ବୌଦ୍ଧ, ଜୈନ ଏବଂ ଶିଖ ଧର୍ମାମ୍ବଲମ୍ବୀ ମାନଙ୍କ ପାଇଁ ଉଦ୍ଦିଷ୍ଟ । ମିତାକ୍ଷର କିମ୍ବା ଦୟାଭାଗ ହିନ୍ଦୁ ଆଇନ

ବିଦ୍ୟାଳୟ ଦ୍ୱାରା ପରିଚାଳିତ ହୋଇଥାଉନା  କାହିଁକି, ଉତ୍ତରାଧିକାର ପଦ୍ଧତି ଏକ ସମାନ ଏବଂ ବିସ୍ତୃତ ପ୍ରକ୍ରିୟା ପ୍ରଦାନ କରିଥାଏ ଯାହା ସମସ୍ତ ହିନ୍ଦୁ ମାନଙ୍କ ପାଇଁ ଲାଗୁକରାଯାଇଛି  । ତେବେ ପ୍ରଧାନ  ଅଧିନିୟମର ଧାରା ୬ ମୂଳତଃ ଜୀବିତ ଉତ୍ତରାଧିକାରୀଙ୍କୁ  ସହଉତ୍ତରାଧିକାର ପ୍ରଦାନକୁ ପ୍ରଣୟନ ସ୍ୱରୂପ ବିସ୍ତୃତ ଆଇନକୁ ସୁରକ୍ଷା ପ୍ରଦାନ କରିଛନ୍ତି,  ଯଦିଓ ଏହା ହିନ୍ଦୁ ପୁରୁଷଙ୍କୁ ତାଙ୍କ ସମ୍ପତ୍ତିରେ ସହଉତ୍ତରାଧିକାର ଭାଗ ସହିତ ଇଚ୍ଛାପତ୍ର ପ୍ରବନ୍ଧ ଅଧିକାର ପ୍ରଦାନ କରିଛି । ପ୍ରଧାନ  ଅଧିନିୟମର ପୂର୍ବତନ ଧାରା ୬  (ସଂଶୋଧନ ପୂର୍ବରୁ ଥିବା ଧାରା ୬ ) ର ଅନ୍ୟାନ୍ୟ ବିଷୟରେ ବ୍ୟବସ୍ଥା କରାଯାଇଛି ଯେ ଯଦି ପ୍ରଧାନ ଅଧିନିୟମ ଧାରା ୩୦ ଅଧୀନରେ ନିଜ ଇଚ୍ଛାରେ ସହଉତ୍ତରାଧିକାରୀ,  ତାଙ୍କ ସହଉତ୍ତରାଧିକାର ସମ୍ପତ୍ତିକୁ ନିକାଶ ନକରନ୍ତି, ତେବେ ତାହା ପ୍ରାକ୍ ସଂଶୋଧନର ନିୟମାବଳୀ ଅନୁସାରେ ଅନ୍ୟକୁ ଅଧିକାରସୂତ୍ରେ ପ୍ରଦାନ କରାଯିବ । ପ୍ରାକ୍ ସଂଶୋଧିତ ଧାରା ୬ ର ମୁଖ୍ୟ ଅଂଶ ହିନ୍ଦୁ ପୁରୁଷଙ୍କ ଅଧିକାରକୁ ତାଙ୍କ ମୃତ୍ୟୁ ସମୟରେ ସହଉତ୍ତରାଧିକାର ସମ୍ପତ୍ତିକୁ ଜୀବିତଥିବା ଉତ୍ତରାଧିକାରୀଙ୍କୁ, ଉତ୍ତରାଧିକାରୀସୂତ୍ରେ ପ୍ରଦାନ କରିଥାଏ । ତେବେ ଏହି ସର୍ତ୍ତାବଳୀରେ ବ୍ୟବସ୍ଥା ରହିଛି ଯେ ଯଦି ମୃତ ସହଉତ୍ତରାଧିକାରୀଙ୍କ  କୌଣସି ମହିଳା ସମ୍ପର୍କୀୟ ଥିବାର ବର୍ଣ୍ଣନା ଅଧିନିୟମ ଅନୁସୂଚୀ ଶ୍ରେଣୀ ୧ ରେ ଥାଏ, ତେବେ ପ୍ରାକ ସଂଶୋଧିତ ଧାରା ୬ ଅନୁଯାୟୀ ସେହି ସମ୍ପତ୍ତିକୁ ଉତ୍ତରାଧିକାରସୁତ୍ରେ ଅନ୍ୟଜଣକୁ   ଦିଆଯିବ । ସ୍ୱଷ୍ଟୀକରଣ-୧ ରେ ବ୍ୟବସ୍ଥା କରାଯାଇଛି ଯେ ତାଙ୍କ ମୃତ୍ୟୁର ଅବ୍ୟବହିତ ପୂର୍ବରୁ ମୃତ ବ୍ୟକ୍ତିଙ୍କ ସହଉତ୍ତରାଧିକାରୀଙ୍କୁ ଏକ ଆନୁମାନିକ ବିଭାଜନ ଦ୍ୱାରା ତାଙ୍କୁ ବଣ୍ଟନ କରାଯିବ ।

୪୯. ଏଠାରେ ଟିପ୍ପଣୀ କରିବା କୌତୁହଳପୂର୍ଣ୍ଣ ଯେ  ହିନ୍ଦୁ ସଂହିତା  ନିୟମ ମିତାକ୍ଷର ସହଉତ୍ତରାଧିକାର ଆଇନକୁ ସମ୍ପୂର୍ଣ୍ଣରୂପେ ଉଚ୍ଛେଦ କରିବାକୁ ଚାହୁଁଥିଲା । ଫଳସ୍ୱରୂପ  ତାକୁ  ବିରୋଧ କରାଯାଇଥିଲା ଏବଂ ପ୍ରଧାନ ଅଧିନିୟମରେ ପୂର୍ବତନ ଧାରା ୬ କୁ ପ୍ରଣୟନ କରାଯାଇଥିଲା ।  ଯଦି ସହହଉତ୍ତରାଧିକାର ସମ୍ପତ୍ତିରେ ବିଭାଜନ କରାଯାଏ ତେବେ ପ୍ରତ୍ୟେକ  ପୁରୁଷ ସହଉତ୍ତରାଧିକାରୀ ତାଙ୍କ ଭାଗ ପାଇବେ ଏବଂ ମା  ଏବଂ ସ୍ତ୍ରୀ/ ବିଧବା ସହଉତ୍ତରାଧିକାରୀ ହେଇପାରିବେ ନାହିଁ କିନ୍ତୁ ସହଉତ୍ତରାଧିକାର ସମ୍ପତ୍ତିରେ ସେ ଏକ ଭାଗ ପାଇବେ । କିନ୍ତୁ ସହଉତ୍ତରାଧିକାର  ସମ୍ପତ୍ତିରେ ଝିଅକୁ କୌଣସି ଭାଗ ମିଳିବ ନାହିଁ । ପ୍ରାକ୍ ସଂଶୋଧିତ ପ୍ରଧାନ ଅଧିନିୟମ ଧାରା ୮ ଆଧାରରେ ଆନୁମାନିକ ବିଭାଜନରେ ସହଉତ୍ତରଧିକାର ସମ୍ପତ୍ତିରୁ ଭାଗ ପାଇଥିବା ମୃତ ସହଉତ୍ତରାଧିକାରୀଙ୍କ ଝିଅ କେବଳ ଏକ ଭାଗ ପାଇବ । ପ୍ରଧାନ ଅଧିନିୟମ ଧାରା ୩୦ ଅନୁଯାୟୀ ଜଣେ ହିନ୍ଦୁ ପୁରୁଷ ତାଙ୍କ ସହଉତ୍ତରାଧିକାର ସମ୍ପତ୍ତି ଏବଂ ସ୍ୱାର୍ଥକୁ   ଲିଖିତ ଆକାରରେ/ଇଚ୍ଛା ଅନୁସାରେ ନିକାଶ କରିପାରିବେ ଏବଂ ତାଙ୍କର ଯେକୌଣସି ଭାଗରେ ମହିଳା ଉତ୍ତରାଧିକାରୀଙ୍କୁ ବଞ୍ଚିତ କରିପାରିବେ ।

## ସଂଶୋଧନ ଅଧିନିୟମ ୨୦୦୫ର ତିଆରି

୫୦. ହିନ୍ଦୁ ଆଇନର ଉପରୋକ୍ତ ଅବସ୍ଥାନକୁ ଦୃଷ୍ଟିରେ ରଖି ଭାରତୀୟ ଆଇନ ଆୟୋଗ ଏହାର ୧୭୪ ତମ ବିବୃତିରେ (ମଇ ୨୦୦୦ ) ଲିଙ୍ଗଗତ ସମାନତାକୁ  ସୁନିଶ୍ଚିତ କରିବା ପାଇଁ ଏହି ଲିଙ୍ଗଗତ ସଂସ୍କାରକୁ

ଅଣାଯାଇଥିଲା । କେରଳ, ଆନ୍ଧ୍ର ପ୍ରଦେଶ, ତାମିଲନାଡୁ, ମହାରାଷ୍ଟ୍ର ଏବଂ କର୍ଣ୍ଣାଟକ ଭଳି ବିଭିନ୍ନ ରାଜ୍ୟରେ ଲିଙ୍ଗଗତ ସମାନତା ଆଣିବା ଲାଗି ପ୍ରୟାସ କରାଯାଇଥିବା ଆୟୋଗ ଉଲ୍ଲେଖ କରିଥିଲେ । କିନ୍ତୁ କେରଳ ବ୍ୟତୀତ ଏହି ସମସ୍ତ ରାଜ୍ୟ ଝିଅମାନଙ୍କୁ ସହଉତ୍ତରାଧିକାର ଅଧିକାର ପ୍ରଦାନ କରିବା ସମୟରେ ରାଜ୍ୟ ଅଧିନିୟମ ଲାଗୁ ହେବା ପୂର୍ବରୁ ବିବାହିତ ଝିଅମାନଙ୍କୁ ଏପରି ଅଧିକାରରୁ ବଞ୍ଚିତ କରିଥିଲେ ।

୫୧. ଆଇନ ଆୟୋଗ ସୁପାରିଶ କରିଥିଲେ ଯେ ଝିଅକୁ ଜନ୍ମରୁ ସହଉତ୍ତରାଧିକାରୀ କରାଯିବା ଉଚିତ, ଏବଂ ସେ ବିଭାଜନ ଏବଂ/କିମ୍ବା ପୁରୁଷ ସହଉତ୍ତରାଧିକାରୀଙ୍କ ମୃତ୍ୟୁ ହେଲେ ଭାଗ ପାଇବା ପାଇଁ ହକଦାର ହେବା ଉଚିତ । ଆୟୋଗ ଆହୁରି ମଧ୍ୟ ସୁପାରିସ କରିଛନ୍ତି ଯେ, ସଂଶୋଧନ ଅଧିନିୟମ ଲାଗୁ ହେବା ପରେ ବିବାହିତ ଝିଅ ପୈତୃକ ସମ୍ପତ୍ତିରେ ଏକ ଅଂଶ ପାଇବାପାଇଁ ହକଦାର, ଯେହେତୁ ସେ ବିବାହ ପୂର୍ବରୁ ସହଉତ୍ତରାଧିକାରୀ ହୋଇସାରିଛନ୍ତି । ଅଧିନିୟମ ଆୟୋଗଙ୍କ ଆଉ ଏକ ସୁପାରିଶରେ ପ୍ରମୁଖ ଅଧିନିୟମର ପୂର୍ବ ଧାରା ୨୩ କୁ ଉଚ୍ଛେଦ କରିବା ପାଇଁ କୁହାଯାଇଥିଲା, ଯେଉଁଥିରେ ମିଳିତ ହିନ୍ଦୁ ପରିବାରର ସଦସ୍ୟ ଭାବେ ଜଣେ ମହିଳାଙ୍କୁ ପାରିବାରିକ ଘରେ ରହିବାର ଅଧିକାର ପ୍ରଦାନ କରାଯାଇଥିଲା, କିନ୍ତୁ ପୁରୁଷଙ୍କ ତୁଳନାରେ ମହିଳାଙ୍କୁ ପାରିବାରିକ ଘରର ବିଭାଜନ ଦାବି କରିବାର କୌଣସି ଅଧିକାର ନଥିଲା । ପରିବାରର ଘର କ୍ଷେତ୍ରରେ ମହିଳାଙ୍କ ଅଧିକାର ପୁରୁଷଙ୍କ ଭଳି ହେବା ଉଚିତ ବୋଲି ଆୟୋଗ ସୁପାରିସ କରିଥିଲେ ।

୫୨. ଆଇନ ଆୟୋଗ ମଧ୍ୟ ଅନୁଭବ କରିଥିଲେ ଯେ ଉତ୍ତରାଧିକାର ଆଇନ ସମ୍ବିଧାନର ଅନୁସୂଚି ୭ ପ୍ରବେଶ ୫ ର ତାଲିକା ୩ ଅଧୀନରେ ଆସେ । ଭାରତୀୟ ସମ୍ବିଧାନର ଧାରା ୨୪୬ କୁ ଦୃଷ୍ଟିରେ ରଖି ଉପରୋକ୍ତ ପାଞ୍ଚଟି ରାଜ୍ୟ ଦ୍ୱାରା ପ୍ରଣୀତ ଆଇନଗୁଡ଼ିକୁ ସେହିପର୍ଯ୍ୟନ୍ତ ରଦ୍ଦ କରାଯିବ, ଯେ ପର୍ଯ୍ୟନ୍ତ ପ୍ରଧାନ ଅଧିନିୟମର ସଂଶୋଧନକୁ ବିରୋଧ କରିଛି ।

୫୩. ୨୦ ଡିସେମ୍ବର, ୨୦୦୪ ମସିହାରେ ହିନ୍ଦୁ ଉତ୍ତରାଧିକାର ସଂଶୋଧନ ବିଲ୍ ୨୦୦୪, ଅନ୍ୟାନ୍ୟ ବିଷୟ ସହିତ ପୂର୍ବତନ ଧାରା ୬ କୁ ସଂଶୋଧନ କରିବା ସହିତ ପ୍ରଧାନ ଅଧିନିୟମର ପୂର୍ବତନ ଧାରା ୨୩ ର ରଦ୍ଦ / ବିଲୋପ ଉଦ୍ଦେଶ୍ୟରେ ରାଜ୍ୟସଭାରେ ଗୃହୀତ କରାଯାଇଥିଲା ।

*'ପ୍ରଧାନ ଅଧିନିୟମ'ର ସଂଶୋଧନ ପାଇଁ ଉଦ୍ଦେଶ୍ୟ ଓ କାରଣର ବିବରଣୀ ନିମ୍ନରେ ଦିଆଗଲା: -*

*ଉଦ୍ଦେଶ୍ୟ ଏବଂ କାରଣର ବିବୃତି*

*ହିନ୍ଦୁ ଉତ୍ତରାଧିକାର ଅଧିନିୟମ ୧୯୫୬ ହିନ୍ଦୁମାନଙ୍କର ଇଚ୍ଛାପତ୍ରହୀନ ଉତ୍ତରାଧିକାରକୁ ସଂଶୋଧନ ଏବଂ ବିଧିବଦ୍ଧ କରିଛି ଏବଂ ଏପର୍ଯ୍ୟନ୍ତ ଅଜଣାଥିବା ମହିଳାମାନଙ୍କ ସମ୍ପତ୍ତିରେ ଅଧିକାର ପ୍ରଦାନ କରିଛି । ତେବେ କେତେକ ନିର୍ଦ୍ଦିଷ୍ଟ କ୍ଷେତ୍ରରେ ମୃତ ପୁରୁଷଙ୍କ ସ୍ୱାର୍ଥରେ ଥିବା ଉତ୍ତରାଧିକାର ହସ୍ତାନ୍ତରଣ ପାଇଁ ନିୟମ ପ୍ରଦାନ ବ୍ୟତୀତ ହିନ୍ଦୁ ମିତାକ୍ଷରର ସଦସ୍ୟ ଥିବା ସହଉତ୍ତରାଧିକାରଙ୍କ ସ୍ୱତନ୍ତ୍ର ଅଧିକାରରେ ଏହା ହସ୍ତକ୍ଷେପ କରି*

ନଥାଏ । ଏହି ଆଇନ ଏକ ସମାନ ଏବଂ ବୀସ୍ତିର୍ଣ୍ଣ ଉତ୍ତରାଧିକାର ଏବଂ ଅନ୍ୟାନ୍ୟ ବିଷୟ ସହିତ ମିତାକ୍ଷର ଏବଂ ଦୟାଭାଗ ବିଦ୍ୟାଳୟ ଦ୍ୱାରା ପରିଚାଳିତ ବ୍ୟକ୍ତିମାନଙ୍କ ଏବଂ ପୂର୍ବରୁ ମୁରୁମକ୍କଟତୟମ,ଅଲିୟସନ୍ତାନ ଏବଂ ନମ୍ବୁଦିର ଆଇନ ଦ୍ୱାରା ପରିଚାଳିତ ବ୍ୟକ୍ତିମାନଙ୍କ ପାଇଁ ମଧ୍ୟ ଲାଗୁ ହୋଇଥାଏ ।"

ଏହି ଅଧିନିୟମ ପ୍ରତ୍ୟେକ ବ୍ୟକ୍ତି ପାଇଁ ଲାଗୁ ହେବ ଯିଏ ୭୨ ମଧ୍ୟରୁ ୨୮ଏସଏ .୫୬୬. ୨୦୧୧ ଦ୍ୱାରା ଯେକୌଣସି ପ୍ରକାରର ହିନ୍ଦୁ ଧର୍ମାମ୍ବଲମ୍ବୀ ହୋଇଥିବେ କିମ୍ବା ଜଣେ ବୀରଶୈବ, ଜଣେ ଲିଙ୍ଗାୟତ କିମ୍ବା ଜଣେ ବ୍ରାହ୍ମ, ପାରଥନା କିମ୍ବା ଆର୍ଯ୍ୟ ସମାଜର ଅନୁଗାମୀ ହୋଇଥିବେ; କିମ୍ବା ଯିଏ ବୌଦ୍ଧ, ଜୈନ କିମ୍ବା ଶିଖ ଧର୍ମାମ୍ବଲମ୍ବୀ ହୋଇଥିବେ; କିମ୍ବା ଯେକୌଣସି ବ୍ୟକ୍ତି ଯିଏ ମୁସଲିମ, ଖ୍ରୀଷ୍ଟିୟାନ, ପାର୍ସୀ କିମ୍ବା ଜିଉ ଧର୍ମାମ୍ବଲମ୍ବୀ ହୋଇ ନଥିବେ । ଲିଖିତ ଇଚ୍ଛାପତ୍ର କ୍ଷେତ୍ରରେ, ଏହି ଅଧିନିୟମ ଲାଗୁ ହେବ ନାହିଁ ଏବଂ ମୃତକଙ୍କ ହିତ ଭାରତୀୟ ଉତ୍ତରାଧିକାର ଅଧିନିୟମ ୧୯୨୫ ଦ୍ୱାରା ପରିଚାଳିତ ହେବ ।

୨. ଅଧିନିୟମ ୬ ଜଣେ ପୁରୁଷ ହିନ୍ଦୁଙ୍କ ସହଉତ୍ତରାଧିକାରୀ ସମ୍ପତ୍ତିର ଉତ୍ତରାଧିକାରୀସୂତ୍ରେ ସ୍ୱାର୍ଥର ହସ୍ତାନ୍ତରଣ ସହିତ ଜଡ଼ିତ ଏବଂ ଏହା ସହଉତ୍ତରାଧିକାରୀ ସଦସ୍ୟ ମାନଙ୍କ ମଧ୍ୟରେ ଜୀବିତଥିବା ଉତ୍ତରାଧିକାରୀଙ୍କୁ ଉତ୍ତରାଧିକାରସୁତ୍ରେ ହସ୍ତାନ୍ତରଣ ନିୟମକୁ ସ୍ୱୀକୃତି ପ୍ରଦାନ କରିଥାଏ । ମହିଳାମାନଙ୍କୁ ସାମିଲ ନକରି ମିତାକ୍ଷର ସହଉତ୍ତରାଧିକାର ସମ୍ପତ୍ତିକୁ ବଜାୟ ରଖିବାର ଅର୍ଥ ହେଉଛି ମହିଳାମାନେ ସେମାନଙ୍କ ପୁରୁଷ ସହଯୋଗୀଙ୍କ ଭଳି ପୈତୃକ ସମ୍ପତ୍ତିରେ ଉତ୍ତରାଧିକାରୀ ହୋଇପାରିବେ ନାହିଁ ।ଏହି ଆଇନ ଝିଅକୁ ସହଉତ୍ତରାଧିକାରୀ ମାଲିକାନାରୁ ବାହାର କରି କେବଳ ଲିଙ୍ଗ ଆଧାରରେ ତାଙ୍କ ସହିତ ଭେଦଭାବ କରିନାହିଁ ବରଂ ସମ୍ବିଧାନ ଦ୍ୱାରା ପ୍ରଦତ୍ତ ସୁନିଶ୍ଚିତ ସମାନତାର ମୌଳିକ ଅଧିକାରକୁ ମଧ୍ୟ ହଟାଇବାରେ ସହାୟକ ହୋଇଛି । ମହିଳାମାନଙ୍କୁ ସାମାଜିକ ନ୍ୟାୟ ପ୍ରଦାନ କରିବାର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଆନ୍ଧ୍ର ପ୍ରଦେଶ, ତାମିଲନାଡୁ, କର୍ଣ୍ଣାଟକ ଏବଂ ମହାରାଷ୍ଟ୍ର ରାଜ୍ୟ ହିନ୍ଦୁ ମିତାକ୍ଷର ସହଉତ୍ତରାଧିକାର ସମ୍ପତ୍ତିରେ କନ୍ୟାମାନଙ୍କୁ ସମାନ ଅଧିକାର ପ୍ରଦାନ କରିବା ଲାଗି ଆଇନରେ ଆବଶ୍ୟକ ପରିବର୍ତ୍ତନ କରିଛନ୍ତି । କେରଳର ବ୍ୟବସ୍ଥାପିକା କେରଳ ସଂଯୁକ୍ତ ହିନ୍ଦୁ ପରିବାର ବ୍ୟବସ୍ଥା (ଉଚ୍ଛେଦ) ଅଧିନିୟମ, ୧୯୭୫ ପ୍ରଣୟନ କରିଛନ୍ତି ।

୩. ହିନ୍ଦୁ ଉତ୍ତରାଧିକାର ଅଧିନିୟମ ୧୯୫୬ ର ଧାରା ୬ ରେ ଥିବା ଭେଦଭାବକୁ ହଟାଇ ଯେପରି ହିନ୍ଦୁ ମିତାକ୍ଷର ସହଉତ୍ତରାଧିକାର ସମ୍ପତ୍ତିରେ ପୁଅମାନଙ୍କର ଅଧିକାର ଅଛି ସେହିପରି ସମାନ ଅଧିକାର ଝିଅମାନଙ୍କୁ ଦିଆଯିବାର ପ୍ରସ୍ତାବ ଆସିଛି । ଅଧିନିୟମର ଧାରା ୨୩, ସଂଯୁକ୍ତ ପରିବାରର ବାସଗୃହରେ ରହୁଥିବା ଜଣେ ମହିଳା ଯେଉଁ ବାସଗୃହ ସମ୍ପୂର୍ଣ୍ଣରୂପେ ସଂଯୁକ୍ତ ପରିବାରଦ୍ୱାର ଅଧିକୃତ, ଉକ୍ତ ବାସଗୃହକୁ ବିଭାଜନ କରିବାପାଇଁ କୌଣସି ମହିଳା ଉତ୍ତରାଧିକାରୀଙ୍କୁ କହିବାର ଅଧିକାର ପ୍ରଦାନ କରିଥାଏ, ଯେପର୍ଯ୍ୟନ୍ତ କି ପୁରୁଷ ଉତ୍ତରାଧିକାରୀ ସେଥିରେ ନିଜ ନିଜ ଭାଗକୁ ବାଣ୍ଟିବାକୁ ପସନ୍ଦ ନକରିଛନ୍ତି । ଉକ୍ତ ଧାରାକୁ ଅନ୍ତର୍ଭୁକ୍ତ ନକରି ସେହି ଧାରାରେ ମହିଳା ଉତ୍ତରାଧିକାରୀଙ୍କ ପାଇଁ ଥିବା ସମସ୍ୟାକୁ ହଟାଇବାପାଇଁ ମଧ୍ୟ ପ୍ରସ୍ତାବ ଆସିଛି ।"

୪. ଉପରୋକ୍ତ ପ୍ରସ୍ତାବମାନ ଆଇନ ଆୟୋଗଙ୍କ ଦ୍ୱାରା ସୁପାରିଶ ଏବଂ ୧୭୪ ତମ ବିବୃତିରେ ଥିବା ''ମହିଳାମାନଙ୍କ ସମ୍ପତ୍ତି ଅଧିକାର" କୁ ଲକ୍ଷକରାଯାଇଛି : ହିନ୍ଦୁ ଆଇନ ଅନୁଯାୟୀ ପ୍ରସ୍ତାବିତ ସଂସ୍କାର ।

*୫. ଏହି ପ୍ରସ୍ତାବିତ ଆଇନ ଉପରୋକ୍ତ ଲକ୍ଷ୍ୟ ହାସଲ କରିବାର ଆଶା ରଖିଛି ।"*

(ଗୁରୁତ୍ୱ ଦିଆଯାଇଛି)

୫୪. ପ୍ରସ୍ତାବିତ ଆଇନ ଅନ୍ୟାନ୍ୟ ବିଷୟ ମଧ୍ୟରେ ବ୍ୟବସ୍ଥା ଅନୁଯାୟୀ ପ୍ରସ୍ତାବିତ ଧାରା ୬ (୧) ରେ କୁହାଯାଇଛି ଯେ ସଂଶୋଧନ ଅଧିନିୟମ ଆରମ୍ଭ ହେବା ପୂର୍ବରୁ ବିବାହିତ ଝିଅ ପାଇଁ ଲାଗୁ ହେବ ନାହିଁ ଏବଂ ଯଦି ସଂଶୋଧନ ଅଧିନିୟମ ଆରମ୍ଭ ହେବା ପୂର୍ବରୁ ବିଭାଜନ ହୋଇଛି ତେବେ ସଂଶୋଧନ ଅଧିନିୟମ ବିଭାଜନ ଉପରେ କୌଣସି ପ୍ରଭାବ ପକାଇବ ନାହିଁ । ତାହାପରେ ଉପରୋକ୍ତ ପ୍ରସ୍ତାବିତ ଆଇନ ସଂସଦର ସ୍ଥାଇ ସମିତି ପାଖକୁ ପ୍ରେରିତ ହୋଇଛି । ଜଣେ ହିନ୍ଦୁ ମହିଳାଙ୍କ ବିରୋଧରେ ପ୍ରଚଳିତ ସମ୍ପତ୍ତି ଅଧିକାର ସମ୍ବନ୍ଧରେ ହିନ୍ଦୁ ଆଇନ ଏବଂ ଲିଙ୍ଗଗତ ଅସମାନତାର ଐତିହାସିକ ଅଭିବୃଦ୍ଧିକୁ ଅଭିଲିଖିତ କରିବା ପରେ ସ୍ଥାୟୀ କମିଟି ବିଲ୍ ର ପ୍ରସ୍ତାବିତ ଧାରା ୬ (୧) ରେ ଥିବା ବ୍ୟବସ୍ଥାକୁ ପ୍ରତ୍ୟାହାର କରିବା ଲାଗି ପ୍ରସ୍ତାବ ଦେଇଥିଲେ ।

୫୫ . ସ୍ଥାୟୀ କମିଟି ଏହା ମଧ୍ୟ ପରାମର୍ଶ ଦେଇଥିଲେ ଯେ ହିନ୍ଦୁ ପରିବାର ସମ୍ପତ୍ତିର ବିଭାଜନ ପାଇଁ ସଂଶୋଧନ ଅଧିନିୟମରେ ସଠିକ୍ ବ୍ୟାଖ୍ୟା କରାଯିବା ଉଚିତ । ଏହା ପ୍ରସ୍ତାବ ଦିଆଯାଇଥିଲା ଯେ ବିଭାଜନର ସମସ୍ତ ଉଦ୍ଦେଶ୍ୟ ପଞ୍ଜୀକୃତ ଦସ୍ତାବିଜ ଦ୍ୱାରା କିମ୍ବା ନ୍ୟାୟାଳୟର ଆଇନଗତ ଆଦେଶ ଦ୍ୱାରା ହେବା ଉଚିତ୍ । ତେବେ ଯେଉଁଠି ମୌଖିକ ବିଭାଜନ ପାଇଁ ଆବେଦନ କରାଯାଏ, ସେଠାରେ ଏହାର ସମର୍ଥନରେ ପ୍ରମାଣ ରହିବା ଉଚିତ । ପୁନଃ ଆଇନ ଆୟୋଗଙ୍କ ପରାମର୍ଶ ଅନୁସାରେ ଧାରା ୨୩ କୁ ଉଚ୍ଛେଦ କରାଯିବା ଦ୍ୱାରା ହିନ୍ଦୁ ମହିଳାମାନେ ପୁରୁଷ ମାନଙ୍କ ପରି ନିଜେ ରହୁଥିବା ପରିବାରର ଘର ଏବଂ ପରିବାରର ସଦସ୍ୟଙ୍କ ଦ୍ୱାରା ଦଖଲରେ ଥିବା ଘର କୁ ବିଭାଜନ କରିବାପାଇଁ କହିପାରିବେ ।

୫୬. ଏହାପରେ ତା୦୯.୦୯.୨୦୦୫ ମସିହାରେ ୨୦୦୫ ମସିହାର ସଂଶୋଧନ ଅଧିନିୟମକୁ ୨୦୦୫ ମସିହାର ଅଧିନିୟମ ୩୯ ଭାବେ ଅନୁମୋଦନ ହୋଇଥିଲା । ପ୍ରଧାନ ଅଧିନିୟମର ପୂର୍ବତନ ଧାରା ୬ ବଦଳରେ ସଂଶୋଧନ ଅଧିନିୟମ ୨୦୦୫ ର ଧାରା ୩କୁ ସ୍ଥାପିତ କରାଯାଇଥିଲା । ସଂଶୋଧନ ଅଧିନିୟମ, ୨୦୦୫ ବିବାହିତା କନ୍ୟାକୁ ଏହି ସଂଶୋଧନର ଲାଭରୁ ବଞ୍ଚିତ ନହେବା ବିଲୋପ କରିଥିଲା ଏବଂ ତା ୨୦.୧୨.୨୦୦୪ ରିଖ (ରାଜ୍ୟସଭାରେ ବିଲ ଗୃହୀତ ହେବ ତାରିଖରେ) ପୂର୍ବରୁ କରାଯାଇଥିବା ବିଭାଜନକୁ ସୁରକ୍ଷାପୂର୍ବକ ଧାରା ୬(୧) ରେ ଏକ ବ୍ୟବସ୍ଥା ଯୋଡ଼ିଥିଲେ । ପ୍ରଧାନ ଅଧିନିୟମର ଧାରା ୬(୫)ର ସ୍ପଷ୍ଟୀକରଣରେ ଉଲ୍ଲେଖ ରହିଛି ଯେ ଅଧିନିୟମର ଧାରା ୬ ର ଉଦ୍ଦେଶ୍ୟ ବିଭାଜନ କେବଳ ପଞ୍ଜୀକୃତ ଦଲିଲ ଦ୍ୱାରା ବିଭାଜନ କିମ୍ବା ନ୍ୟାୟାଳୟର ଆଇନଗତ ଆଦେଶ ଦ୍ୱାରା ବୋଲି ଧରାଯିବ ।

୫୭. ଉଭୟ ପକ୍ଷଙ୍କ ଦ୍ୱରା ପ୍ରଦତ୍ତ ପ୍ରତିସ୍ପର୍ଦ୍ଧାତ୍ମକ ଉପସ୍ଥାପନାକୁ ଆବଧାନ କରିବା ପୂର୍ବରୁ, ମୂଳ ଅଧିନୀୟମରେ ସ୍ଥିତ ପୂର୍ବତନ ଧାରା ୬ କୁ ଏବଂ ମୂଳ ଅଧିନିୟମର ସଂଶୋଧିତ ଧାରା ୬ ଯାହାକୁ କି ସଂଶୋଧନ ଅଧିନିୟମ

ଧାରା ୩ ଦ୍ୱାରା ବଦଳ କରାଯାଇଛି ସେଗୁଡିକୁ ସୁବିଧା ଦୃଷ୍ଟିରୁ ଯଦି ପୁନଃ ଉପସ୍ଥାପନା କରିବା ଉପଯୁକ୍ତ ହେବ । ମୂଳ ଅଧିନିୟମର ସଂଶୋଧନ ପୂର୍ବରୁ ଥିବା ଧାରା ୬ କୁ ନିମ୍ନମତେ ପଢାଯାଏ :

*"ଧାରା ୬:- ସହଉତ୍ତରାଧିକାରୀଙ୍କ ସମ୍ପତ୍ତିରେ ଉତ୍ତରାଧିକାରୀସୂତ୍ରେ ହସ୍ତାନ୍ତରଣ -ଯେତେବେଳେ କୌଣସି ହିନ୍ଦୁ ପୁରୁଷ ଏହି ଅଧିନିୟମ ଲାଗୁ ହେବା ପରେ ମୃତ୍ୟୁବରଣ କରନ୍ତି, ତାଙ୍କ ମୃତ୍ୟୁ ସମୟରେ ମିତାକ୍ଷର ସହଉତ୍ତରାଧିକାରୀ ସମ୍ପତ୍ତିରେ ଥିବା ତାଙ୍କର ସ୍ୱାର୍ଥକୁ ବଞ୍ଚିଥିବା ସହଉତ୍ତରାଧିକାରୀ ସଦସ୍ୟ ମାନଙ୍କୁ ଉତ୍ତରାଧିକାର ସୂତ୍ରେ ପ୍ରଦାନ କରାଯିବ ଏବଂ ଏହି ଅଧିନିୟମ ଦ୍ୱାରା ନୁହେଁ ।*

*ଯଦି ମୃତ ବ୍ୟକ୍ତି ଅନୁସୂଚିର ପ୍ରଥମ ଶ୍ରେଣୀରେ ବଞ୍ଚିଥିବା ମହିଳା ସମ୍ପର୍କୀୟଙ୍କୁ ଛାଡି କିମ୍ବା ସେହି ଅନୁସୂଚିର ଜଣେ ପୁରୁଷ ସମ୍ପର୍କୀୟ ଯିଏକି ମହିଳା ସମ୍ପର୍କୀୟଙ୍କ ଦ୍ୱାରା ଦାବି କରନ୍ତି,ତେବେ ମିତାକ୍ଷର ସହଉତ୍ତରାଧିକାର ସମ୍ପତ୍ତିରେ ଥିବା ମୃତ ବ୍ୟକ୍ତିଙ୍କ ସ୍ୱାର୍ଥକୁ ଲିଖିତ ଦଲିଲ କିମ୍ବା ଇଚ୍ଛାପତ୍ରହୀନ ଉତ୍ତରାଧିକାର ଦ୍ୱାରା, ଯଥାସ୍ଥିତି ଏହି ଅଧିନିୟମ ଅଧୀନରେ ପ୍ରଦାନ କରାଯିବ, ଏବଂ ବଞ୍ଚିଥିବା ଉତ୍ତରାଧିକାରୀ ଦ୍ୱାରା ନୁହେଁ ।*

*ସ୍ପଷ୍ଟୀକରଣ ୧-ଏହି ଧାରାର ଉଦ୍ଦେଶ୍ୟ ପାଇଁ ହିନ୍ଦୁ ମିତାକ୍ଷର ସହଉତ୍ତରାଧିକାର ସ୍ୱାର୍ଥକୁ ସେହି ସମ୍ପତ୍ତିରେ ଏକ ଅଂଶ ବୋଲି ବିବେଚିତ ହେବ ଯାହା ତାଙ୍କୁ ଆବଣ୍ଟିତ କରାଯାଇଥାଆନ୍ତା, ବିଭାଜନ ଦାବି କରିବା ଅଧିକାର ଥିବା କିମ୍ବା ନଥିବା ସତ୍ତ୍ୱେ ଯଦି ତାଙ୍କ ମୃତ୍ୟୁ ପୂର୍ବରୁ ସମ୍ପତ୍ତିର ବିଭାଜନ ହୋଇଥାଆନ୍ତା, ।*

*ସ୍ପଷ୍ଟୀକରଣ ୨-ଏହି ଧାରାର ବ୍ୟବସ୍ଥାରେ କୌଣସି ବିବରଣ ନାହିଁ ଯାହାକୁ ବ୍ୟାଖ୍ୟା କରି ମୃତ ବ୍ୟକ୍ତିର ମୃତ୍ୟୁ ପୂର୍ବରୁ ସହଉତ୍ତରାଧିକାରରୁ ନିଜେ ଅଲଗା ହୋଇଥିବା ବ୍ୟକ୍ତିଙ୍କୁ କ୍ଷମ କରିବା କିମ୍ବା ତାଙ୍କର କୌଣସି ଉତ୍ତରାଧିକାରୀଙ୍କୁ ଇଚ୍ଛାପତ୍ର ବିହୀନ ମୃତ୍ୟୁରେ ସେଠାରେ ପ୍ରଦତ୍ତ ସ୍ୱାର୍ଥରେ ଏକ ଅଂଶ ଦାବିକରିବା ।"*

୫୮. ତା ୦୯.୦୯.୨୦୦୫ ରିଖ ଠାରୁ ଲାଗୁ ହୋଇଥିବା ସଂଶୋଧନ ଅଧିନିୟମ ୨୦୦୫ ରେ ସଂଶୋଧିତ ହୋଇଥିବା ମୂଳ ଅଧିନିୟମର ଧାରା ୬ କୁ ପ୍ରତିସ୍ଥାପିତ କରାଯାଇ ଏହିପରି ପଢା ଯାଏ:

*"୬. ସହଉତ୍ତରାଧିକାରୀଙ୍କ ସମ୍ପତିରେ ଉତ୍ତରାଧିକାର ସୂତ୍ରେ ସ୍ୱାର୍ଥ ହସ୍ତାନ୍ତରଣ ।–*

*(୧) ହିନ୍ଦୁ ଉତ୍ତରାଧିକାର (ସଂଶୋଧନ) ଅଧିନିୟମ ୨୦୦୫ର ପ୍ରାରମ୍ଭରୁ ମିତାକ୍ଷର ବିଧି ଦ୍ୱାରା ପରିଚାଳିତ ଏକ ସଂଯୁକ୍ତ ହିନ୍ଦୁ ପରିବାରରେ ସହଉତ୍ତରାଧିକାରୀଙ୍କ କନ୍ୟା,*

*(କ) ପୁଅଙ୍କ ଭଳି ଜନ୍ମରୁ ଉତ୍ତରାଧିକାର ଅଧିକାର ମିଳିଥାଏ;*

*(ଖ) ସେହି ଅଧିକାର ଥାଇ ସହ ଉତ୍ତରାଧିକାର ସମ୍ପତ୍ତିରେ ଯଦି ସେ ପୁଅ ହୋଇଥାଆନ୍ତା ତେବେ ଯେଉଁ ଅଧିକାର ତାଙ୍କର ରହିଥାଆନ୍ତା ସେହି ଅଧିକାର ମଧ୍ୟ ତାଙ୍କର ମଧ୍ୟ ରହିଥାଆନ୍ତା ।*

(ଗ) ଉକ୍ତ ସହଉତ୍ତରାଧିକାରୀ ସମ୍ପତ୍ତିରେ ପୁଅ ଭଳି ସମାନ ଦାୟୀତ୍ୱ ସହିତ ଏବଂ ହିନ୍ଦୁ ମିତାକ୍ଷର ସହଉତ୍ତରାଧିକାରର ଯଦି କିଛି ଉଲ୍ଲେଖ ଜଣେ ଝିଅର ସହଉତ୍ତରାଧିକାର ପାଇଁ ଥାଏ ତେବେ ତାକୁ ମିଶାଇ ଦିଆଯିବ:

ଉଲ୍ଲେଖ କରାଯାଇଛି ଯେ ଉପଧାରାରେ କୌଣସି ଏମିତି ଜିନିଷ ନାହିଁ-

ଯିଏକି କୌଣସି ବିତରଣ କିମ୍ବା କୌଣସି ହସ୍ତାନ୍ତରଣ କିମ୍ବା ୨୦ ଡିସେମ୍ବର ୨୦୦୪ ମସିହା ପୂର୍ବରୁ ହୋଇଥିବା ଇଚ୍ଛାପତ୍ର ଲିଖିତ ସମ୍ପତ୍ତି ହସ୍ତାନ୍ତରଣ ଏପରିକି ବିଭାଜନ ପ୍ରକ୍ରିୟା ଉପରେ କୌଣସି ପ୍ରଭାବ କିମ୍ବା ତାକୁ ଅକାମି କରିପାରିବ ।

(୨) ଉପଧାରା (୧) ହେତୁ କୌଣସି ସମ୍ପତ୍ତିରେ ଯଦି ହିନ୍ଦୁ ମହିଳାଙ୍କର ଅଧିକାର ଥାଏ, ଏହି ଅଧିନୀୟମରେ ଯାହାସବୁ ଥାଉ ନା କାହିଁକି, ତେବେ ତାଙ୍କୁ ସହଉତ୍ତରାଧିକାର ମାଲିକାନାଭାବେ ଗ୍ରହଣ କରାଯିବ କିମ୍ବା କୌଣସି ଅନ୍ୟ ଆଇନ ଯଦି ସମୟାନୁସାରେ ବଳବତ୍ତର ଥାଏ ତେବେ ସେ ତାଙ୍କ ସମ୍ପତ୍ତିକୁ ଇଚ୍ଛାପତ୍ର ଜରିଆରେ ନିକାଶ କରିପାରିବେ ।

(୩) ହିନ୍ଦୁ ଉତ୍ତରାଧିକାର (ସଂଶୋଧନ) ଅଧିନିୟମ ୨୦୦୫ର ପ୍ରାରମ୍ଭ ପରେ ଯଦି କୌଣସି ହିନ୍ଦୁଙ୍କର ମୃତ୍ୟୁ ହୁଏ ତେବେ ମିତାକ୍ଷର ଅଧିନିୟମ ଦ୍ୱାରା ପରିଚାଳିତ ଏକ ସଂଯୁକ୍ତ ହିନ୍ଦୁ ପରିବାରର ସମ୍ପତ୍ତିରେ ତାଙ୍କର ହିତକୁ ଏହି ଅଧିନିୟମ ଦ୍ୱାରା ଲିଖିତ ଉତ୍ତରାଧିକାରୀ ସୂତ୍ରେ କିମ୍ବା ଇଚ୍ଛାପତ୍ରହୀନ ଉତ୍ତରାଧିକାରୀଙ୍କୁ ପ୍ରଦାନ କରାଯିବ କିନ୍ତୁ ଜୀବିତଥିବା ଉତ୍ତରାଧିକାରୀଙ୍କ ଦ୍ୱାରା ନୁହେଁ ଏବଂ ସହଉତ୍ତରାଧିକାରୀ ସମ୍ପତ୍ତିକୁ ଏପରି ଭାଗ କରାଯିବ ଯେପରି ବିଭାଜନ ହେଲା ପରି ଲାଗିବ ଏବଂ-

(କ) ଝିଅକୁ ସେପରି ଭାଗ ଆବଣ୍ଟନ କରାଯିବ ଯେପରି କି ପୁଅକୁ ଦିଆଯାଏ;

(ଖ) ପୁଅ କିମ୍ବା ଜଣେ ଝିଅର ମୃତ୍ୟୁ ପୂର୍ବରୁ ବିଭାଜନ ଦ୍ୱାରା ପାଇଥିବା ଅଂଶକୁ ପୁଅର ମୃତ୍ୟୁ ପୂର୍ବରୁ ଏବଂ ଝିଅର ମୃତ୍ୟୁ ପୂର୍ବରୁ ଥିବା ତାଙ୍କ ସନ୍ତାନମାନଙ୍କୁ ବଣ୍ଟନ କରାଯିବ; ଏବଂ

(ଗ) ଜଣେ ପୁଅର ମୃତ୍ୟୁ ପୂର୍ବରୁ ଏବଂ ତାଙ୍କ ସନ୍ତାନଙ୍କ ମୃତ୍ୟୁ ପୂର୍ବରୁ କିମ୍ବା ଜଣେ ଝିଅର ମୃତ୍ୟୁ ପୂର୍ବରୁ, ଯଦି ଏହି ସନ୍ତାନମାନେ ବିଭାଜନ ସମୟରେ ଜୀବିତ ଥାଇ ପାଇଥାନ୍ତେ ତେବେ ପୁଅର ମୃତ୍ୟୁ ପୂର୍ବରୁ କିମ୍ବା ଝିଅର ମୃତ୍ୟୁ ପୂର୍ବରୁ, ତାଙ୍କ ମୃତ ସନ୍ତାନଙ୍କ ନାମରେ ଯଥାସ୍ଥିତିରେ ବଣ୍ଟନ କରାଯିବ ।

ସ୍ପଷ୍ଟୀକରଣ- ଏହି ଉପଧାରାର ଉଦ୍ଦେଶ୍ୟ ପାଇଁ, ହିନ୍ଦୁ ମିତାକ୍ଷର ସହଉତ୍ତରାଧିକାରୀଙ୍କ ସ୍ୱାର୍ଥ ସେହି ସମ୍ପତ୍ତିରେ ଅଛି ବୋଲି ବିବେଚିତ ହେବ ଯଦି, ତାଙ୍କର ସଦ୍ୟମୃତ୍ୟୁ ପୂର୍ବରୁ ବିଭାଜନ ପ୍ରକ୍ରିୟା ଦ୍ୱାରା ତାଙ୍କୁ ଉକ୍ତ ସମ୍ପତ୍ତି ବଣ୍ଟନ କରାଯାଇଥିବ, ତାଙ୍କର ବିଭାଜନ ଅଧିକାର ଦାବି ଥାଉ କି ନଥାଉ ।

(୪) ହିନ୍ଦୁ ଉତ୍ତରାଧିକାର (ସଂଶୋଧନ) ଅଧିନିୟମ ୨୦୦୫ର ପ୍ରାରମ୍ଭ ପରେ ବାପା, ଜେଜେବାପା କିମ୍ବା ବଡ ଜେଜେବାପାଙ୍କ ଦ୍ୱାରା ହୋଇଥିବା ଋଣ କୁ ପରିଶୋଧ କରିବା ପାଇଁ ଏବଂ ହିନ୍ଦୁ ଆଇନ ଦ୍ୱାରା ଏକ ଧାର୍ମିକ କର୍ମ ବୋଲି ଭାବି କୌଣସି ନ୍ୟାୟାଳୟ କୌଣସି ପୁଅ, ନାତି ବା ଅଣନାତିଙ୍କ

*ବିରୁଦ୍ଧରେ ଉକ୍ତ ଋଣ ପରିଶୋଧ କରିବା ଏବଂ ପୁଅ,ନାତି ଏବଂ ଅଣନାତିଙ୍କୁ ଋଣ ପରିଶୋଧ କରିବାର ଯଦି କିଛି ଥାଏ, ସେଥି ନିମନ୍ତେ ସ୍ୱକୀୟ କାର୍ଯ୍ୟାନୁଷ୍ଠାନ କରିପାରିବେ ନାହିଁ ।*

*କୁହାଯାଇଛି ଯେ ହିନ୍ଦୁ ଉତ୍ତରାଧିକାର (ସଂଶୋଧନ) ଅଧିନିୟମ ୨୦୦୫ର ପ୍ରାରମ୍ଭ ପୂର୍ବରୁ ହୋଇଥିବା କୌଣସି ଋଣ ଏହି ଉପଧାରାରେ ଥିବା କୌଣସି ଧାରା ପ୍ରଭାବିତ ହେବନାହିଁ-*

*(କ) ପୁଅ, ନାତି କିମ୍ବା ଅଣନାତି ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ କୌଣସି ଋଣଦାତାର ଅଧିକାର, ପରିସ୍ଥିତି ଯାହା ହେଇଥାଉ ନା କାହିଁକି; ଅଥବା*

*(ଖ) ଯଦି କୌଣସି ଋଣ / ଋଣର ପରିଶୋଧ ସମ୍ପତ୍ତିର ହସ୍ତାନ୍ତରଣ ଦ୍ୱାରା ହୋଇଥାଏ ଏବଂ ଏଭଳି ଅଧିକାର କିମ୍ବା ହସ୍ତାନ୍ତରଣ ଆଇନ ଦ୍ୱାରା ବାଧ୍ୟତାମୂଳକ ଏକ ଧାର୍ମିକ କର୍ମ ହୋଇଥାନ୍ତା ଯଦି ହିନ୍ଦୁ ଉତ୍ତରାଧିକାର (ସଂଶୋଧନ) ଅଧିନିୟମ ୨୦୦୫ କାର୍ଯ୍ୟକାରୀ ହୋଇ ନଥାନ୍ତା ।*

*ସ୍ପଷ୍ଟୀକରଣ- ଖଣ୍ଡ (କ) ର ଉଦ୍ଦେଶ୍ୟ ନିମିତ୍ତ, "ପୁଅ, "ନାତି " ବା "ଅଣନାତି " ଅଭିବ୍ୟକ୍ତିକୁ, ସେହି ପୁଅ, ନାତି ବା ଅଣନାତି ବୋଲି ଯଥାସ୍ଥିତ ବିବେଚିତ ହେବ ଯିଏ କି ହିନ୍ଦୁ ଉତ୍ତରାଧିକାର (ସଂଶୋଧନ) ଅଧିନିୟମ ୨୦୦୫ର ପ୍ରାରମ୍ଭ ପୂର୍ବରୁ ଜନ୍ମଗ୍ରହଣ କିମ୍ବା ପୋଷ୍ୟତା ଗ୍ରହଣ କରିଥିଲେ ।*

*(୫) ଡିସେମ୍ବର ୨୦, ୨୦୦୪ ପୂର୍ବରୁ କରାଯାଇଥିବା ବିଭାଜନକୁ ପ୍ରଭାବିତ କରିବା ପାଇଁ ଏହି ଧାରାରେ କିଛି ବ୍ୟବସ୍ଥା ନାହିଁ ।*

*ସ୍ପଷ୍ଟୀକରଣ- ଏହି ଧାରାର ଉଦ୍ଦେଶ୍ୟ ପାଇଁ "ବିଭାଜନ" ର ଅର୍ଥ ପଞ୍ଜିକରଣ ଅଧିନିୟମ ୧୯୦୮ (୧୯୦୮ ର ୧୬) ଅଧୀନରେ ଯଥାର୍ଥ ଭାବେ ପଞ୍ଜିକୃତ ବିଭାଜନ ଦଲିଲର ନିଷ୍ପାଦନ ଦ୍ୱାରା କରାଯାଇଥିବା କୌଣସି ବିଭାଜନ କିମ୍ବା ନ୍ୟାୟାଳୟର ଆଇନଗତ ଆଦେଶାନୁସାରେ ହୋଇଥିବା ବିଭାଜନ ।"*

୫୯. ଆମେ ***ବିନୀତା ଶର୍ମାଙ୍କ*** (ଉପରୋକ୍ତ) ମାମଲାରେ ଏହି ନ୍ୟାୟାଳୟଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ଉକ୍ତିକୁ ଆଲୋଚନା କରିବା ପୂର୍ବରୁ ଆମକୁ ***ଗଣ୍ଡୁରୀ କୋଟେଶ୍ୱରମ୍ମା*** (ଉପରୋକ୍ତ) ମାମଲାରେ ପ୍ରଦାନ କରାଯାଇଥିବା ଏହି ନ୍ୟାୟାଳୟଙ୍କ ନିର୍ଣ୍ଣୟ ଦେଖିବା ଉଚିତ । ***ଗଣ୍ଡୁରୀ କୋଟେଶ୍ୱରମ୍ମା*** (ଉପରୋକ୍ତ)ଙ୍କ ମାମଲାରେ ଏହି ନ୍ୟାୟାଳୟ, ଅନୁଚ୍ଛେଦ ଯଥାକ୍ରମେ ୧୧,୧୨,୧୩ ଏବଂ ୧୪ ରେ ନିମ୍ନୋକ୍ତ ଟିପ୍ପଣୀ ପ୍ରଦାନ କରିଛନ୍ତି:

*"୧୧. ନୂତନ ଧାରା ୬ ତା ୯-୯-୨୦୦୫-ରିଖ ଠାରୁ ସଂଯୁକ୍ତ ହିନ୍ଦୁ ପରିବାରର ପୁରୁଷ ଏବଂ ମହିଳା ସଦସ୍ୟମାନଙ୍କ ମଧ୍ୟରେ ସହଉତ୍ତରାଧିକାର ସମ୍ପତ୍ତିରେ ସମାନ ଅଧିକାର ପ୍ରଦାନ କରିଛି । ବର୍ତ୍ତମାନ ବ୍ୟବସ୍ଥାପିକା ଝିଅମାନଙ୍କ ସପକ୍ଷରେ ବିସ୍ତୃତ ଅଧିକାର ପ୍ରଦାନ କରିଛି । ନୂତନ ଧାରା ୬ ଅନୁଯାୟୀ, ଜଣେ ସହଉତ୍ତରାଧିକାରୀଙ୍କ ଝିଅ ତାଙ୍କ ଜନ୍ମରୁ ପୁଅ ପରି ସମାନ ଭାବରେ ନିଜ*

ଅଧିକାର ଏବଂ ଦାୟୀତ୍ୱର ଅଧିକାରୀ ହୁଅନ୍ତି । ଧାରା ୬ ରେ ବିନା ସନ୍ଦେହ ଏବଂ ସ୍ପଷ୍ଟ ଭାବେ ଘୋଷଣା କରାଯାଇଛି ଯେ ସହଉତ୍ତରାଧିକାରୀଙ୍କ ଝିଅର ପୁଅ ପରି ସହହଉତ୍ତରାଧିକାର ସମ୍ପତ୍ତିରେ ସମାନ ଅଧିକାର ଏବଂ ଦାୟୀତ୍ୱ ଅଛି । ତେଣୁ ତା ୯-୯-୨୦୦୫ ରିଖ ଠାରୁ ପୁଅ ମାନଙ୍କପରି ଝିଅମାନେ ମଧ ପୈତୃକ ସମ୍ପତ୍ତିରେ ଭାଗ ପାଇବା ପାଇଁ ହକଦାର ଏବଂ ପୁଅପରି ସେ ମଧ ଜଣେ ସହଉତ୍ତରାଧିକାରୀ ।

୧୨. ୨୦୦୫ ସଂଶୋଧନ ଅଧିନିୟମ ଦ୍ୱାରା, ମିତାକ୍ଷର ଆଇନ ଦ୍ୱାରା ପରିଚାଳିତ ସଂଯୁକ୍ତ ହିନ୍ଦୁ ପରିବାରର ଜଣେ ଝିଅ ପାଇଁ ସୃଷ୍ଟି କରାଯାଇଥିବା ଅଧିକାର କେବଳ ଧାରା ୬ ର ଉପଧାରା (୧)ରେ ପ୍ରଦତ୍ତ ପରିସ୍ଥିତି ର ବ୍ୟବସ୍ଥାକୁ ଛାଡି ସମ୍ପୂର୍ଣ୍ଣ ଅଟେ । ୧୯୫୬ ଅଧିନିୟମର ନୂତନ ଧାରା ୬ ଯେଉଁ ଦୁଇଟି ବର୍ଗ ଉପରେ ଲାଗୁ ହେବନାହିଁ, ସେଗୁଡ଼ିକ ହେଲା-(୧ ) ଯେଉଁଠାରେ ତା ୨୦-୧୨-୨୦୦୪ ରିଖ ପୂର୍ବରୁ ଦାନ କିମ୍ବା ହସ୍ତାନ୍ତର ସମେତ କୌଣସି ବିଭାଜନ ସମ୍ପାଦନ ହୋଇଛି ଏବଂ (୨) ଯେଉଁଠାରେ ୨୦-୧୨-୨୦୦୪ ମସିହା ପୂର୍ବରୁ ସମ୍ପତ୍ତିର ବିତରଣ ପାଇଁ ଲିଖିତ ଦଲିଲ ସମ୍ପାଦନ କରାଯାଇଛି । ଧାରା ୬ ର ଉପ-ଧାରା (୫ ) ରେ କୌଣସି ସନ୍ଦେହର ଅବକାଶ ନାହିଁ କାରଣ ଏଥିରେ ବ୍ୟବସ୍ଥା ରହିଛି ଯେ ଏହି ଧାରା ୨୦-୧୨-୨୦୦୪ ମସିହା ପୂର୍ବରୁ ହୋଇଥିବା ବିଭାଜନ ଉପରେ ଲାଗୁ ହେବ ନାହିଁ । ନୂତନ ଧାରା ୬ ର ଉଦ୍ଦେଶ୍ୟ ଲାଗି ଏହା ସ୍ପଷ୍ଟ କରାଯାଇଛି ଯେ "ବିଭାଜନ" ଅର୍ଥ ପଞ୍ଜିକରଣ ଅଧିନିୟମ ୧୯୦୮ ଅଧୀନରେ ଉଚିତ ଭାବରେ ସମ୍ପାଦନ ହୋଇଥିବା ପଞ୍ଜିକୃତ ବିଭାଜନ ଦଲିଲ କିମ୍ବା ନ୍ୟାୟାଳୟର ଆଇନଗତ ଆଦେଶ ଦ୍ୱାରା ସମ୍ପାଦନ ହୋଇଥିବା ବିଭାଜନ ପ୍ରକ୍ରିୟା । ଧାରା ୬ ର ଉପଧାରା (୫) ର ସ୍ପଷ୍ଟୀକରଣରେ ଏକ ସ୍ପଷ୍ଟ ବ୍ୟବସ୍ଥାରେ ଯୋଡ଼ା ଯାଇଛି ଯେ ଏହି ଧାରା ଲାଗୁ ନ କରିବାକୁ ନିର୍ଦ୍ଧାରଣ କରିବା ପାଇଁ, ପ୍ରାସଙ୍ଗିକ ତଥ୍ୟସବୁ କଣ ରହିଛି ତାକୁ ବାହାର କରିବା ଏବଂ ୨୦-୧୨-୨୦୦୪ ମସିହା ପୂର୍ବରୁ ୧୯୦୮ ମସିହା ପଞ୍ଜୀକୃତ ଅଧିନିୟମ ଅଧୀନରେ ବିଭାଜନ ଦଲିଲ ପଞ୍ଜୀକୃତ ହୋଇଛି କି ନା କିମ୍ବା ନ୍ୟାୟାଳୟର ଏକ ଆଇନଗତ ଆଦେଶ ଦ୍ୱାରା ସମ୍ପାଦନ ହୋଇଛି କି ନାହିଁ । ୧୯୫୬ ମସିହାର ସଂଶୋଧିତ ଅଧିନିୟମର ଧାରା ୬ ଆଧାରରେ ଉପରୋକ୍ତ ଅଧିନିୟମଗତ ସ୍ଥିତିକୁ ଦୃଷ୍ଟିରେ ରଖି ଆମକୁ ଏହି ପ୍ରଶ୍ନର ଉତ୍ତର ଦେବାକୁ ପଡ଼ିବ ଯେ ୧୯-୦୩-୧୯୯୯ ମସିହାରେ ବିଚାର କରୁଥିବା ନ୍ୟାୟାଳୟଙ୍କ ଦ୍ୱାରା ପାରିତ ପ୍ରାରମ୍ଭିକ ଆଇନଗତ ଆଦେଶ ଏବଂ ୨୭-୦୯-୨୦୦୩ ମସିହାରେ ସଂଶୋଧିତ ଆଇନଗତ ଆଦେଶ ଆବେଦନକାରୀଙ୍କୁ ୨୦୦୫ ସଂଶୋଧନ ଅଧିନିୟମର ଲାଭରୁ ବଞ୍ଚିତ କରୁଛି କି, ଯଦିଓ ବିଭାଜନ ପାଇଁ ଚୂଡ଼ାନ୍ତ ଆଇନଗତ ଆଦେଶ ଏପର୍ଯ୍ୟନ୍ତ ପାରିତ ହୋଇନାହିଁ ।

୧୩. ଆଇନଗତ ସ୍ଥିତି ସ୍ଥିର ହୋଇଛି ଯେ ଏକ ସଂଯୁକ୍ତ ହିନ୍ଦୁ ପରିବାରର ବିଭାଜନ ବିଭିନ୍ନ ପଦ୍ଧତିରେ ସମ୍ପାଦନ କରାଯାଇପାରିବ, ଅନ୍ୟାନ୍ୟ ବିଷୟ ମଧ୍ୟରେ , ଏଥିମଧ୍ୟରୁ ଦୁଇଟି ପଦ୍ଧତି ହେଉଛି (ପ୍ରଥମ) ବିଭାଜନର ପଞ୍ଜିକୃତ ଦଲିଲ ଦ୍ୱାରା ଏବଂ (ଦ୍ୱିତୀୟ ) ନ୍ୟାୟାଳୟର ଆଇନଗତ ଆଦେଶ ଦ୍ୱାରା । ବର୍ତ୍ତମାନ ମାମଲାରେ, ସ୍ୱୀକୃତ ଅଛି ଯେ ବିଭାଜନ ୨୦-୧୨-୨୦୦୪ ମସିହା ପୂର୍ବରୁ କୌଣସି ପଞ୍ଜିକୃତ ଉପକରଣ କିମ୍ବା ନ୍ୟାୟାଳୟର ଆଇନଗତ ଆଦେଶ ଦ୍ୱାରା ସମ୍ପାଦନ କରାଯାଇନାହିଁ ।

*ପ୍ରତିବାଦୀ ସଂଖ୍ୟା ୧ ଙ୍କ ଦ୍ୱାରା ଦାଖଲ ବିଭାଜନ ମାମଲା ଏହି କାରଣ ପାଇଁ ମକଦ୍ଦମା ଆକାରରେ ପହଞ୍ଚିଛି ଯେ ୧୯-୩-୧୯୯୯ ମସିହାର ପ୍ରାରମ୍ଭିକ ଆଇନଗତ ଆଦେଶରେ ନିର୍ଦ୍ଧାରଣ କରାଯାଇଥିବା ଭାଗ ଯାହାକୁ କି ୨୭-୯-୨୦୦୩ ମସିହାରେ ସଂଶୋଧନ କରାଯାଇଥିଲା ଏବଂ ଆୟୋଗଙ୍କ ବିବୃତି ପ୍ରାପ୍ତ ହୋଇଥିଲା ।*

*୧୪. ପ୍ରାରମ୍ଭିକ ଆଇନଗତ ଆଦେଶ ପକ୍ଷମାନଙ୍କର ଅଧିକାର ଏବଂ ସ୍ୱାର୍ଥ ନିର୍ଦ୍ଧାରଣ କରିଥାଏ । ପ୍ରାରମ୍ଭିକ ଆଇନଗତ ଆଦେଶ ପାରିତ ହେବା ଦ୍ୱାରା ବିଭାଜନ ମକଦ୍ଦମାର ସମାଧାନ ହୁଏ ନାହିଁ । ଚୂଡ଼ାନ୍ତ ଆଇନଗତ ଆଦେଶ ଦ୍ୱାରା ସଂଯୁକ୍ତ ହିନ୍ଦୁ ପରିବାରର ସ୍ଥାବର ସମ୍ପତ୍ତିର ସୀମା ନିର୍ଦ୍ଧାରଣ ପ୍ରକ୍ରିୟା ସହାୟତାରେ ବଣ୍ଟନ କରାଯାଏ । ପ୍ରାରମ୍ଭିକ ଆଇନଗତ ଆଦେଶ ପାରିତ ହେବାପରେ ଏବଂ ଚୂଡ଼ାନ୍ତ ଆଇନଗତ ଆଦେଶ ଆସିବା ପର୍ଯ୍ୟନ୍ତ ମକଦ୍ଦମା ଚାଲୁ ରୁହେ । ଯଦି ଏହି ପରିସ୍ଥିତିରେ ଯଥା: ପ୍ରାରମ୍ଭିକ ଆଇନଗତ ଆଦେଶ ପାରିତ ହେବା ପରେ ଏବଂ ଚୂଡ଼ାନ୍ତ ଆଇନଗତ ଆଦେଶ ପାରିତ ହେବା ପୂର୍ବରୁ ଉପସ୍ଥିତ ଘଟଣା ଏବଂ ଭିନ୍ନ ପରିସ୍ଥିତି କାରଣରୁ ଭାଗରେ ପରିବର୍ତ୍ତନର ଆବଶ୍ୟକ ହୋଇଥାଏ, ତେବେ ପରିବର୍ତ୍ତିତ ପରିସ୍ଥିତିକୁ ଧ୍ୟାନରେ ରଖି ପକ୍ଷମାନଙ୍କର ଅଧିକାର ଏବଂ ସ୍ୱାର୍ଥକୁ ପୁନଃନିର୍ଦ୍ଧାରଣ କରିବା ଲାଗି ପ୍ରାରମ୍ଭିକ ଆଇନଗତ ଆଦେଶରେ ସଂଶୋଧନ କରିବା କିମ୍ବା ଅନ୍ୟ ଏକ ପ୍ରାରମ୍ଭିକ ଆଇନଗତ ଆଦେଶ ପାରିତ କରିବା ଲାଗି ନ୍ୟାୟାଳୟଙ୍କ ପାଖରେ କୌଣସି ପ୍ରତିବନ୍ଧକ ନାହିଁ ।"*

୬୦. ତେଣୁ ***ଗଣ୍ଡୁରୀ କୋଟେଶ୍ୱରମାଙ୍କ*** ମାମଲାରେ (ପୂର୍ବୋକ୍ତ) ଏହି ନ୍ୟାୟାଳୟ ନିମ୍ନୋକ୍ତ ବିଷୟଗୁଡ଼ିକୁ ସମ୍ପୂର୍ଣ୍ଣ ଭାବରେ ସ୍ପଷ୍ଟ କରିଛନ୍ତି:

(i) ହିନ୍ଦୁ ମିତାକ୍ଷର ଆଇନ ଦ୍ୱାରା ପରିଚାଳିତ ସହଉତ୍ତରାଧିକାରୀ କନ୍ୟାକୁ ଭାଇମାନଙ୍କ ସହିତ ସମାନ ଅଂଶ ପ୍ରଦାନ କରାଯିବା ଏକ ପ୍ରକୃତ ଅଧିକାର ;

(ii) ଯଦିଓ ଏହି ପ୍ରକୃତ ଅଧିକାର ୯-୯-୨୦୦୫ ମସିହାରୁ ସୃଷ୍ଟି ହୋଇଛି, ଏହା ଜନ୍ମ ଗ୍ରହଣ ଘଟଣା ସହିତ ଜଡ଼ିତ ;

(iii) ଏହି ପ୍ରକୃତ ଅଧିକାର ସେତେବେଳେ ଉପଲବ୍ଧ ହେବ ନାହିଁ ଯଦି ସହଉତ୍ତରାଧିକାର ସମ୍ପତ୍ତିର ନିକାଶ କିମ୍ବା ବିଭାଜନ ଦ୍ୱାରା ହସ୍ତାନ୍ତରଣ କିମ୍ବା ସମ୍ପତ୍ତି ବିତରଣ ଲିଖିତ ଦଲିଲ ଦ୍ୱାରା ୨୦-୧୨-୨୦୦୪ ମସିହା ପୂର୍ବରୁ ସମ୍ପାଦନ ହୋଇଥାଏ ଏବଂ;

(iv) ଯଦି କୌଣସି ବିଭାଜନ ଦ୍ୱାରା ସହଉତ୍ତରାଧିକାର ସମ୍ପତ୍ତିର ବିନିଯୋଗ ହୋଇଥାଏ, ତେବେ ଏପରି ବିଭାଜନ ପଞ୍ଜୀକରଣ ଅଧିନିୟମ ୧୯୦୮ ଅଧୀନରେ ବିଧିବଦ୍ଧ ଭାବେ ବିଭାଜନ ଦଲିଲ ଦ୍ୱାରା ପଞ୍ଜିକୃତ ହୋଇଥିବା କିମ୍ବା ନ୍ୟାୟାଳୟର ଆଇନଗତ ଆଦେଶ ଦ୍ୱାରା ସମ୍ପାଦନ ହୋଇଥିବା ଦରକାର ।

(v) ବିଭାଜନର ପ୍ରାରମ୍ଭିକ ଆଇନଗତ ଆଦେଶ କେବଳ ପକ୍ଷମାନଙ୍କର ଅଧିକାର ଏବଂ ସ୍ୱାର୍ଥ ନିର୍ଦ୍ଧାରଣ କରିଥାଏ । କେବଳ ଏକ ଚୂଡ଼ାନ୍ତ ଆଇନଗତ ଆଦେଶ ଦ୍ୱାରା ସଂଯୁକ୍ତ ହିନ୍ଦୁ ପରିବାରର ସ୍ଥାବର ସମ୍ପତ୍ତିକୁ ସୀମା ନିର୍ଦ୍ଧାରଣ ପ୍ରକ୍ରିୟା ଦ୍ୱାରା ଭାଗ କରାଯାଇଥାଏ । ପ୍ରାରମ୍ଭିକ ଆଇନଗତ ଆଦେଶ ପାରିତ ହେବା ପରେ, ଚୂଡ଼ାନ୍ତ ଆଇନଗତ ଆଦେଶ ପାରିତ ହେବା ପର୍ଯ୍ୟନ୍ତ ମକଦ୍ଦମା ଜାରି ରହିବ । ଯଦି ଏହି ସମୟ ମଧ୍ୟରେ ଯଥା: ପ୍ରାରମ୍ଭିକ ଆଇନଗତ ଆଦେଶ ପାରିତ ହେବା ପରେ ଏବଂ ଚୂଡ଼ାନ୍ତ ଆଇନଗତ ଆଦେଶ ପାରିତ ହେବା ପୂର୍ବରୁ ଯଦି ଆଇନରେ କୌଣସି ପରିବର୍ତ୍ତନ ହୋଇଥାଏ ଯାହା ତଦନୁସାରେ ଭାଗ ନିର୍ଦ୍ଧାରଣ କରିବା ଆବଶ୍ୟକ ହୋଇଥାଏ, ତେବେ ପରିବର୍ତ୍ତିତ ପରିସ୍ଥିତିକୁ ଧ୍ୟାନରେ ରଖି ପକ୍ଷମାନଙ୍କର ଅଧିକାର ଏବଂ ସ୍ୱାର୍ଥକୁ ପୁନଃନିର୍ଦ୍ଧାରଣ କରିବା ଲାଗି ପ୍ରାରମ୍ଭିକ ଆଇନଗତ ଆଦେଶରେ ସଂଶୋଧନ କରିବା କିମ୍ବା ଅନ୍ୟ ଏକ ପ୍ରାରମ୍ଭିକ ଆଇନଗତ ଆଦେଶ ପାରିତ କରିବା ଲାଗି ନ୍ୟାୟାଳୟଙ୍କର କୌଣସି ପ୍ରତିବନ୍ଧକ ନାହିଁ ।

୬୧. ଏହି ନ୍ୟାୟାଳୟ ବିନୀତା ଶର୍ମାଙ୍କ (ଉପରୋକ୍ତ) ମାମଲାରେ ଆଇନଗତ ସ୍ଥିତିକୁ ସ୍ଥିର କରିବାକୁ ଯାଇ ପକ୍ଷମାନଙ୍କ ଅଧିକାରକୁ ପରିଚାଳନା ପୂର୍ବକ ଏହି ନ୍ୟାୟାଳୟଙ୍କର ଦୁଇଟି ନିଷ୍ପତ୍ତି ଥିଲା: (କ) ***ପ୍ରକାଶ ଏବଂ ଅନ୍ୟମାନେ ବନାମ ଫୁଲବତୀ ଏବଂ ଅନ୍ୟମାନେ*** ମାମଲା ଯାହାକୁ (୨୦୧୬ )୨ ଏସସିସି ୩୬ ରେ ପ୍ରକାଶ କରାଯାଇଛି ଏବଂ (ଖ) ***ଦନମ୍ମା ଓରଫ ସୁମନ ସୁରପୁର ଏବଂ ଅନ୍ୟଜଣେ ବନାମ ଅମର ଏବଂ ଅନ୍ୟମାନେ*** ମାମଲା ଯାହାକୁ (୨୦୧୮) ୩ ଏସସିସି ୩୪୩ ରେ ପ୍ରକାଶ ପାଇଛି । ***ପ୍ରକାଶ*** (ଉପରୋକ୍ତ) ମାମଲାରେ ଏହା କୁହାଯାଇଥିଲା ଯେ ଧାରା ୬ ପିଛିଲାଭାବେ କାର୍ଯ୍ୟକାରୀ ହୋଇନଥାଏ ଏବଂ ସଂଶୋଧନ ଅଧିନିୟମ ଲାଗୁ ହେବା ତାରିଖ ଅର୍ଥାତ ୦୯.୦୯.୨୦୦୫ ମସିହାରେ ଯଦି ଉଭୟ ସହଉତ୍ତରାଧିକାରୀ ଏବଂ ତାଙ୍କ ଝିଅ ଜୀବିତ ଥାନ୍ତି ତେବେ ଏହା ଲାଗୁ ହେବ । ତଦନୁସାରେ, ଧାରା ୬ ର ବ୍ୟବସ୍ଥାକୁ ପ୍ରତ୍ୟାଶିତ ଭାବେ ବିବେଚନା କରାଯାଇଥିଲା । ***ଦନମ୍ମା*** (ଉପରୋକ୍ତ) ମାମଲାରେ ଏହି ନ୍ୟାୟାଳୟ କହିଥିଲେ ଯେ ଧାରା ୬ ର ସଂଶୋଧିତ ବ୍ୟବସ୍ଥା ସହଉତ୍ତରାଧିକାରୀ ଝିଅଙ୍କୁ ସମ୍ପୂର୍ଣ୍ଣ ଅଧିକାର ପ୍ରଦାନ କରିଥାଏ । ଝିଅ ସମେତ ଯେକୌଣସି ସହଉତ୍ତରାଧିକାରୀ, ସହଉତ୍ତରାଧିକାର ସମ୍ପତ୍ତିରେ ବିଭାଜନ ଦାବି କରିପାରିବେ ।

୬୨. ***ଦନମ୍ମା*** (ଉପରୋକ୍ତ ) ମାମଲାରେ ଜଣେ ଗୁରୁଲିଙ୍ଗପ୍ପା, ଯିଏକି ଜଣେ ଦାବୀଦାର ଝିଅର ପିତା ଏବଂ ସହଉତ୍ତରାଧିକାରୀ ଥିଲେ, ତାଙ୍କର ୨୦୦୧ ମସିହାରେ ଦେହାନ୍ତ ହୋଇଥିଲା, ସେ ଦୁଇ ଝିଅ, ଦୁଇ ପୁଅ ଏବଂ ଜଣେ ବିଧବାଙ୍କୁ ଛାଡି ଚାଲି ଯାଇଥିଲେ । ତେଣୁ ଧାରା ୬ ର ପ୍ରତିସ୍ଥାପିତ ବ୍ୟବସ୍ଥା ଲାଗୁ ହେବା ସମୟରେ ଝିଅଙ୍କର ବାପା ଏବଂ ସହଉତ୍ତରାଧିକାରୀ ଜୀବିତ ନଥିଲେ । ସେହି ଅନୁସାରେ ଝିଅମାନଙ୍କୁ , ପୁଅମାନଙ୍କୁ ଏବଂ ବିଧବାଙ୍କୁ ସମ୍ପତ୍ତିର ୧/୫ ଭାଗ ଦିଆଯାଇଥିଲା । ଏହି ପୃଷ୍ଠଭୂମିରେ, ଏହି ନ୍ୟାୟାଳୟ ଏହି ମତପୋଷଣ କରିଥିଲେ ଯେ ଯେତେବେଳେ ଜଣେ ଝିଅ ସହଉତ୍ତରାଧିକାର ସମ୍ପତ୍ତିରେ ଏକ ଅଂଶ ଦାବି କରିବେ ଏବଂ ଦାବି କରିବା ପାଇଁ ୦୯.୦୯.୨୦୦୫ ମସିହାରେ ସେ ଜୀବିତ ଥିବେ, ସେ ସଂଶୋଧିତ ବ୍ୟବସ୍ଥାର ଲାଭ ପାଇବା

ପାଇଁ ହକଦାର ହେବ, ଯଦିଓ  ସଂଶୋଧନ ଅଧିନିୟମ ଲାଗୁ ହେବା ପୂର୍ବରୁ ସହଉତ୍ତରାଧିକାରୀଙ୍କର ମୃତ୍ୟୁ ହୋଇଥାଏ ।

୬୩. ଏହି ନ୍ୟାୟାଳୟଙ୍କର  ଏକ ତିନି ଜଣିଆ ଖଣ୍ଡପୀଠ ***ପ୍ରକାଶ*** (ପୂର୍ବୋକ୍ତ)  ମାମଲାରେ ଦିଆଯାଇଥିବା ଉକ୍ତିକୁ ସଠିକ୍ ବୋଲି ସନ୍ଦେହ କରିଥିଲେ କାରଣ ***ପ୍ରକାଶ*** (ପୂର୍ବୋକ୍ତ) ଏବଂ ***ଦନମ୍ମା*** (ପୂର୍ବୋକ୍ତ) ମାମଲା ଦ୍ୱୟରେ ପ୍ରଦାନ କରାଯାଇଥିବା  ଉକ୍ତିରେ ଏକ ସ୍ପଷ୍ଟ ଦ୍ୱନ୍ଦ ପରିଲକ୍ଷିତ ହୋଇଥିଲା । ଅଧିନିୟମ ୧୯୫୬ ର ଧାରା ୬ ର ବ୍ୟାଖ୍ୟା ସମ୍ବନ୍ଧୀୟ ପ୍ରଶ୍ନ ଏକ ବୃହତ ଖଣ୍ଡପୀଠ ଙ୍କ ପାଖକୁ ବିଚାର ପାଇଁ  ପଠାଯାଇଥିଲା ।

୬୪. ବୃହତ ଖଣ୍ଡପୀଠ ଶେଷରେ ***ବିନୀତା ଶର୍ମାଙ୍କ*** ମାମଲାରେ ଆଇନର ସ୍ଥିତିକୁ  ସ୍ଥିର କରିଥିଲେ । ଏହି ନ୍ୟାୟାଳୟଙ୍କର  ତିନିଜଣିଆ ଖଣ୍ଡପୀଠ  ଅନ୍ୟମାନଙ୍କ ମଧ୍ୟରେ ନିମ୍ନଲିଖିତ ପ୍ରମୁଖ ପ୍ରଶ୍ନର ବିଚାର କରିଥିଲେ:

(i) **ହିନ୍ଦୁ ଉତ୍ତରାଧିକାର ଅଧିନିୟମ,  ୧୯୫୬ ର ପ୍ରତିସ୍ଥାପିତ ଧାରା ୬ ସେହି ମାମଲାଗୁଡ଼ିକରେ ଲାଗୁ ହେବ କି ଯେଉଁଠାରେ ସଂଶୋଧନ ଅଧିନିୟମ, ୨୦୦୫ ମସିହା ଆରମ୍ଭ ହେବା ପୂର୍ବରୁ ପୁରୁଷ ସହଉତ୍ତରାଧିକାରୀଙ୍କ ମୃତ୍ୟୁ ହୋଇସାରିଥିବ?**

(ii) **ମୃତ ସହଉତ୍ତରାଧୀକାରୀଙ୍କ ଦ୍ୱାରା କରାଯାଇଥିବା ଋଣ ପାଇଁ ଝିଅର ଦାୟିତ୍ୱ ।**

(iii) **ହିନ୍ଦୁ ଉତ୍ତରାଧିକାର ଅଧିନିୟମ ୧୯୫୬ର ପ୍ରତିସ୍ଥାପିତ ଧାରା ୬ର ଉପଧାରା (୫)ରେ ବ୍ୟାଖ୍ୟା, ସୁଯୋଗ  ଏବଂ ପ୍ରଭାବ ସବୁ କ'ଣ ରହିଛି ?**

୬୫.  ***ବିନୀତା ଶର୍ମା*** (ଉପରୋକ୍ତ) (ପାରା ୬୦,୬୮,୬୯  ଏବଂ ୧୨୯) ରେ ନ୍ୟାୟାଳୟ କହିଥିଲେ ଯେ ହିନ୍ଦୁ ଉତ୍ତରାଧିକାର ଅଧିନିୟମ ୧୯୫୬ର ପ୍ରତିସ୍ଥାପିତ ଧାରା ୬ ର ପ୍ରୟୋଗତା ପାଇଁ, ସଂଶୋଧନ ଅଧିନିୟମ ୨୦୦୫  (ଅର୍ଥାତ୍, ୯.୯.୨୦୦୫ ) ଆରମ୍ଭ ହେବା ତାରିଖରେ ପୁରୁଷ ସହଉତ୍ତରାଧିକାରୀ ଜୀବିତ ରହିବାର ଆବଶ୍ୟକତା ନାହିଁ । ତେଣୁ, ହିନ୍ଦୁ ଉତ୍ତରାଧିକାର ଅଧିନିୟମ, ୧୯୫୬ର ପ୍ରତିସ୍ଥାପିତ ଧାରା ୬ କେବଳ ସଂଶୋଧନ ଅଧିନିୟମ ୨୦୦୫ ର ଆରମ୍ଭ ପରେ ହୋଇଥିବା ପୁରୁଷ ସହଉତ୍ତରାଧିକାରୀଙ୍କ  ମୃତ୍ୟୁ ମାମଲା ମାନଙ୍କରେ  ସୀମିତ ନୁହେଁ । ପ୍ରତିସ୍ଥାପିତ ଧାରା ୬  ସେହି ମାମଲାରେ ମଧ୍ୟ ଲାଗୁ ହେବ ଯେଉଁଠାରେ ପୁରୁଷ ସହଉତ୍ତରାଧିକାରୀଙ୍କ ମୃତ୍ୟୁ ସଂଶୋଧନ ଅଧିନିୟମ ୨୦୦୫ ଲାଗୁହେବା ପୂର୍ବରୁ ହୋଇସାରି  ଥିବ ।

୬୬. ନ୍ୟାୟାଳୟ ସମ୍ଭାବ୍ୟ ବିଧାନ, ପୂର୍ବବର୍ତ୍ତୀ ବିଧାନ ଏବଂ ଅତୀତକାଳୀନ ବିଧାନ ମଧ୍ୟରେ ଥିବା ପାର୍ଥକ୍ୟକୁ ବର୍ଣ୍ଣନା କରିଥିଲେ । ଏହାକୁ  ପାରା ୬୧ରେ ଆଲୋଚନା କରାଯାଇଛି ।

*"୬୧. ନୂତନ ଅଧିକାର ପ୍ରଦାନ କରି ପ୍ରଣୟନ କରାଯିବା ତାରିଖଠାରୁ ଏହି ସମ୍ଭାବ୍ୟ ବିଧାନ କାର୍ଯ୍ୟକାରୀ ହୁଏ । ପୂର୍ବବର୍ତ୍ତୀ ବିଧାନ ଅତୀତ କାଳରୁ କାର୍ଯ୍ୟ କରିଥାଏ ଏବଂ ପ୍ରଚଳିତ ଥିବା ଆଇନ*

ଦ୍ୱାରା ହାସଲ କରାଯାଇଥିବା ନିହିତ ଅଧିକାରକୁ ଛଡ଼ାଇ ନେଇଥାଏ କିମ୍ବା ବଞ୍ଚିତ କରିଥାଏ । ଅତୀତକାଳୀନ ବିଧାନ ଯିଏକି ପିଛିଲାଭାବେ କାର୍ଯ୍ୟକାରୀ ହୋଇନଥାଏ । ଏହା ଭବିଷ୍ୟତପାଇଁ କାର୍ଯ୍ୟ କରିଥାଏ । ତେବେ ଏହାର କାର୍ଯ୍ୟକାରିତା ପୂର୍ବରୁ ସୃଷ୍ଟି ହୋଇଥିବା ଚରିତ୍ର କିମ୍ବା ସ୍ଥିତି ଉପରେ ଆଧାରିତ । ଅତୀତରେ ଘଟିଥିବା ଲକ୍ଷଣ ବା ଘଟଣା କିମ୍ବା ପୂର୍ବ ଘଟଣାବଳୀରୁ ଉଦ୍ଭୁତ ହୋଇଥିବା ଆବଶ୍ୟକତା । ସଂଶୋଧିତ ଧାରା ୬ ଅନୁଯାୟୀ, ଯେହେତୁ ଜନ୍ମ ଦ୍ୱାରା ଅଧିକାର ପ୍ରଦାନ କରାଯାଇଥାଏ, ଅର୍ଥାତ ତାହା ଏକ ପୂର୍ବ ଘଟଣା ଏବଂ ସଂଶୋଧନ ଅଧିନିୟମ ତାରିଖ ଠାରୁ ଅଧିକାର ଦାବି କରିବା ସମ୍ବନ୍ଧୀୟ ବ୍ୟବସ୍ଥା ଲାଗୁ ହୋଇଥାଏ ।”

(ଗୁରୁତ୍ୱ ଦିଆଯାଇଛି)

୬୭. ୧୯୫୬ ଅଧିନିୟମର ପ୍ରତିସ୍ଥାପିତ ଧାରା ୬ର ଉପଧାରା (୧) କୁ ବ୍ୟାଖ୍ୟାକରି ନ୍ୟାୟାଳୟ ପାରା ୬୦ରେ ନିମ୍ନଲିଖିତ ମତ ରଖିଛନ୍ତି ।

“୬୦. ଧାରା ୬(୧)ର ସଂଶୋଧିତ ବ୍ୟବସ୍ଥା ଅନୁଯାୟୀ,ସଂଶୋଧନ ଅଧିନିୟମ ଲାଗୁ ହେବା ପରଠାରୁ ଝିଅକୁ ଏହି ଅଧିକାର ପ୍ରଦାନ କରାଯାଇଛି । ଧାରା ୬(୧)(କ) ଝିଅକୁ ଜନ୍ମ ସମୟରେ "ତାଙ୍କ ନିଜ ଅଧିକାରରେ" ସହଉତ୍ତରାଧିକାର ସହିତ "ପୁଅ ଭଳି ସମାନ" ଅଧିକାର ପ୍ରଦାନ କରିଥାଏ । ଧାରା ୬ (୧) (ଏ) ରେ ଅବରୋହିତ ମିତାକ୍ଷର ସହଉତ୍ତରାଧିକାର ଐତିହର ଧାରଣା ରହିଛି, ଯାହା ଜନ୍ମ କାରଣରୁ ହୋଇଥାଏ । ଧାରା ୬(୧)(ଖ) ସହଉତ୍ତରାଧିକାର ସମ୍ପତ୍ତିରେ ସେହି ସମାନ ଅଧିକାର ପ୍ରଦାନ କରିଥାଏ, ଯଦି ସେ ଜଣେ ପୁଅ ହୋଇଥାନ୍ତେ । ପ୍ରଦାନ କରାଯାଇଥିବା ଅଧିକାର ଜନ୍ମରୁ ହିଁ ମିଳିଥାଏ, ଏବଂ ସେହିପରି ପୁଅ ଭଳି ସହଉତ୍ତରାଧିକାରୀ ଘଟଣା ସହିତ ସମାନ ଅଧିକାର ପ୍ରଦାନ କରାଯାଇଥାଏ ଏବଂ ଜନ୍ମ ସମୟରେ ତାଙ୍କୁ ପୁଅ ଭଳି ସମାନ ଅଧିକାର ସହିତ ସହଉତ୍ତରାଧିକାରୀର ମର୍ଯ୍ୟାଦା ମିଳିଥାଏ ଯେପରି ଜନ୍ମରୁ ସେ ଜଣେ ପୁଅ ହୋଇଛନ୍ତି । ଯଦିଓ ୯ - ୯ - ୨୦୦୫ମସିହାରୁ ଏହି ଅଧିକାର ଦାବି କରାଯାଇପାରିବ, ତଥାପି ଏହି ବ୍ୟବସ୍ଥା ପୂର୍ବବର୍ତ୍ତୀ ଘଟଣାର ପ୍ରୟୋଗ ଉପରେ ଆଧାରିତ; ପୂର୍ବ ଘଟଣା ଆଧାରରେ ସେମାନଙ୍କୁ ଲାଭ ପ୍ରଦାନ କରିଥାଏ ଏବଂ ମିତାକ୍ଷର ସହଉତ୍ତରାଧିକାରୀ ଆଇନ ଜଣେ ଝିଅ କୁ ଉତ୍ତରାଧିକାରୀ ଭାବେ ଗ୍ରହଣ କରିବା ପାଇଁ ବିବେଚନା କରିଥାଏ । ସେହିପରି ବ୍ୟବସ୍ଥାପିକା ଏକ ବ୍ୟବସ୍ଥାକୁ ରକ୍ଷାକରି ଯୋଡିଛନ୍ତି ଯେ ଯଦି ୨୦-୧୨-୨୦୦୪ ମସିହା ପୂର୍ବରୁ ସମ୍ପତି ଦାନ କିମ୍ବା ହସ୍ତାନ୍ତରଣ କିମ୍ବା ଉକ୍ତ ସମ୍ପତ୍ତିର ବିତରଣ ଲିଖିତ ଦଲିଲ କିମ୍ବା ସମ୍ପତ୍ତି ବିଭାଜନ ସମ୍ପାଦନ କାର୍ଯ୍ୟ ରାଜ୍ୟସଭାରେ ବିଲ୍ ଉପସ୍ଥାପନା କରାଯିବା ତାରିଖ ଦିନ ହୋଇଥାଏ ତେବେ ତାକୁ ଅବୈଧ କରାଯିବ ନାହିଁ ।”

(ଗୁରୁତ୍ୱ ଦିଆଯାଇଛି)

୬୮. ନ୍ୟାୟାଳୟ ପୁନଶ୍ଚ ପାରା ୬୮ରେ ନିମ୍ନୋକ୍ତ ଟିପ୍ପଣୀ ପ୍ରଦାନ କରିଛନ୍ତି:

“୬୮. ସହଉତ୍ତରାଧିକାର ସିଦ୍ଧାନ୍ତର ବିଚାରରେ ଜଣଙ୍କୁ ଯେପରି ଜନ୍ମରୁ ମିତାକ୍ଷର ସହଉତ୍ତରାଧିକାର ଅଧିକାର ପ୍ରଦାନ କରାଯାଇଥାଏ ଠିକ ସେହିପରି ଝିଅକୁ ମଧ୍ୟ ସହଉତ୍ତରାଧିକାରୀ ଭାବେ ସ୍ୱୀକୃତି

*ଏବଂ ବିଚାର ପୂର୍ବକ ପୁଅପରି ସମାନ ଅଧିକାର ଏବଂ ଦାୟୀତ୍ୱ ପ୍ରଦାନ କରିବା । ଧାରା ୬ ରେ ବ୍ୟବହୃତ ଅଭିବ୍ୟକ୍ତି ହେଉଛି ଯେ ସେ ଜଣେ ପୁଅ ଭଳି ସହଉତ୍ତରାଧିକାରୀ ହୋଇଥାନ୍ତି । ପୋଷ୍ୟତା ଗ୍ରହଣ ଦ୍ୱାରା ମଧ୍ୟ ସହଉତ୍ତରାଧିକାରତ୍ୱ ପ୍ରଦାନ କରାଯାଇପାରିବ । ଅସଂହିତା ଅପ୍ରତିବନ୍ଧିତ ହିନ୍ଦୁ ଆଇନର ଐତିହରେ ଥିବା ଅବଧାରଣାକୁ ଧାରା ୬(୧)(କ) ଓ ୬(୧)(ଖ) ର ବ୍ୟବସ୍ଥା ଦ୍ୱାରା ଏକ ଦୃଢ ରୂପ ପ୍ରଦାନ କରାଯାଇଛି । ସହଉତ୍ତରାଧିକାର ଅଧିକାର ଜନ୍ମରୁ ହିଁ ରହିଛି । ତେଣୁ, ସଂଶୋଧନ ତାରିଖ ସୁଦ୍ଧା ଝିଅର ପିତା ଜୀବିତ ରହିବା ଆଦୌ ଆବଶ୍ୟକ ନୁହେଁ, କାରଣ ତାଙ୍କୁ ପ୍ରତିବନ୍ଧକ ଐତିହ୍ୟ ଦ୍ୱାରା ସହଉତ୍ତରାଧିକାର ଅଧିକାର ପ୍ରଦାନ କରାଯାଇନାହିଁ । ଧାରା ୬(୧) ରେ ମାନ୍ୟତାପ୍ରାପ୍ତ ମିତାକ୍ଷର ସହଉତ୍ତରାଧିକାର ହିନ୍ଦୁ ଆଇନ ଅନୁଯାୟୀ, ସଂଶୋଧନ ତାରିଖ ସୁଦ୍ଧା ଜଣେ ଜୀବିତ ସହଉତ୍ତରାଧିକାରୀ କିମ୍ବା ଯେଉଁ ବାପର ଝିଅ ଉତ୍ତରାଧିକାରୀ ହେବାର ଥିବ ତାଙ୍କର ଜୀବିତ ଥିବାର କୌଣସି ଆବଶ୍ୟକତା ନାହିଁ ।ଏହି ଅଧିନିୟମ ପୂର୍ବରୁ ବା ପରେ ଜନ୍ମ ନେଇଥିବା ଝିଅ,ପୁଅ ଭଳି ସହଉତ୍ତରାଧିକାରୀ ହୋଇପାରିବ । ତେବେ ପୂର୍ବରୁ ଜନ୍ମ ନେଇଥିବା ଝିଅ ୯-୯-୨୦୦୫ ମସିହାରୁ କାର୍ଯ୍ୟକାରୀ ହୋଇଥିବା ସଂଶୋଧନ ସହିତ, ଧାରା ୬(୧)ର ସର୍ତ୍ତ ଯାହାକୁ ଧାରା ୬ (୫ )ସହ ପଢାଯାଏ, ସେଥିର ପୂର୍ବ କାର୍ଯ୍ୟଧାରାକୁ ରକ୍ଷା କରି ପ୍ରଦାନ କରାଯାଇଥିବା ବ୍ୟବସ୍ଥାରେ ନିଜର ଅଧିକାର ଦାବି କରିପାରିବେ ।"*

(ଗୁରୁତ୍ୱ ଦିଆଯାଇଛି)

୬୯. ନ୍ୟାୟାଳୟ ପୁନଃ ପାରା ୬୯ରେ ଏହିପରି ମତ ଦେଇଛନ୍ତି:

*"୬୯.... ଧାରା ୬(୧) ମିତାକ୍ଷର ଆଇନ ଦ୍ୱାରା ପରିଚାଳିତ ଏକ ସଂଯୁକ୍ତ ହିନ୍ଦୁ ପରିବାରକୁ ମାନ୍ୟତା ପ୍ରଦାନ କରେ । ସହଉତ୍ତରାଧିକାରୀଙ୍କ କନ୍ୟାକୁ ମିଳିଥିବା ଅଧିକାରକୁ ଉପଭୋଗ କରିବାକୁ ସକ୍ଷମ କରିବା ପାଇଁ ସହଉତ୍ତରାଧିକାରୀ ୯-୯-୨୦୦୫ ରେ ନିହାତି ବଞ୍ଚିଥିବା ଆବଶ୍ୟକ । ଯେହେତୁ ଅଧିକାର ଜନ୍ମଗତ ଏବଂ ଉତ୍ତରାଧିକାର ଦ୍ୱାରା ନୁହେଁ, ଏହା ଅପ୍ରାସଙ୍ଗିକ ଯେ ଜଣେ ସହଉତ୍ତରାଧିକାରୀ ଯାହାଙ୍କ ଝିଅକୁ ଅଧିକାର ପ୍ରଦାନ କରାଯାଇଛି ସେ ଜୀବିତ ଅଛନ୍ତି କି ନାହିଁ । ଅଧିକାର ପ୍ରଦାନ କରିବା, ଜଣେ ବାପା କିମ୍ବା ଅନ୍ୟ ସହଉତ୍ତରାଧିକାରୀଙ୍କ ମୃତ୍ୟୁ ଉପରେ ଆଧାରିତ ନୁହେଁ । ୯-୯-୨୦୦୫ପରେ, ଯଦି ଜୀବିତ ସହଉତ୍ତରାଧିକାରୀଙ୍କ ମୃତ୍ୟୁ ହୋଇଥାଏ, ସେ କ୍ଷେତ୍ରରେ ଉତ୍ତରାଧିକାରୀତ୍ୱ ଜୀବିତଙ୍କ ଦ୍ୱାରା ହୋଇନଥାଏ କିନ୍ତୁ ପ୍ରତିସ୍ଥାପିତ ଧାରା ୬(୩)ରେ ପ୍ରଦାନ କରାଯାଇଥିବା ଇଚ୍ଛାପତ୍ର ବିନା କିମ୍ବା ଲିଖିତ ଉତ୍ତରାଧିକାର ଦ୍ୱାରା ହୋଇଥାଏ ।"*

(ଗୁରୁତ୍ୱ ଦିଆଯାଇଛି)

୭୦. ପ୍ରତିସ୍ଥାପିତ ଧାରା ୬ର ଉପଧାରା (୩) କୁ ବ୍ୟାଖ୍ୟା କରି ନ୍ୟାୟାଳୟ ପାରା ୬୬ରେ ନିମ୍ନଲିଖିତ ମତ ରଖିଛନ୍ତି:

*"୬୬. ସଂଶୋଧନ ଅଧିନିୟମ ଲାଗୁହେବ ପରେ ଧାରା ୬(୩) ରେ କୁହାଯାଇଛି ଯେ ହିନ୍ଦୁ ହିସାବରେ ଯଦି ଜଣଙ୍କର ମୃତ୍ୟୁ ହୁଏ, ତେବେ ତାଙ୍କର ସ୍ୱାର୍ଥକୁ ଲିଖିତ କିମ୍ବା ଇଚ୍ଛାପତ୍ରବିହୀନ ଉତ୍ତରାଧିକାରୀଙ୍କ ଦ୍ୱାରା ପ୍ରଦାନ କରାଯିବ, ଏବଂ ବଞ୍ଚିଥିବା ଉତ୍ତରାଧିକାରୀଙ୍କ ଦ୍ୱାରା ନୁହେଁ, ଏବଂ ବିଭାଜନ ହୋଇଥିଲେ ତାଙ୍କ ଉତ୍ତରାଧିକାରୀମାନଙ୍କୁ କେତେ ଭାଗ ମିଳିଥାନ୍ତା ତାକୁ ସୁନିଶ୍ଚିତ କରିବା ପାଇଁ ସହଉତ୍ତରାଧିକାର ସମ୍ପତ୍ତିର ବିଭାଜନ ହୋଇଛି ବୋଲି ବିବେଚନା କରିବା । ଝିଅକୁ ପୁଅ ଭଳି ସମାନ ଭାଗ ବଣ୍ଟନ କରାଯିବ; ଝିଅର କିମ୍ବା ପୁଅର ମୃତ୍ୟୁ ପୂର୍ବରୁ ବଞ୍ଚିଥିବା ସନ୍ତାନକୁ ଭାଗ ପ୍ରଦାନ କରାଯାଏ କିନ୍ତୁ ସନ୍ତାନର ଯଦି ମୃତ୍ୟୁ ହୋଇଛି ତେବେ ପୁଅ କିମ୍ବା ଝିଅର ମୃତ୍ୟୁ ପୂର୍ବର ସନ୍ତାନର ବଞ୍ଚିଥିବା ସନ୍ତାନଙ୍କୁ ସେହି ସମାନ ଭାଗ ପ୍ରଦାନ କରାଯିବ, ଯଦି ସେମାନେ ସାମ୍ଭାବ୍ୟ ବିଭାଜନ ସମୟରେ ଜୀବିତ ଥିବେ । ତେଣୁ, ପ୍ରତିସ୍ଥାପିତ ଧାରା ୬ ରେ ଅପ୍ରତ୍ୟାଶିତ ପରିବର୍ତ୍ତନ ଆସିଛି । ୯-୯-୨୦୦୫ ପରେ ସହଉତ୍ତରାଧିକାରୀଙ୍କ ମୃତ୍ୟୁ ହେଲେ, ଉତ୍ତରାଧିକାର ବଞ୍ଚିଥିବା ଉତ୍ତରାଧିକାରୀ ଦ୍ୱାରା ନୁହେଁ ବରଂ ଧାରା ୬ (୩) ଅନୁଯାୟୀ ହୋଇଥାଏ । ଧାରା ୬(୩) ର ସ୍ପଷ୍ଟୀକରଣ ଧାରା ୬ ସ୍ପଷ୍ଟୀକରଣ ୧ ସହିତ ସମାନ ଯେପରି ମୂଳରୁ ପ୍ରଣୀତ କରାଯାଇଛି ।"*

(ଗୁରୁତ୍ୱ ଦିଆଯାଇଛି)

୭୧. ଅନ୍ୟମାନମାନଙ୍କ ମଧ୍ୟରୁ ***ବିନୀତା ଶର୍ମା*** (ଉପରୋକ୍ତ)ଙ୍କ ମାମଲାର ନିଷ୍ପତ୍ତିର ଉପରୋକ୍ତ ପାରା ଗୁଡିକୁ ଅନୁସରଣ କରି ନିମ୍ନଲିଖିତ ଉପସର୍ଗ ନିଷ୍କୃତ ହୁଏ:

(କ) ହିନ୍ଦୁ ଉତ୍ତରାଧିକାର ଅଧିନିୟମ ୧୯୫୬ର ପ୍ରତିସ୍ଥାପିତ ଧାରା ୬ ର ଉପଧାରା (୧) ମିତାକ୍ଷର ଆଇନ ଦ୍ୱାରା ପରିଚାଳିତ ଏକ ସଂଯୁକ୍ତ ହିନ୍ଦୁ ପରିବାରକୁ ମାନ୍ୟତା ପ୍ରଦାନ କରିଥାଏ ।

(ଖ) ସଂଶୋଧନ ଅଧିନିୟମ ୨୦୦୫ର ପ୍ରାରମ୍ଭରେ ଅର୍ଥାତ ୯.୯.୨୦୦୫ ରେ ସହଉତ୍ତରାଧିକାରୀ ବଞ୍ଚିଥିବା ଆବଶ୍ୟକ ।

(ଗ) ଝିଅକୁ ପୁଅ ଭଳି ସମାନ ଅଧିକାର ଏବଂ ଦାୟିତ୍ୱ ସହିତ ଜନ୍ମରୁ ସହଉତ୍ତରାଧିକାରୀ ବୋଲି ମାନ୍ୟତା ଦିଆଯାଇଥାଏ ।

(ଘ) ସଂଶୋଧନ ଅଧିନିୟମ ୨୦୦୫ ର ପ୍ରାରମ୍ଭରେ ଯେଉଁ ସହଉତ୍ତରାଧିକାରୀଙ୍କ ଝିଅକୁ ଅଧିକାର ପ୍ରଦାନ କରାଯାଇଥିଲା ସେ ଜୀବିତ କିମ୍ବା ମୃତ ଅଛନ୍ତି, ତାହାର ଆବଶ୍ୟକତା ନାହିଁ । ଝିଅ ଜନ୍ମରୁ ପୁଅ ଭଳି ସହଉତ୍ତରାଧିକାରୀର ମାନ୍ୟତା ପାଇବ ।

(ଙ) ଯଦିଓ ଝିଅ ଜନ୍ମ ସମୟରେ ପୁଅଙ୍କ ଭଳି ସହଉତ୍ତରାଧିକାରୀ ହୁଅନ୍ତି, ସଂଶୋଧନ ଅଧିନିୟମ ୨୦୦୫ ର ପ୍ରାରମ୍ଭ ପୂର୍ବରୁ କିମ୍ବା ସଂଶୋଧନ ଅଧିନିୟମ ୨୦୦୫ ଲାଗୁ ହେବାପରେ ଯଦି ଝିଅ ଜନ୍ମ ହୁଏ ତେବେ ତାଙ୍କୁ ପୁଅଙ୍କ ଭଳି ସହଉତ୍ତରାଧିକାରୀ କରାଯାଏ, କିନ୍ତୁ ଯଦି ଝିଅ ୨୦୦୫ ଅଧିନିୟମ ଲାଗୁ ହେବା ପୂର୍ବରୁ

ଜନ୍ମ ହୋଇଥାନ୍ତି ତେବେ ସେ ସଂଶୋଧନ ତାରିଖ ଠାରୁ ଅର୍ଥାତ୍ ୯.୯.୨୦୦୫ ମସିହା ଠାରୁ ଧାରା ୬(୧) ର ସର୍ତ୍ତ ସହିତ ଧାରା ୬ (୫) ସହିତ ପଢାଯିବା ବ୍ୟବସ୍ଥା ଅନୁଯାୟୀ ପୂର୍ବ କାର୍ଯ୍ୟପ୍ରକ୍ରିୟାକୁ ସୁରକ୍ଷା ସହିତ ସହଉତ୍ତରାଧିକାରୀର ଅଧିକାର ଦାବି କରିପାରିବେ ।

(ଚ) ଯଦି ସଂଶୋଧନ ଅଧିନିୟମ ୨୦୦୫ (ଅର୍ଥାତ୍, ୯.୯.୨୦୦୫) ପ୍ରାରମ୍ଭ ତାରିଖରେ ଜୀବିତ ଥିବା ସହଉତ୍ତରାଧିକାରୀଙ୍କର ୯.୯.୨୦୦୫ ପରେ ମୃତ୍ୟୁ ହୁଏ, ତେବେ ଉତ୍ତରାଧିକାର ଜୀବିତଥିବା ଉତ୍ତରାଧିକାରୀଙ୍କ ଦ୍ୱାରା ହୁଏ ନାହିଁ, ବରଂ ପ୍ରତିସ୍ଥାପିତ ଧାରା ୬(୩) ରେ ପ୍ରଦତ୍ତ ଇଚ୍ଛାପତ୍ରବିହୀନ କିମ୍ବା ଲିଖିତ ଉତ୍ତରାଧିକାର ସୂତ୍ରେ କରାଯିବ ।

୭୨. ପୂର୍ବରୁ ଉଲ୍ଲେଖ କରାଯାଇଛି ଯେ , ହିନ୍ଦୁ ଉତ୍ତରାଧିକାର ଅଧିନିୟମ ୧୯୫୬ର ପ୍ରତିସ୍ଥାପିତ ଧାରା ୬ର ଉପଧାରା (୫) ରେ ବ୍ୟବସ୍ଥା ରହିଛି ଯେ ପ୍ରତିସ୍ଥାପିତ ଧାରା ୬ରେ ଥିବା କୌଣସି ବିଷୟ ଏକ ବିଭାଜନ ଉପରେ ଲାଗୁ ହେବ ନାହିଁ, ଯାହା ୨୦ ଡିସେମ୍ବର, ୨୦୦୪ ମସିହା ପୂର୍ବରୁ କାର୍ଯ୍ୟକାରୀ ହୋଇଛି (ଅର୍ଥାତ୍, ଯେଉଁ ତାରିଖରେ ସଂଶୋଧନ ଅଧିନିୟମ ୨୦୦୫ର ଅନୁରୂପ ବିଧେୟକ ରାଜ୍ୟସଭାରେ ଗୃହୀତ ହୋଇଥିଲା) । ପ୍ରତିସ୍ଥାପିତ ଧାରା ୬ର ସ୍ପଷ୍ଟୀକରଣ ଅନୁଯାୟୀ "ବିଭାଜନର" ଅର୍ଥ (୧) ପଞ୍ଜିକରଣ ଅଧିନିୟମ ୧୯୦୮(୧୯୦୮ ର ୧୬ ) ଅଧୀନରେ ବିଧିବଦ୍ଧ ଭାବେ ପଞ୍ଜିକୃତ ବିଭାଜନ ଦଲିଲର ନିଷ୍ପାଦନ ଦ୍ୱାରା କରାଯାଇଥିବା କୌଣସି ବିଭାଜନ, ଅଥବା (୨) କୌଣସି ନ୍ୟାୟାଳୟର ଆଇନଗତ ଆଦେଶ ଦ୍ୱାରା ହୋଇଥିବା ପ୍ରଭାବୀ ବିଭାଜନ । ପ୍ରତିସ୍ଥାପିତ ଧାରା ୬ ର ଉପଧାରା (୫ ) ଏବଂ ପ୍ରତିସ୍ଥାପିତ ଧାରା ୬ର ସ୍ପଷ୍ଟୀକରଣ ବ୍ୟାଖ୍ୟା କରି ***ବିନୀତା ଶର୍ମା*** (ଉପରୋକ୍ତ)ଙ୍କ ମାମଲାରେ ଅଦାଲତ ପାରା ୬୭ରେ ନିମ୍ନଲିଖିତ ମତ ରଖିଛନ୍ତି ।

> *"୬୭. ଧାରା ୬ (୧) ଏବଂ ଧାରା ୬ (୫) ର ସର୍ତ୍ତାବଳୀ ୨୦-୧୨-୨୦୦୪ ମସିହା ପୂର୍ବରୁ ହୋଇଥିବା କୌଣସି ବିଭାଜନକୁ ସୁରକ୍ଷା ପ୍ରଦାନ କରିଥାଏ । ତେବେ ଧାରା ୬ (୫) ର ସ୍ପଷ୍ଟୀକରଣ, ପଞ୍ଜିକରଣ ଅଧିନିୟମ ୧୯୦୮ ଅଧୀନରେ ପଞ୍ଜିକୃତ ବିଭାଜନ ଦଲିଲ ଦ୍ୱାରା ନିଷ୍ପାଦନ କିମ୍ବା ନ୍ୟାୟାଳୟର ଆଇନଗତ ଆଦେଶ ଜରିଆରେ ହୋଇଥିବା ବିଭାଜନକୁ ସ୍ୱୀକୃତି ପ୍ରଦାନ କରିଥାଏ । ସ୍ପଷ୍ଟୀକରଣରେ, କୌଣସି ଅନ୍ୟ ବିଭାଜନକୁ 'ବିଭାଜନ'ର ସଂଜ୍ଞା ଅଧୀନରେ ମାନ୍ୟତା ଦିଆଯାଇ ନାହିଁ ।"*

୭୩. ପ୍ରତିସ୍ଥାପିତ ଧାରା ୬ର ଉପଧାରା (୫) ଏବଂ ପ୍ରତିସ୍ଥାପିତ ଧାରା ୬ ର ସ୍ପଷ୍ଟୀକରଣକୁ ଆଧାର କରି ନ୍ୟାୟାଳୟ ଏହା କହିଛନ୍ତି ଯେ:

(କ) ଏପରି ନିଷ୍ପତ୍ତି ନିଆଯାଇଛି ଯେ ଝିଅ ଏବେ ପୁଅ ଭଳି ୯.୯.୨୦୦୫ ମସିହା ଠାରୁ ସହଉତ୍ତରାଧିକାର ସମ୍ପତ୍ତିର ବିଭାଜନ ଦାବି କରିବାର ହକଦାର ହୋଇଛନ୍ତି ।

ନ୍ୟାୟାଳୟ ପାରା ୮୫ ରେ ଏହିପରି ଟିପ୍ପଣୀ ଦେଇଛନ୍ତି:

*"୮୫. ସହଉତ୍ତରାଧିକାରୀ ସମ୍ପତ୍ତିର ବିଭାଜନ ଦାବି କରିବା ଏକ ଗୁରୁତ୍ୱପୂର୍ଣ୍ଣ ମୌଳିକ ବିଶେଷତ୍ୱ ଏବଂ ଜଣେ ସହଉତ୍ତରାଧିକାରୀ ହେଉଛନ୍ତି ସେହି ବ୍ୟକ୍ତି ଯିଏ ବିଭାଜନ ଦାବି କରିପାରିବେ । କନ୍ୟା ଏବେ ୯-୯-୨୦୦୫ ମସିହାଠାରୁ ସହଉତ୍ତରାଧିକାରୀ ସମ୍ପତ୍ତିର  ବିଭାଜନ ଦାବି କରିବା କରିବା ପାଇଁ ହକଦାର ହୋଇଛନ୍ତି, ଯାହା ବିଧାନରେ  ଆସିଥିବା ଏକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ । ଜଣେ ସହଉତ୍ତରାଧିକାରୀ ନିଜ ମର୍ଯ୍ୟାଦାକୁ ବିଚ୍ଛିନ୍ନ କରିବାର ଅଧିକାର ପାଇଛନ୍ତି  । ଧାରା ୬(୧) ଏବଂ ୬(୨)ଅଧୀନରେ ଜଣେ ଝିଅର ଅଧିକାର ପୁଅ ସହିତ ସମାନ ଅଟେ । ବିଭାଜନ ସମୟରେ, ପୁଅ ଏବଂ ଝିଅମାନଙ୍କ ବ୍ୟତୀତ ସହଉତ୍ତରାଧିକାରୀଙ୍କ ପତ୍ନୀଙ୍କର ମଧ୍ୟ ଏକ ସମାନ ଭାଗର ଅଧିକାର ରହିଛି । ଜଣେ ସହଉତ୍ତରାଧିକାରୀଙ୍କ ପତ୍ନୀଙ୍କର ସମ୍ପତ୍ତିରେ ତାଙ୍କର ଅଧିକାର ଦାବିକୁ କୌଣସି ପ୍ରକାରେ ଛଡାଇ ପାରିବା ନାହିଁ ।"*

(ଗୁରୁତ୍ୱ ଦିଆଯାଇଛି)

(ଖ) ପୂର୍ବରୁ ଉଲ୍ଲେଖ କରାଯାଇଛି, ସଂଶୋଧନ ଅଧିନିୟମ ୨୦୦୫ ପୂର୍ବରୁ ହୋଇଥିବା ବିଭାଜନ ସମ୍ବନ୍ଧୀୟ ଆଇନ ଅନୁଯାୟୀ, ଯଦି ପିତା (ଏଫ) ଏବଂ ପୁତ୍ର (ଏସ ୧  ଏବଂ ଏସ ୨) ମଧ୍ୟରେ ସହଉତ୍ତରାଧିକାର ସମ୍ପତ୍ତିର ବିଭାଜନ ହୋଇଥାଏ, ତେବେ ପିତା (ଏଫ) ର ପତ୍ନୀ (ଡବ୍ଲ୍ୟୁ ) ଏବଂ ପିତା (ଏଫ) ର ବିଧବା ମା' (ଏମ) ଙ୍କୁ ପୁଅର (ଏସ୧ କିମ୍ବା ଏସ୨) ଭାଗ ପରି  ସମାନ ଅଂଶ ମିଳିବ । ଏହି ସ୍ଥିତି ଜାରି ରହିବାର ପ୍ରମାଣ ଉପରୋକ୍ତ ଅଦାଲତଙ୍କ ନିର୍ଣ୍ଣୟର ୮୫ ତମ ପାରାର ଶେଷ ଭାଗରେ ଦିଆଯାଇଥିବା ମନ୍ତବ୍ୟରୁ  ସ୍ପଷ୍ଟ ହୋଇଯାଇଛି । ତେଣୁ ଯଦି ପିତା ଏବଂ ପୁଅ ମାନଙ୍କ  (ଏବଂ ଏବେ ଝିଅମାନେ ମଧ୍ୟ) ମଧ୍ୟରେ ସହଉତ୍ତରାଧିକାର  ସମ୍ପତ୍ତିର ବିଭାଜନ ହୁଏ , ତେବେ ବାପାଙ୍କ ପତ୍ନୀ ଏବଂ ବାପାଙ୍କ ବିଧବା ମାଆଙ୍କୁ ପୁଅ (କିମ୍ବା ଝିଅ)ର ଭାଗ ଭଳି  ଏକ ସମାନ ଅଂଶ ମିଳିବ ।

(ଗ) ମିତାକ୍ଷର ଆଇନ ବିଦ୍ୟାଳୟ ଅଧୀନରେ, ସଂଯୁକ୍ତ ହିନ୍ଦୁ ପରିବାରର ଜଣେ ସଦସ୍ୟ ଏକ ନିର୍ଦ୍ଦିଷ୍ଟ, ସ୍ପଷ୍ଟ ଏବଂ ଏକତରଫା ଘୋଷଣା ମାଧ୍ୟମରେ ନିଜକୁ ପରିବାର ଠାରୁ ଅଲଗା ଏବଂ ଅନେକ କ୍ଷେତ୍ରରେ ନିଜର ଭାଗକୁ ଉପଭୋଗ  କରିପାରିବେ । ତେଣୁ, ସଂଯୁକ୍ତ  ପରିବାରର କୌଣସି ସଦସ୍ୟଙ୍କ ଦ୍ୱାରା ବିଭାଜନ ପାଇଁ ମକଦ୍ଦମା ଦାୟର କରାଯିବା ଦ୍ୱାରା, ପୃଥକ ହେବାର ତାଙ୍କର ଉଦ୍ଦେଶ୍ୟ ସ୍ପଷ୍ଟ ଜଣାପଡୁଛି ଏବଂ ଏହାର ଫଳସ୍ୱରୂପ ସମନ୍ୱୟର ସ୍ଥିତି ମଧ୍ୟ ବିଚ୍ଛିନ୍ନ  ହୋଇଛି । ***ବିନୀତା ଶର୍ମା*** (ଉପରୋକ୍ତ)ଙ୍କ ମାମଲାରେ ଏହି ନ୍ୟାୟାଳୟଙ୍କ  ସମ୍ମୁଖରେ ପ୍ରଶ୍ନ ଥିଲା: ବିଭାଜନ ମକଦ୍ଦମା ବିଚାରଧୀନ ଥିବା ସମୟରେ କିମ୍ବା ବିଭାଜନ

ମକଦ୍ଦମାରେ ପ୍ରାରମ୍ଭିକ ଆଇନଗତ ଆଦେଶ ଏବଂ ଚୂଡ଼ାନ୍ତ ଆଇନଗତ ଆଦେଶ ପାରିତ ହେବା ମଧ୍ୟରେ ଥିବା ସମୟରେ କୌଣସି ଆଇନଗତ ସଂଶୋଧନ କିମ୍ବା ପରବର୍ତ୍ତୀ ଘଟଣା ଘଟିବ ଯାହା ଫଳରେ ପକ୍ଷଙ୍କ ଭାଗ ବୃଦ୍ଧି କିମ୍ବା ହ୍ରାସ ପାଇବ କିମ୍ବା ସେମାନଙ୍କର ଅଧିକାରରେ ପରିବର୍ତ୍ତନ ଆସିବ, ସେପରି ଆଇନଗତ ସଂଶୋଧନ କିମ୍ବା ପରବର୍ତ୍ତୀ ଘଟଣାକୁ ବିଚାରକୁ ନିଆଯାଇ ପାରେ ଏବଂ ବିଭାଜନ ମାମଲାରେ ଚୂଡ଼ାନ୍ତ ଆଇନଗତ ଆଦେଶ ପାରିତ କରାଯିବା ସମୟରେ ଏହାକୁ କାର୍ଯ୍ୟକାରୀ କରାଯାଇପାରିବ କି । ନ୍ୟାୟାଳୟ କହିଥିଲେ ଯେ ଯଦିଓ ବିଭାଜନ ମକଦ୍ଦମା ଦାଖଲ କରାଯିବା ଦ୍ୱାରା ସମନ୍ୱୟର ସ୍ଥିତି ବିଚ୍ଛିନ୍ନ ହୋଇଥାଏ, ତଥାପି ଏପରି ଆଇନଗତ ସଂଶୋଧନ କିମ୍ବା ପରବର୍ତ୍ତୀ ଘଟଣାକୁ ବିଚାରକୁ ନେଇ ଏବଂ ବିଭାଜନ ମକଦ୍ଦମାର ଚୂଡ଼ାନ୍ତ ଆଇନଗତ ଆଦେଶ ପାରିତ କରାଯିବା ଆବଶ୍ୟକ । ଏହାର କାରଣ ହେଉଛି, ବିଭାଜନ ମକଦ୍ଦମାରେ ଚୂଡ଼ାନ୍ତ ଆଇନଗତ ଆଦେଶ ପାରିତ ହେବା ପରେ ହିଁ ସମ୍ପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ ବୋଲି ଧରାଯିବ । ସଂଯୁକ୍ତ ହିନ୍ଦୁ ପରିବାରର ସମ୍ପତ୍ତିକୁ ଏକ ଚୂଡ଼ାନ୍ତ ଆଇନଗତ ଆଦେଶ ଦ୍ୱାରା ସୀମା ନିର୍ଦ୍ଧାରଣ ପ୍ରକ୍ରିୟା ମାଧ୍ୟମରେ ବଣ୍ଟନ କରାଯାଇଥାଏ । (ପାରା ୮୯ ରୁ ୧୦୨ ଏବଂ ୧୦୬,୧୧୪,୧୩୩ ଏବଂ ୧୩୬ ଦେଖନ୍ତୁ ) ।

ଏହି ନ୍ୟାୟାଳୟ ପାରା ୧୦୭ ରେ ନିମ୍ନଲିଖିତ ମତ ଦେଇଛନ୍ତି:

> *"୧୦୭. ଥରେ ଜନ୍ମ କିମ୍ବା ମୃତ୍ୟୁ ଦ୍ୱାରା ସହଉତ୍ତରାଧିକାରୀଙ୍କ ଗଠନରେ ଯଦି ପରିବର୍ତ୍ତନ ହୁଏ, ପ୍ରକୃତ ବିଭାଜନ ସମୟରେ ପ୍ରଦାନ କରାଯାଇଥିବା ଭାଗ କାର୍ଯ୍ୟକାରୀ ହେବ । ପରିବର୍ତ୍ତିତ ପରିଦୃଶ୍ୟରେ ଭାଗର ନିର୍ଦ୍ଧାରଣ କରିବାକୁ ପଡିବ । ସ୍ଥିତିର ବିଚ୍ଛେଦ, ବୈଧାନିକ ବ୍ୟବସ୍ଥାକୁ କାର୍ଯ୍ୟକାରୀ କରିବା ଏବଂ ପରବର୍ତ୍ତୀ ଘଟଣା ଦ୍ୱାରା ପରିବର୍ତ୍ତନ କରିବାରେ ବାଧକ ହୋଇପାରିବ ନାହିଁ । ବିଭାଜନର ବୈଧାନିକ କଳ୍ପନା ବାସ୍ତବିକ ବିଭାଜନ ଠାରୁ ବହୁତ କମ୍ ଅଟେ, ଏହା ସଂଯୁକ୍ତ ପରିବାରରେ କିମ୍ବା ସହଉତ୍ତରାଧିକାର ଆଇନରଏକ ସ୍ଥିର ପ୍ରକ୍ରିୟାରେ କୌଣସି ବାଧା ଆଣିନଥାଏ । ଉପରୋକ୍ତ କାରଣ ପାଇଁ, ଆମର ଏହା ମଧ୍ୟ ମତ ରହିଛି ଯେ ମକଦ୍ଦମା ଦାୟର କରିବା ଦ୍ୱାରା କେବଳ ସ୍ଥିତି ବିଚ୍ଛେଦ ପାଇଁ ବିଭାଜନ ହେବନାହିଁ ଏବଂ ଚୂଡ଼ାନ୍ତ ଆଇନଗତ ଆଦେଶ ତାରିଖ ପର୍ଯ୍ୟନ୍ତ, ଆଇନରେ ପରିବର୍ତ୍ତନ ଏବଂ ପରବର୍ତ୍ତୀ ଘଟଣା କାରଣରୁ ପରିବର୍ତ୍ତନକୁ ଧ୍ୟାନରେ ରଖାଯାଇପାରିବ ।"*
>
> *(ଗୁରୁତ୍ୱ ଦିଆଯାଇଛି)*

(ଘ) ସଂଶୋଧନ ଅଧିନିୟମ ୨୦୦୫ ପୂର୍ବରୁ ସଂଯୁକ୍ତ ହିନ୍ଦୁ ପରିବାରରେ ମୌଖିକ ଭାବେ କିମ୍ବା ମୌଖିକ ପାରିବାରିକ ବନ୍ଦୋବସ୍ତ/ପାରିବାରିକ ବ୍ୟବସ୍ଥା ମାଧ୍ୟମରେ ବିଭାଜନ ହୋଇପାରୁଥିଲା । ଯଦି ପରବର୍ତ୍ତୀ ସମୟରେ ଏପରି ମୌଖିକ ବିଭାଜନ କିମ୍ବା ମୌଖିକ ପାରିବାରିକ ସମାଧାନ/ପାରିବାରିକ ବ୍ୟବସ୍ଥାର ସର୍ତ୍ତାବଳୀ କୌଣସି ସ୍ମାରକପତ୍ରରେ ଲିପିବଦ୍ଧ କରାଯାଇପାରିବ । ଏଭଳି ସ୍ମାରକପତ୍ରକୁ ପଞ୍ଜିକୃତ କରିବାର କୌଣସି ଆବଶ୍ୟକତା ନଥିଲା । [ଦେଖନ୍ତୁ: (ପାରା ୧୧୫,୧୧୬,୧୧୯,୧୨୦,୧୨୧,୧୨୫ ଏବଂ ୧୩୦] ।

୭୪. ଉପରୋକ୍ତରେ ଉଲ୍ଲେଖ ରହିଛି ଯେ, ଧାରା ୬ ର ଉଦ୍ଦେଶ୍ୟ ପାଇଁ ପ୍ରତିସ୍ଥାପିତ ଧାରା ୬ ରେ କୁହାଯାଇଛି ଯେ "ବିଭାଜନର" ଅର୍ଥ (୧) ପଞ୍ଜିକରଣ ଅଧିନିୟମ ୧୯୦୮ (୧୯୦୮ ର ୧୬) ଅଧୀନରେ ଯଥାର୍ଥ ଭାବେ ପଞ୍ଜିକୃତ ବିଭାଜନ ଦଲିଲ ଦ୍ୱାରା ନିଷ୍ପାଦନ କରାଯାଇଥିବା କୌଣସି ବିଭାଜନ, ଅଥବା (୨) କୌଣସି ନ୍ୟାୟାଳୟର ଆଇନଗତ ଆଦେଶ ଦ୍ୱାରା କରାଯାଇଥିବା କୌଣସି ବିଭାଜନ । ୨୦ ଡିସେମ୍ବର ୨୦୦୪ ମସିହା ପୂର୍ବରୁ କରାଯାଇଥିବା ମୌଖିକ ବିଭାଜନ କିମ୍ବା ମୌଖିକ ପାରିବାରିକ ବନ୍ଦୋବସ୍ତ/ପାରିବାରିକ ବ୍ୟବସ୍ଥା ଉପରେ ଉପରୋକ୍ତ ବ୍ୟାଖ୍ୟାର ପ୍ରଭାବ ବିଷୟରେ ମଧ୍ୟ କୋର୍ଟ ବିଚାର କରିଛନ୍ତି । ନ୍ୟାୟାଳୟ ପାରା ୧୨୪ ରେ ଏହିପରି ମତ ଦେଇଛନ୍ତି:

*"୧୨୪. ସଂଶୋଧିତ ଧାରା ୬ର ପ୍ରକୃତ ଉଦ୍ଦେଶ୍ୟ, କନ୍ୟା ମାନଙ୍କୁ ସହଉତ୍ତରାଧିକାରୀ କରାଯାଇ ଏବଂ ସହଉତ୍ତରାଧିକାର ସମ୍ପତ୍ତିର ମୌଖିକ ବିଭାଜନର ତୁଚ୍ଛ ଦ୍ୱାହି ଦ୍ୱାରା ଏବଂ/କିମ୍ବା ଅଣପଞ୍ଜିକୃତ ବିଭାଜନକୁ ଅଭିଲିଖିତ ଦ୍ୱାରା ବିଭାଜନ ଦାବି ମାଧମରେ ସେମାନଙ୍କୁ ସେମାନଙ୍କର ଅଧିକାରରୁ ଯେପରି ବଞ୍ଚିତ କରାନଯିବ ତାକୁ ସୁନିଶ୍ଚିତ କରିଥାଏ । ଅଦାଲତଙ୍କୁ ଏହି ସମ୍ଭାବନାକୁ ଧ୍ୟାନରେ ରଖିବାକୁ ହେବ ଯେ ମୌଖିକ ବିଭାଜନର ଆବେଦନ ଜାଲିଆତି କିମ୍ବା ସାଲିସ ଆଧାରରେ କିମ୍ବା ଅଣପଞ୍ଜୀକୃତ ବିଭାଜନ ଆଧାରରେ ପ୍ରସ୍ତୁତ କରାଯାଇପାରେ, ଯାହା ଯେକୌଣସି ସମୟରେ ମଧ୍ୟ ସୃଷ୍ଟି ହୋଇପାରେ । ଏଭଳି ବିଭାଜନକୁ ଧାରା ୬ (୫) ରେ ସ୍ୱୀକୃତି ଦିଆଯାଇ ନାହିଁ ।"*

*(ଗୁରୁତ୍ୱ ଦିଆଯାଇଛି)*

୭୫. ନ୍ୟାୟାଳୟ ପୁନଶ୍ଚ ପାରା ୧୩୫ରେ ନିମ୍ନଲିଖିତ ମତ ଦେଇଛନ୍ତି:

*"୧୩୫. ଏହି ସ୍ପଷ୍ଟୀକରଣରେ ବିଭାଜନର ଏକ ସ୍ୱତନ୍ତ୍ର ସଂଜ୍ଞା ପ୍ରସ୍ତୁତ କରାଯାଇଛି । ଏହି ବ୍ୟବସ୍ଥାର ଉଦ୍ଦେଶ୍ୟ ଝିଅର ସ୍ୱାର୍ଥକୁ ବିପଦରେ ପକାଇବା ନୁହେଁ ଏବଂ ଅନ୍ୟାୟପୂର୍ବକ ଭାବରେ ଝିଅକୁ ଉତ୍ତରାଧିକାରୀ ଭାବେ ତାଙ୍କର ଅଧିକାରରୁ ବଞ୍ଚିତ କରିବା ଏବଂ ପ୍ରତିସ୍ଥାପିତ ବ୍ୟବସ୍ଥା ଦ୍ୱାରା ପାଇବାକୁ ଥିବା ଲାଭରେ ବାଧା ସୃଷ୍ଟି କରିବା । ଧାରା ୬ (୫) ରେ ଦିଆଯାଇଥିବା ବୈଧାନିକ ବ୍ୟବସ୍ଥା ବିଭାଜନର ସମସ୍ତ ଚେହେରା ପରିବର୍ତ୍ତନ କରିଛି । ତେବେ ପୂର୍ବରୁ ପ୍ରଚଳିତ ଆଇନ ଅନୁଯାୟୀ ମୌଖିକ ବିଭାଜନକୁ ସ୍ୱୀକୃତି ଦିଆଯାଉଥିଲା । ଧାରା ୬ର ବ୍ୟବସ୍ଥାର ପରିବର୍ତ୍ତନକୁ ଦୃଷ୍ଟିରେ ରଖି , ବ୍ୟବସ୍ଥାପିକାର ଉଦ୍ଦେଶ୍ୟ ସ୍ପଷ୍ଟ ଏବଂ ମୌଖିକ ବିଭାଜନର ଯୁକ୍ତିକୁ ସହଜରେ ଗ୍ରହଣ କରାଯାଇ ନାହିଁ । ଧାରା ୬ (୫) ର ବ୍ୟବସ୍ଥାକୁ ସ୍ୱୀକାର କରିବା ପୂର୍ବରୁ ମୌଖିକ ବିଭାଜନର ପ୍ରସ୍ତାବକାରୀଙ୍କ ଉପରେ ଭାରି ପ୍ରମାଣର ବୋଝକୁ ବ୍ୟାଖ୍ୟାର ଆବଶ୍ୟକତା ରହିଛି ଯେପରିକି, ବିଭିନ୍ନ ଅଂଶର ଦଖଲ, ଆୟର ବିନିଯୋଗ ଏବଂ ରାଜସ୍ୱ ନଥିରେ ପରବର୍ତ୍ତୀ ପ୍ରବେଶ ଏବଂ ପ୍ରମାଣରେ ଗ୍ରହଣୀୟ ଅନ୍ୟ ସମକାଳୀନ ସାର୍ବଜନୀନ ଦସ୍ତାବିଜଗୁଡ଼ିକ ଦ୍ୱାରା ସ୍ଥିର ସମର୍ଥନ ସହିତ, ଅନିଚ୍ଛା ସତ୍ତ୍ୱେ ସମସ୍ତ ସୁରକ୍ଷା ବ୍ୟବସ୍ଥାକୁ ପ୍ରୟୋଗ ସହ ଗ୍ରହଣ କରାଯାଇପାରିବ । ଅଧିନିୟମର ଧାରା ୬ର ଉଦ୍ଦେଶ୍ୟ କେବଳ ପ୍ରଚଳିତ ଅଧିନିୟମ ଅଧୀନରେ ହୋଇଥିବା ପ୍ରକୃତ ବିଭାଜନକୁ ସ୍ୱୀକାର କରିବା ଏବଂ ଏହାକୁ ଏକ ମିଥ୍ୟା*

*ସୁରକ୍ଷା ପ୍ରଦାନ କରିବା ନୁହେଁ ଏବଂ କେବଳ ମୌଖିକ ଘୋଷଣାକୁ ସିଧା ସଳଖ ଭାବେ ପ୍ରତ୍ୟାଖ୍ୟାନ କରାଯିବା ଉଚିତ । ସଂଶୋଧିତ ବ୍ୟବସ୍ଥାଗୁଡ଼ିକର ଲାଭ ହ୍ରାସ କରିବା ଲାଗି ମିଥ୍ୟା କିମ୍ବା ତୁଚ୍ଛ ସୁରକ୍ଷା ପ୍ରତିଷ୍ଠା କରିବା ଏବଂ ଏହାକୁ ରୋକିବାର ଉଦ୍ଦେଶ୍ୟକୁ ସମ୍ପୂର୍ଣ୍ଣ ଭାବେ ପ୍ରଭାବୀ କରିବା ଆବଶ୍ୟକ । ନଚେତ୍ ସହଉତ୍ତରାଧିକାରୀ ଭାବେ ଝିଅର ଅଧିକାରରୁ ତାଙ୍କୁ ବଞ୍ଚିତ କରିବା ସହଜ ହୋଇଯିବ । ଯେତେବେଳେ ଏଭଳି ପ୍ରତିରକ୍ଷା ଗ୍ରହଣ କରାଯାଏ, ନ୍ୟାୟାଳୟକୁ ତାହା ଗ୍ରହଣ କରିବାରେ ଅତ୍ୟନ୍ତ ସାବଧାନତା ଅବଲମ୍ବନ କରିବାକୁ ପଡ଼ିଥାଏ, ଏବଂ କେବଳ ଯଦି ଅତ୍ୟନ୍ତ ବିଶ୍ୱାସଯୋଗ୍ୟ, ତ୍ରୁଟିହୀନ ଏବଂ ସମକାଳୀନ ଦସ୍ତାବିଜର ପ୍ରମାଣ ଉପଲବ୍ଧ ହୋଇଥାଏ, ସେତେବେଳେ ଏପରି ଆବେଦନ ଗ୍ରହଣ କରାଯାଇପାରେ, ଅନ୍ୟଥା ନୁହେଁ । ଆମେ ପୁନର୍ବାର କହୁଛୁ ଯେ ମୌଖିକ ବିଭାଜନ କିମ୍ବା ଲିଖିତ ବିଭାଜନ ଯାହା କି ଅଣ-ପଞ୍ଜୀକୃତ ତାକୁ ଯେକୌଣସି ସମୟରେ ତିଆରି କରାଯାଇପାରିବ, ସେପରି ଦାବିକୁ ସମକାଳୀନ ସାର୍ବଜନୀନ ଦସ୍ତାବିଜ ବିନା ଯେକୌଣସି ମୂଲ୍ୟରେ ଅସ୍ୱୀକାର କରିବାର ଆବଶ୍ୟକତା ରହିଛି । ଅସାଧାରଣ ମାମଲାରେ ଆମେ ଏପରି କହୁଛୁ ଯେ, ଯେଉଁଠାରେ ବିଭାଜନ ନିର୍ଣ୍ଣାୟକ ଭାବେ ପ୍ରମାଣିତ ହୋଇଛି ଏବଂ ଆମେ ଅଦାଲତମାନଙ୍କୁ ସତର୍କ କରିଦେଉଛୁ ଯେ ଲିଙ୍ଗଗତ ନ୍ୟାୟର ବ୍ୟବସ୍ଥାର ଦୃଷ୍ଟିରେ ସମ୍ଭାବନାର ପ୍ରାଧାନ୍ୟତାରେ ଏବଂ ଧାରା ୬ (୫) ର ନିର୍ଦ୍ଦିଷ୍ଟ ବ୍ୟାଖ୍ୟା ପୂରଣ କରୁଥିବା ପ୍ରମାଣର କଠୋର ବୋଝକୁ ଦୃଷ୍ଟିରେ ରଖି ଏହାର ଫଳାଫଳ ସମ୍ଭାବନା ଉପରେ ଆଧାରିତ ନୁହେଁ । ଆମକୁ ଏହା ମନେ ରଖିବାକୁ ପଡ଼ିବ ଯେ ସଂଶୋଧନ ଅଧିନିୟମ ଦ୍ୱାରା କରାଯାଇଥିବା ଲାଭକାରୀ ବ୍ୟବସ୍ଥାର ଉଦ୍ଦେଶ୍ୟକୁ ନ୍ୟାୟାଳୟଗୁଡ଼ିକ ହରାଇ ପାରିବେ ନାହିଁ । ଆମ୍ଭ ଦ୍ୱାରା ଏହାର ଭିନ୍ନ ବ୍ୟତିକ୍ରମ ହୋଇଛି କାରଣ ବିଭାଜନ ପାଇଁ ପୂର୍ବରୁ ପଞ୍ଜିକୃତ ଦସ୍ତାବିଜର ଆବଶ୍ୟକ ନଥିଲା, ଏବଂ ପାରିବାରିକ ସମ୍ମାନ ପାଇଁ କଦବା କୋଚିତ ଅଦାଲତର ଦ୍ୱାରସ୍ଥ ହେଉଥିଲେ । ଯେତେବେଳେ ପକ୍ଷମାନେ ସେମାନଙ୍କ ପାରିବାରିକ ବିବାଦର ଶାନ୍ତିପୂର୍ଣ୍ଣ ସମାଧାନ କରିପାରୁନଥିଲେ, ସେତେବେଳେ ଏହାକୁ ଶେଷ ଉପାୟ ଭାବେ ଗ୍ରହଣ କରାଯାଉଥିଲା ।ଆମେ ଏହି ତଥ୍ୟର ଉଲ୍ଲେଖ କରୁଛୁ ଯେ ୧୯୫୬ ମସିହା ପୂର୍ବରୁ ମଧ୍ୟ ଧାରା ୬ (୫) ଅଧୀନରେ ପ୍ରଦତ୍ତ ପରିକଳ୍ପନା ଠାରୁ ଅନ୍ୟ ପଦ୍ଧତିରେ ବିଭାଜନ କରାଯାଉଥିଲା । "(ଗୁରୁତ୍ୱ ପ୍ରଦାନ କରାଯାଇଛି)। (<u>ସନ୍ଦର୍ଭ: ଆହ୍ଲାବାଦ ଉଚ୍ଚ ନ୍ୟାୟାଳୟର ପୂର୍ବତନ ବିଚାରପତି ଜଷ୍ଟିସ ସତ୍ୟପୂତ ମେହରୋତ୍ରାଙ୍କ "ଟେକିଂ ଡାଇମେନସନ୍ ଅଫ୍ ହିନ୍ଦୁ କପାରସେନାରୀ ଆଣ୍ଡ ସେକ୍ସନ ୬, ହିନ୍ଦୁ ସକସେସନ ଆକ୍ଟ ୧୯୫୬ ନାମରେ ଏକ ଶୀର୍ଷକ ଅଛି</u> ।)*

୭୬. ଏହି ସନ୍ଦର୍ଭର ଉତ୍ତର ୧୩୭.୧ ରୁ ୧୩୭.୫ ପାରାରେ ଯଥାକ୍ରମେ ନିମ୍ନଲିଖିତ ଭାବେ ଉତ୍ତର ଦିଆଯାଇଛି:

*"**୧୩୭. ୧.** ହିନ୍ଦୁ ଉତ୍ତରାଧିକାର ଅଧିନିୟମ ୧୯୫୬ ପ୍ରତିସ୍ଥାପିତ ଧାରା ୬ରେ ଥିବା ବ୍ୟବସ୍ଥା, ସଂଶୋଧନ ପୂର୍ବରୁ କିମ୍ବା ପରେ ଜନ୍ମ ଗ୍ରହଣ କରିଥିବା ଝିଅକୁ ସମାନ ଅଧିକାର ଏବଂ ଦାୟିତ୍ୱ ସହିତ ପୁଅ ଭଳି ସହଭାଗିତାର ସ୍ଥିତି ପ୍ରଦାନ କରିଥାଏ ।*

*୧୩୭.୨. ୯-୯-୨୦୦୫ମସିହା ପୂର୍ବରୁ ଜନ୍ମ ନେଇଥିବା ଝିଅ ମାନଙ୍କ ଦ୍ୱାରା ଏହି ଅଧିକାର ଦାବି କରାଯାଇ ପାରିବ । ଧାରା ୬(୧)ରେ ପ୍ରଦତ୍ତ ବ୍ୟବସ୍ଥାର ସୁରକ୍ଷା ସହିତ ୨୦ ଡିସେମ୍ବର ୨୦୦୪ ତାରିଖ ପୂର୍ବରୁ ଯଦି ବିତରଣ କିମ୍ବା ହସ୍ତାନ୍ତରଣ,ବିଭାଜନ କିମ୍ବା ଇଚ୍ଛାପତ୍ର ଲିଖିତ ବିତରଣ ହୋଇଥାଏ ।*

*୧୩୭.୩. ଯେହେତୁ ଜନ୍ମରୁ ସହଉତ୍ତରାଧିକାରୀଙ୍କ ଅଧିକାର ରହିଛି, ତେବେ ସେଥିପାଇଁ ପିତା ଉତ୍ତରାଧିକାରୀଙ୍କର ୯-୯-୨୦୦୫ ମସିହା ପର୍ଯ୍ୟନ୍ତ ନିହାତି ବଞ୍ଚିଥିବାର କୌଣସି ଆବଶ୍ୟକତା ନାହିଁ ।*

*୧୩୭.୪. ହିନ୍ଦୁ ଉତ୍ତରାଧିକାର ଅଧିନିୟମ, ୧୯୫୬ର ଧାରା ୬ର ବ୍ୟବସ୍ଥା ଦ୍ୱାରା ସୃଷ୍ଟି କରାଯାଇଥିବା ବିଭାଜନ ସମ୍ବନ୍ଧୀୟ ବୈଧାନିକ କଥାବସ୍ତୁର ପ୍ରଣୟନ ପ୍ରକୃତ ବିଭାଜନ କିମ୍ବା ସହଉତ୍ତରାଧିକାରୀଙ୍କ ଅଧିକାରରେ ବାଧା ସୃଷ୍ଟି କରିନାହିଁ । ଏହି କଥାଟି କେବଳ ମୃତ ସହଉତ୍ତରାଧିକାରୀଙ୍କ ଅଂଶକୁ ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ଥିଲା ଯେତେବେଳେ ସେ ୧୯୫୬ ଅଧିନିୟମର ଅନୁସୂଚୀରେ ନିର୍ଦ୍ଧାରିତ ଶ୍ରେଣୀ-୧ର ଜଣେ ମହିଳା ଉତ୍ତରାଧିକାରୀ ବା ତାଙ୍କର ସମ୍ପର୍କୀୟ ଭାବେ ବଞ୍ଚିଥିବେ । ପ୍ରତିସ୍ଥାପିତ ଧାରା ୬ ର ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟକାରୀ କରିବା ଆବଶ୍ୟକ । ପ୍ରାରମ୍ଭିକ ଆଇନଗତ ଆଦେଶ ପାରିତ ହୋଇସାରିବା ସତ୍ତ୍ୱେ, ଚୂଡ଼ାନ୍ତ ଆଇନଗତ ଆଦେଶ କିମ୍ବା ଏକ ଆବେଦନ ପାଇଁ ବିଚାରାଧୀନ କାର୍ଯ୍ୟରେ ପୁଅଙ୍କ ସମତୁଲ୍ୟ ଅଂଶଧନ ଝିଅମାନଙ୍କୁ ଦିଆଯିବ ।*

*୧୩୭.୫. ୧୯୫୬ ଅଧିନିୟମର ଧାରା୬(୫) ର ବ୍ୟାଖ୍ୟା ବ୍ୟବସ୍ଥାର କଠୋରତାକୁ ଦୃଷ୍ଟିରେ ରଖି ମୌଖିକ ବିଭାଜନର ଆବେଦନକୁ ପଞ୍ଜୀକରଣ ଅଧିନିୟମ ୧୯୦୮ର ବ୍ୟବସ୍ଥା କିମ୍ବା ନ୍ୟାୟାଳୟର ଆଇନଗତ ଆଦେଶ ଦ୍ୱାରା ପଞ୍ଜିକୃତ ବିଭାଜନ ଦଲିଲ ଦ୍ୱାରା ପ୍ରଭାବୀ ଭାବେ ବିଭାଜନର ବୈଧାନିକ ମାନ୍ୟତାପ୍ରାପ୍ତ ପଦ୍ଧତି ଭାବେ ଗ୍ରହଣ କରାଯାଇପାରିବ ନାହିଁ । ତେବେ, ବିଶେଷ କ୍ଷେତ୍ରରେ ଯେତେବେଳେ ମୌଖିକ ବିଭାଜନ ଆବେଦନକୁ ସାର୍ବଜନୀନ ଦସ୍ତାବିଜ ଦ୍ୱାରା ସମର୍ଥନ କରାଯାଇଥାଏ ଏବଂ ଶେଷରେ ବିଭାଜନ କରାଯାଇଥାଏ ଯେପରିକି ଏହା କୌଣସି ନ୍ୟାୟାଳୟର ଆଇନଗତ ଆଦେଶ ଦ୍ୱାରା ପ୍ରଭାବିତ (ତେଣୁ ପରିଣାମ ସ୍ୱରୂପ) ହୋଇଛି, ସେତେବେଳେ ଏହାକୁ ଗ୍ରହଣ କରାଯାଇପାରେ । କେବଳ ମୌଖିକ ପ୍ରମାଣ ଉପରେ ଆଧାରିତ, ବିଭାଜନ ଆବେଦନକୁ ଗ୍ରହଣ କରାଯାଇପାରିବ ନାହିଁ ଏବଂ ଏହାକୁ ସିଧାସଳଖ ପ୍ରତ୍ୟାଖ୍ୟାନ କରାଯିବ ।"*

୭୭. ***ବିନୀତା ଶର୍ମା*** (ଉପରୋକ୍ତ)ଙ୍କ ନିର୍ଣ୍ଣୟରେ ମଧ୍ୟ ଦର୍ଶାଯାଇଛି ଯେ ଆବେଦନ ବିଚାରଧୀନ ଥିବା ସମୟରେ ଆଇନରେ ପରିବର୍ତ୍ତନ ଉପରେ ବିଚାର କରାଯିବା ଉଚିତ ଏବଂ ଏହାର ଉପଯୁକ୍ତ ପ୍ରୟୋଗ କରାଯିବା ଉଚିତ । ଏହି ନ୍ୟାୟାଳୟ (୨୦୦୦)୭ ଏସସିସି ୩୫୭ ରେ ପ୍ରକାଶ କରାଯାଇଥିବା ***ୟୁନାଇଟେଡ୍ ବ୍ୟାଙ୍କ ଅଫ୍***

***ଇଣ୍ଡିଆ, କୋଲକାତା ବନାମ ଅଭିଜିତ ଟି କମ୍ପାନୀ ପ୍ରାଇଭେଟ ଲିମିଟେଡ  ଏବଂ ଅନ୍ୟମାନେ*** ମାମଲା ଉପରେ ନିର୍ଭର କରିଥିଲେ, ଯେଉଁଥିରେ କୁହାଯାଇଥିଲା କି:

*"୨୦. ଏବେ ଏହା ସୁନିଶ୍ଚିତ ଯେ ମୂଳ ପ୍ରକ୍ରିୟାର ଶୁଣାଣି ହେଉ କିମ୍ବା ଏକ ଆବେଦନର  ଶୁଣାଣି ହେଉ, ଆଇନରେ ହେଉଥିବା ପରିବର୍ତ୍ତନ ଉପରେ ଧ୍ୟାନ ଦେବା ଏବଂ ଏହାକୁ କାର୍ଯ୍ୟକାରୀ କରିବା ଅଦାଲତର କର୍ତ୍ତବ୍ୟ । (ଜି. ପି. ସିଂହ ଙ୍କ ଆଇନର ବ୍ୟାଖ୍ୟା ୭ମ ସଂସ୍କରଣ, ପୃଷ୍ଠା. ୪୦୬ ଦେଖନ୍ତୁ ।) ୧୯୯୩ ଅଧିନିୟମର ଆଇନ ଭଳି ଯଦି କୌଣସି ମକଦ୍ଦମା ବିଚାରାଧୀନ ଅଛି  ତେବେ ଦେୱାନୀ ନ୍ୟାୟାଳୟ ମକଦ୍ଦମାର ନିଷ୍ପତ୍ତି ପାରିତ କରିବେ ନାହିଁ, ଦେୱାନୀ ନ୍ୟାୟାଳୟ ବିଧାନର ନ୍ୟାୟୀକ ସୂଚନା ନେବାପାଇଁ ବାଧ୍ୟ - ଏହାର ପୁନଃ ପ୍ରେରଣ ପରେ ମଧ୍ୟ- ଏହା ଦ୍ୱାରା ନିକାଶ କରାଯାଇ ପାରିବ ନାହିଁ ।"*

୭୮. ଏହି ନ୍ୟାୟାଳୟ ***ବିନୀତା ଶର୍ମା*** (ଉପରୋକ୍ତ) ଙ୍କ ମାମଲାରେ ସମ୍ପୂର୍ଣ୍ଣ ସ୍ଥିତିକୁ  ନିମ୍ନରେ ସ୍ୱଷ୍ଟ କରିଛନ୍ତି:

*"**୧୦୭.** ଥରେ ଜନ୍ମ କିମ୍ବା ମୃତ୍ୟୁ ଦ୍ୱାରା ଯଦି  ସହଉତ୍ତରାଧିକାରୀ ଗଠନରେ  ପରିବର୍ତ୍ତନ ହୁଏ, ତେବେ ପ୍ରକୃତ ବିଭାଜନ ସମୟରେ ଭାଗକୁ  କାର୍ଯ୍ୟକାରୀ କରିବାକୁ ପଡିବ  । ପରିବର୍ତ୍ତିତ ପରିସ୍ଥିତିରେ ଭାଗ ନିର୍ଦ୍ଧାରଣ କରିବାକୁ ପଡିବ । ମାନ୍ୟତା ବିଚ୍ଛେଦ ବୈଧାନିକ ବ୍ୟବସ୍ଥାକୁ କାର୍ଯ୍ୟକାରୀ କରିବା ଏବଂ ପରବର୍ତ୍ତୀ ଘଟଣା ଦ୍ୱାରା ପରିବର୍ତ୍ତନ କରିବାରେ ବାଧକ ହୋଇପାରିବ ନାହିଁ । ବିଧି  ବ୍ୟବସ୍ଥାର  ଏହି ସିଦ୍ଧାନ୍ତ  ଯେ  ବିଭାଜନର  ବୈଧାନିକ  କଳ୍ପନା  ବାସ୍ତବିକ  ବିଭାଜନ  ଠାରୁ  ବହୁତ  କମ୍  ଅଟେ,  ଏହା ସଂଯୁକ୍ତ ପରିବାରର କିମ୍ବା ସହଉତ୍ତରାଧିକାର ନେଇ  କୌଣସି  ଅସୁବିଧା କରିନଥାଏ  । ଉପରୋକ୍ତ କାରଣ ପାଇଁ, ଆମର ଏହା ମଧ୍ୟ ମତ ରହିଛି ଯେ ମକଦ୍ଦମା ମାଧ୍ୟମରେ  ସ୍ଥିତି ବିଗିଡିବା କାରଣରୁ ବିଭାଜନ  ହୋଇନଥାଏ  ଏବଂ  ଚୂଡ଼ାନ୍ତ  ଆଇନଗତ  ଆଦେଶର   ତାରିଖ  ପର୍ଯ୍ୟନ୍ତ,  ଆଇନରେ ପରିବର୍ତ୍ତନ ଏବଂ ପରବର୍ତ୍ତୀ ଘଟଣାର ପରିବର୍ତ୍ତନକୁ ବିଚାରକୁ ନିଆଯାଇପାରେ  ।"*

Xxx xxx xxx

*"**୧୧୪.** ଏହି ମାମଲାରେ ପ୍ରଶ୍ନ ଭିନ୍ନ ଅଟେ । ଧାରା ୬  ଅଧୀନରେ ଯେଉଁ ଅଧିକାରକୁ ବିଭାଜନ ଭାବେ  ମାନ୍ୟତା  ଦିଆଯାଇଛି,  ତଦନୁସାରେ  ଅଧିକାରସବୁକୁ  କାର୍ଯ୍ୟକାରୀ  କରିବାକୁ  ପଡିବ  । ଉପରୋକ୍ତ ବିଭିନ୍ନ ନିଷ୍ପତ୍ତିରେ ଏହି ନ୍ୟାୟାଳୟ ସୁସଙ୍ଗତ ଭାବେ ସ୍ଥିର କରିଛନ୍ତି ଯେ ଯେତେବେଳେ ପରବର୍ତ୍ତୀ  ସମୟରେ   ଅଧିକାରମାନ  ପ୍ରଦାନ  କରାଗଲା,  ପ୍ରାରମ୍ଭିକ  ଆଇନଗତ  ଆଦେଶରେ ସଂଶୋଧନ କରାଯାଇ ପାରିଥାନ୍ତା, ଏବଂ ଆଇନର ଲାଭ ପ୍ରଦାନ କରାଯିବ  । ତେଣୁ, ପ୍ରକାଶ ବନାମ ଫୁଲବତୀ [(୨୦୧୬) ୨  ଏସସିସି ୩୬ : (୨୦୧୬) ୧  ଏସସିସି (ସିଆଇଭି) ୫୪୯ ] ଏବଂ ଦାନମ୍ମା [ଦାନମ୍ମା ବନାମ ଅମର, (୨୦୧୮ ) ୩  ଏସସିସି ୩୪୩ :  (୨୦୧୮ ) ୨  ଏସସିସି (ସିଆଇଭି) ୩୮୫] ରେ ଆଲୋଚନା କରାଯାଇଥିବା ଧାରା ୬ ର ବୈଧାନିକ କଳ୍ପନାକୁ  ପ୍ରତ୍ୟାଖ୍ୟାନ କରିବାରେ ଆମର କୌଣସି ସଂକୋଚ ନାହିଁ । ଯଦି କୌଣସି ଝିଅ ସଂଶୋଧନ ଅଧିନିୟମ ଲାଗୁ*

*ହେବା ତାରିଖ ସୁଦ୍ଧା ଜୀବିତ ଥାଏ, ତେବେ  ସଂଶୋଧନ ଅଧିନିୟମ ଲାଗୁ ହେବା ତାରିଖ ଠାରୁ ଏବଂ ତାଙ୍କର ଜନ୍ମ ସେହି ସମୟ ପୂର୍ବରୁ ହୋଇଥିଲେ ମଧ୍ୟ ସେ ସହଉତ୍ତରାଧିକାରୀ ହୋଇଥାନ୍ତି ।"*

**ବର୍ତ୍ତମାନର ମାମଲାର ତଥ୍ୟ ଉପରେ ଉପରୋକ୍ତ ଆଇନର ସିଦ୍ଧାନ୍ତ ଗୁଡ଼ିକର ପ୍ରୟୋଗ**

୭୯. ଏହି ମୁହୂର୍ତ୍ତ ପାଇଁ ଆସନ୍ତୁ ଧରିନେବା ଯେ ବିଚାର କରୁଥିବା ନ୍ୟାୟାଳୟ  ବାଦୀ ସପକ୍ଷରେ ଆଇନଗତ ଆଦେଶ ପାରିତ କରି ବାଦୀ ଅର୍ଥାତ୍, ଝିଅକୁ  ସମାନ ଭାବରେ ତାର ୧/୩ ଭାଗ ତାଙ୍କର ସମସ୍ତ ସମ୍ପତ୍ତି ସମେତ ପୂର୍ବପୁରୁଷଙ୍କ ସମ୍ପତ୍ତି ରେ ଦେଇଥାନ୍ତେ । ପ୍ରଚଳିତ ଆଇନର ସ୍ଥିତିକୁ ଧ୍ୟାନରେ ରଖି ବିଚାର କରୁଥିବା ନ୍ୟାୟାଳୟ ଏପରି କରିପାରିନଥାନ୍ତେ ବୋଲି ଯୁକ୍ତି କରାଯାଇ ପାରିଥାନ୍ତା । ତେବେ ***ବିନୀତା ଶର୍ମା*** (ଉପରୋକ୍ତ)ଙ୍କ ମାମଲାରେ  ଏହି ନ୍ୟାୟାଳୟର ନିର୍ଣ୍ଣୟ ପରେ ଏହି ଭାଗ ଆବଣ୍ଟନ ଆଇନ ଅନୁଯାୟୀ ହେବ । ଆସନ୍ତୁ ଅନ୍ୟ ଏକ ବିକଳ୍ପ କଥା ଚିନ୍ତା କରିବା । ଉଦାହରଣ ସ୍ୱରୂପ, ବିଚାର କରୁଥିବା ନ୍ୟାୟାଳୟ (୧) ସ୍ୱଅର୍ଜିତ ସମ୍ପତ୍ତିରେ ଝିଅକୁ ୧/୩ ଭାଗ ଏବଂ (୨) ପୂର୍ବପୁରୁଷଙ୍କ ସମ୍ପତ୍ତିରେ ଅର୍ଥାତ ବାପାଙ୍କ ଅଂଶର ଅଧା ୧/୩ ଅଂଶ ଭାଗ ଦେବାର  ଆଇନଗତ ଆଦେଶ ପାରିତ କରିଥାନ୍ତେ ।  ପ୍ରାସଙ୍ଗିକ ସମୟରେ ଏହା ହିଁ ପ୍ରଚଳିତ ଆଇନ ଥିଲା ଏବଂ ବର୍ତ୍ତମାନର ମାମଲାରେ ବିଚାର କରୁଥିବା ନ୍ୟାୟାଳୟ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ନିଶ୍ଚିତ କରାଯାଇଥିବା ପ୍ରାରମ୍ଭିକ ଆଇନଗତ ଆଦେଶ ପାରିତ କରିବା ସମୟରେ ଠିକ ଏଇଆ ହିଁ କରିଛନ୍ତି । କିନ୍ତୁ ଏବେ ଆଇନରେ ପରିବର୍ତ୍ତନ କରାଯାଇଛି, ଯାହା ଉପରେ ଆଲୋଚନା କରାଯାଇଛି ।

୮୦. ଉପରୋକ୍ତ ପୃଷ୍ଠଭୂମିରେ ଝିଅମାନେ ଅଭିଯୋଗରେ ସୂଚିତ ସମସ୍ତ ସମ୍ପତ୍ତିରେ ୧/୩  ଭାଗ ପାଇବା ପାଇଁ ହକଦାର୍ । ***ବିନୀତା ଶର୍ମା*** (ପୂର୍ବୋକ୍ତ)ଙ୍କ ମାମଲାରେ ପ୍ରଦାନ କରାଯାଇଥିବା ଉକ୍ତି ଅନୁଯାୟୀ ଚୂଡ଼ାନ୍ତ ଆଇନଗତ ଆଦେଶ ପାରିତ ବେଳେ ତାହା ହିଁ ହୋଇଥାନ୍ତା । ପୁନରାବୃତ୍ତିର ଆଧାରରେ  ଆମେ କହୁଛୁ ଯେ ବିଚାର କରୁଥିବା ନ୍ୟାୟାଳୟ ଦ୍ୱାରା ପାରିତ ପ୍ରାରମ୍ଭିକ ଆଇନଗତ ଆଦେଶ ଆଧାରରେ, ଯାହାକୁ ଉଚ୍ଚ ନ୍ୟାୟାଳୟଙ୍କ ଦୁଇଜଣିଆ ଖଣ୍ଡପୀଠ ଦ୍ୱାରା ସୁନିଶ୍ଚିତ କରାଯାଇଥିଲା, ସେଥିରେ ନିର୍ଦ୍ଧାରିତ ପ୍ରସଙ୍ଗଗୁଡ଼ିକୁ ଚୂଡ଼ାନ୍ତ ବୋଲି ବିବେଚନା କରାଯିବ, କିନ୍ତୁ ଯେହେତୁ ବିଭାଜନ ମକଦ୍ଦମା ପର୍ଯ୍ୟାୟକ୍ରମେ ନିଷ୍ପତ୍ତି ହେବା ଆବଶ୍ୟକ, ତାହାକୁ କେବଳ ଚୂଡ଼ାନ୍ତ ଆଇନଗତ ଆଦେଶ ପାରିତ ହେବାପରେ ହିଁ ସମ୍ପୂର୍ଣ୍ଣ ନିଷ୍ପତ୍ତି ବୋଲି ଗ୍ରହଣ କରାଯାଇପାରିବ । ଯେହେତୁ ଚୂଡ଼ାନ୍ତ ଆଇନଗତ ଆଦେଶର କାର୍ଯ୍ୟପ୍ରକ୍ରିୟାର ଉପସଂହାର ପୂର୍ବରୁ ପକ୍ଷମାନଙ୍କୁ ନିୟନ୍ତ୍ରଣ କରୁଥିବା ଆଇନରେ ସଂଶୋଧନ କରାଯାଇଛି, ତେଣୁ ଏପରି ସଂଶୋଧନ ଦ୍ୱାରା ପକ୍ଷମାନେ ଲାଭାନ୍ୱିତ ହୋଇଛନ୍ତି ବୋଲି ବିଚାର କରୁଥିବା ନ୍ୟାୟାଳୟରେ ଏହି ସଂଶୋଧନ ବିଷୟରେ ଏବଂ ଏହାକୁ ପ୍ରଭାବି କରିବାପାଇଁ ଅନୁରୋଧ କରିପାରିବେ ।

୮୧. ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଓକିଲ ଶ୍ରୀ ବସନ୍ତଙ୍କ ଦ୍ୱାରା ଉପସ୍ଥାପିତ ଆବେଦନ ଯଥା ପକ୍ଷମାନଙ୍କୁ ନିୟନ୍ତ୍ରିତ କରୁଥିବା ସଂଶୋଧନ ନିୟମ ସତ୍ତ୍ୱେ, ବିଭାଜନ ମାମଲାରେ, ପ୍ରାରମ୍ଭିକ ଆଇନଗତ ଆଦେଶ ଚୂଡ଼ାନ୍ତ ଆଇନଗତ ଆଦେଶର ପରିଚାଳନାରେ ଭିନ୍ନ ହୋଇପାରିବ ନାହିଁ ତର୍କରେ ଆମେ କୌଣସି ଯୋଗ୍ୟତା ପାଇନାହୁଁ ।

୮୨. ଆମ ମତରେ, ପକ୍ଷମାନଙ୍କ ଭାଗ ନିର୍ଦ୍ଧାରଣ କରିବା ସମୟରେ ନିମ୍ନ ଅଦାଲତମାନଙ୍କରେ କୌଣସି ତ୍ରୁଟି ଏପରିକି ଆଇନରେ କୌଣସି ତ୍ରୁଟି ହୋଇଛି ବୋଲି କୁହାଯାଇ ପାରିବ ନାହିଁ । ଏବେ କେବଳ ୧୯୫୬ ଅଧିନିୟମ ୬ରେ କରାଯାଇଥିବା ସଂଶୋଧନକୁ କାର୍ଯ୍ୟକାରୀ କରିବା ଏବଂ ତଦନୁସାରେ ପକ୍ଷମାନଙ୍କର ଭାଗର ପୁନଃ ନିର୍ଦ୍ଧାରଣ କରିବାର ଆବଶ୍ୟକତା ରହିଛି । ସିଧାସଳଖ କହିବାକୁଗଲେ, ବାଦୀ ତାଙ୍କ ସ୍ୱର୍ଗୀୟ ପିତାଙ୍କ ସମସ୍ତ ସମ୍ପତ୍ତିରେ ୧/୩ ଭାଗ ପାଇବା ପାଇଁ ହକଦାର । ଆବେଦନକାରୀଙ୍କ ତରଫରୁ ଉଠାଯାଇଥିବା ସମସ୍ତ ସମ୍ପତ୍ତି ପୈତୃକ ସମ୍ପତି କି ନାହିଁ, ତାହା ଗୁରୁତ୍ୱହୀନ ହୋଇଯାଇଛି ।

<u>ପ୍ରସଙ୍ଗ ସଂଖ୍ୟା-୨</u>

୮୩. ଆମେ ଏବେ ପ୍ରସଙ୍ଗ ନଂ-୨ର ଉତ୍ତର ଦେବା ପାଇଁ ଅଗ୍ରସର ହେବୁ ଯେ, ଉଚ୍ଚ ନ୍ୟାୟାଳୟ ମୂଳ ପ୍ରତିବାଦୀ ସଂଖ୍ୟା ୨ ଙ୍କ ଦ୍ୱାରା ଦାଖଲ କରାଯାଇଥିବା ପାଲଟା ଆବେଦନକୁ ଅନୁମତି ଦେବା ଉଚିତ ଥିଲା କି, କାରଣ ପ୍ରତିବାଦୀଙ୍କ (ପ୍ରତିବାଦୀ ସଂଖ୍ୟା ୧ ଏବଂ ପ୍ରତିବାଦୀ ସଂଖ୍ୟା -୨) ମଧ୍ୟରେ ହୋଇଥିବା ବୁଝାମଣା ସିପିସିର ଆଦେଶ ୨୩ ନିୟମ ୩ ଅଧୀନରେ ବୈଧ ଏବଂ ବାଧ୍ୟତାମୂଳକ ନଥିଲା ।

୮୪. ବରିଷ୍ଠ ଓକିଲ ଶ୍ରୀ ବସନ୍ତ, ଦୃଢ଼ତାର ସହ ଉପସ୍ଥାପନ କରିଥିଲେ ଯେ ପ୍ରତିବାଦୀ ସଂଖ୍ୟା ୧ ଏବଂ ତାଙ୍କ ଭଉଣୀ ଅର୍ଥାତ୍, ପ୍ରତିବାଦୀ ସଂଖ୍ୟା ୨ଙ୍କ ମଧ୍ୟରେ ତା ୨୯.୦୩.୧୯୯୧ ରିଖରେ ଏକ ବୁଝାମଣା ସ୍ୱାକ୍ଷରଯୁକ୍ତ ଶପଥପାଠ ଦ୍ୱାରା ହୋଇଥିଲା । ଉପରୋକ୍ତ ବୁଝାମଣାକୁ ଉଚ୍ଚ ନ୍ୟାୟାଳୟ ତା ୦୯.୦୪.୧୯୯୧ ରିଖରେ, ପ୍ରଥମ ଆବେଦନର ଶେଷ ଶୁଣାଣି ସମୟରେ ବିଚାରକୁ ନେଇଥିଲେ । ପ୍ରଥମ ଆବେଦନ ୧.୦୮.୨୦୦୦ ମସିହାରେ ଫଇସଲା ହୋଇଥିଲା, ଯେଉଁଥିରେ ଦୁଇ ପ୍ରତିବାଦୀଙ୍କ ମଧ୍ୟରେ ଆପୋଷ ବୁଝାମଣାର କିଛି ସର୍ତ୍ତକୁ ସାମିଲ କରି ଆଇନଗତ ଆଦେଶରେ ସଂଶୋଧନ କରିଥିଲେ । ଦଶ ବର୍ଷ ବିତିଯିବା ପରେ ଏଠାରେ ଆବେଦନକାରୀଙ୍କ ଦ୍ୱାରା ଆଗତ ଆବେଦନ ଉଚ୍ଚ ନ୍ୟାୟାଳୟଙ୍କ ଦୁଇଜଣିଆ ଖଣ୍ଡପୀଠଙ୍କ ପାଖରେ ବିଚାରଧୀନ ଥିବା ସମୟରେ ପ୍ରତିବାଦୀ ସଂଖ୍ୟା ୨ କଥିତ ବୁଝାମଣାକୁ ଆପତ୍ତି କରି ପାଲଟା ଆବେଦନ ଦାଖଲ କରିବା ପାଇଁ ଉପଯୁକ୍ତ ମନେ କରିଥିଲା । ଶ୍ରୀ ବସନ୍ତ କହିଥିଲେ ଯେ ଏହି ପ୍ରକାରର ପାଲଟା ଆବେଦନ ବିଚାରଯୋଗ୍ୟ ନୁହେଁ ଏବଂ ଯଦି ଏହା ବିଚାରଯୋଗ୍ୟ ବୋଲି ଧରାଯାଇଥାନ୍ତା, ତେବେ ମଧ୍ୟ ଏହାର ଶୁଣାଣି

କରାଯିବା ଉଚିତ ହୋଇନଥାନ୍ତା ଏବଂ ବନ୍ଦୋବସ୍ତ ହେବା ତାରିଖ ଠାରୁ ପାଖାପାଖି ୧୦ବର୍ଷ ଅତିକ୍ରମ ପରେ ଏହାକୁ ଅନୁମତି ଦେବା ଉଚିତ ହୋଇ ନଥାନ୍ତା ।

୮୫. ଶ୍ରୀ ବସନ୍ତଙ୍କ ଉପରୋକ୍ତ ଉପସ୍ଥାପନାରେ ଆମେ ବିଶେଷ ପ୍ରଭାବିତ ହୋଇନାହୁଁ । ଏହା ଆଇନର ଏକ ସ୍ଥିର ସ୍ଥିତି ଯେ ଆବେଦନ କରିବାର ଅଧିକାର ହେଉଛି ବିଧିକୃତ । ଆବେଦନରେ କୌଣସି ଅନ୍ତର୍ନିହିତ ଅଧିକାର ନାହିଁ । କୌଣସି ଆବେଦନ ଦାଖଲ, ଶୁଣାଣି କିମ୍ବା ଯୋଗ୍ୟତା ଆଧାରରେ ନିର୍ଦ୍ଧାରଣ କରାଯାଇପାରିବ ନାହିଁ, ଯେପର୍ଯ୍ୟନ୍ତ ବିଧାନ ଆବେଦନକାରୀଙ୍କୁ ଅଧିକାର ପ୍ରଦାନ ନ କରିଛି ଏବଂ ନ୍ୟାୟାଳୟକୁ ଏପରି କରିବାର କ୍ଷମତା ପ୍ରଦାନ ନ କରିଛି । ଏହି ପର୍ଯ୍ୟାୟରେ, ଆମେ ସିପିସିର ଆଦେଶ ୪୧ ନିୟମ ୨୨ର ବ୍ୟବସ୍ଥା ଉପରେ ଧ୍ୟାନ ଦେଇପାରିବା:

*"୨୨.* ***ଶୁଣାଣି ସମୟରେ, ଉତ୍ତରଦାତା ଆଇନଗତ ଆଦେଶକୁ ବିରୋଧ କରିପାରନ୍ତି ସତେ ଯେପରି ଏକ ଅଲଗା ଆବେଦନ ସେ ଚାହିଁଛନ୍ତି-*** *(୧) ଯେ କୌଣସି ପ୍ରତିବାଦୀ, ଯଦିଓ ସେ ଆଇନଗତ ଆଦେଶର କୌଣସି ଅଂଶରୁ ଆବେଦନ କରିନାହାଁନ୍ତି, ସେ କେବଳ ଆଇନଗତ ଆଦେଶକୁ ସମର୍ଥନ କରିପାରିବେ ନାହିଁ [ବରଂ ଏହା ମଧ୍ୟ କହିପାରିବେ ଯେ କୌଣସି ପ୍ରସଙ୍ଗ ସମ୍ବନ୍ଧରେ ତାଙ୍କ ବିରୋଧରେ ନିମ୍ନ ଅଦାଲତରେ ଫଳାଫଳ ତାଙ୍କ ସପକ୍ଷରେ ରହିବା ଉଚିତ ଥିଲା ଏବଂ ସେ ଯେକୌଣସି ଏକ ପାଲଟା ପ୍ରତିବାଦ କାରିପାରିଥାନ୍ତେ] ଯେଉଁ ଆଇନଗତ ଆଦେଶକୁ ଆବେଦନ ଆକାରରେ ନେଇ ପୁନର୍ବିଚାର କରୁଥିବା ନ୍ୟାୟାଳୟଙ୍କ ପାଖରେ ତାଙ୍କୁ ନୋଟିସ ଜାରି ହେବାର ଏକମାସ ମଧ୍ୟରେ କିମ୍ବା ଓକିଲଙ୍କ ଦ୍ୱାରା ଆବେଦନର ଶୁଣାଣି ପାଇଁ କିମ୍ବା ପୁନଃ ସମୟ ପାଇଁ, ପୁନର୍ବିଚାର କରୁଥିବା ନ୍ୟାୟାଳୟ ଯାହା ଠିକ ବୋଲି ଗ୍ରହଣ କରିବେ ।*

*[ସ୍ପଷ୍ଟୀକରଣ –ନ୍ୟାୟାଳୟଙ୍କ ରାୟ ର ସିଦ୍ଧାନ୍ତରେ ବ୍ୟଥିତ ହୋଇ ସେହି ସିଦ୍ଧାନ୍ତ ଆଧାରରେ ଏବଂ ନିୟମ ଅଧୀନରେ ଆଇନଗତ ଆଦେଶ ବିରୋଧରେ ପାଲଟା ବିରୋଧ ଆଗତ କରିପାରିବେ ଯଦିଓ ମକଦ୍ଦମା ପାଇଁ ପର୍ଯ୍ୟାପ୍ତ ଅନ୍ୟ କୌଣସି ସିଦ୍ଧାନ୍ତ ଉପରେ ନ୍ୟାୟାଳୟର ନିର୍ଣ୍ଣୟ କାରଣରୁ ଆଇନଗତ ଆଦେଶ ସମ୍ପୂର୍ଣ୍ଣ ବା ଆଂଶିକ ଭାବେ ସେହି ପ୍ରତିବାଦୀଙ୍କ ସପକ୍ଷରେ ଥାଏ ।*

*(୨)* ***ଆପତ୍ତିର ପ୍ରକାର ଏବଂ ବ୍ୟବସ୍ଥାର ପ୍ରୟୋଗତା-*** *ଏଭଳି ପାଲଟା ଆପତ୍ତି ଏକ ସ୍ମାରକପତ୍ର ଆକାରରେ ରହିବ ଏବଂ ନିୟମ ୧ର ବ୍ୟବସ୍ଥା ଯେତେଦୂର ପର୍ଯ୍ୟନ୍ତ ସ୍ମାରକ ପତ୍ରର ପ୍ରକାର ଏବଂ ସୂଚୀ ସହିତ ସମ୍ପର୍କ ଥିବ, ସେଠାରେ ପ୍ରୟୋଗ କରାଯିବ ।*

*[୩* * *]*

*(୪) ଯେଉଁଠାରେ ଯେ କୌଣସି ମାମଲାରେ ଏହି ନିୟମ ଅଧୀନରେ କୌଣସି ପ୍ରତିବାଦୀ ଆପତ୍ତି ପତ୍ର ଜ୍ଞାପନ କରିଛନ୍ତି, ସେତେବେଳେ ମୂଳ ଅପିଲ ପ୍ରତ୍ୟାହାର କରାଯାଇଥାଏ କିମ୍ବା ଖିଲାଫ କରିଥିବା କାରଣରୁ ଖାରଜ କରାଯାଇଥାଏ, ତେବେ ଏହି ପ୍ରକାରରେ ଦାଖଲ କରାଯାଇଥିବା*

*ଆପତ୍ତିକୁ ଅନ୍ୟ ପକ୍ଷଙ୍କୁ ନୋଟିସ ଜାରିହେବା ପରେ ଯଦି ନ୍ୟାୟାଳୟ ଠିକ ବିବେଚନା କରିଛନ୍ତି ତେବେ ଶୁଣାଣି ଓ ନିର୍ଦ୍ଧାରଣ କରିପାରିବେ ।*

*(୪) ଏହି ନିୟମ ଅଧୀନରେ ନିର୍ଦ୍ଧନ ବ୍ୟକ୍ତିମାନଙ୍କ ଦ୍ୱାରା ଆବେଦନ ସମ୍ବନ୍ଧୀୟ ବ୍ୟବସ୍ଥା ଯେତେଦୂର ପର୍ଯ୍ୟନ୍ତ ପ୍ରଯୁଜ୍ୟ ହେବ ସେତେଦୂର ପର୍ଯ୍ୟନ୍ତ ଏହି ନିୟମ ଅଧୀନରେ ଥିବା ଆପତ୍ତି ଉପରେ ପ୍ରାୟୋଗ କରାଯିବ ।"*

୮୬. ପାଲଟା ଆପତ୍ତି କରିବାର ଅଧିକାର ଅର୍ଥ ଏକ ଆବେଦନ କରିବାର ଅଧିକାର । ପ୍ରତିବାଦୀ ସଂଖ୍ୟା ୨ (ପ୍ରତିବାଦୀ ନଂ. ୨) ଙ୍କ ତରଫରୁ ଶ୍ରୀମାନ ଓକିଲ କହିଥିଲେ ଯେ ସିପିସିର ଆଦେଶ୪୧ ନିୟମ ୨୨ ଅନ୍ତର୍ଗତ ଆଗତ ଏକ ପାଲଟା ଆବେଦନ, ନିୟମିତ ପ୍ରଥମ ଅପିଲ ଭଳି ପ୍ରଭାବୀ ଏବଂ ଏହା ନିୟମିତ ପ୍ରଥମ ଅପିଲ ଖାରଜ କିମ୍ବା ପ୍ରତ୍ୟାହୃତ ହୋଇଥିଲେ ମଧ୍ୟ ଜାରି ରହିବ । ଏକ ପାଲଟା ଆବେଦନ ହେଉଛି ଆବେଦନ କରିବାର ପ୍ରକୃତ ଅଧିକାରର ପ୍ରୟୋଗ ଏବଂ କେବଳ ପ୍ରକ୍ରିୟା ଭିନ୍ନ ହୋଇଥାଏ । (ଦେଖନ୍ତୁ: ***ଉର୍ମିଳା ଦେବୀ ଏବଂ ଅନ୍ୟମାନେ ବନାମ ଶାଖା ପ୍ରବନ୍ଧକ, ନ୍ୟାସନାଲ ଇନସ୍ୟୁରାନ୍ସ କମ୍ପାନୀ ଲିମିଟେଡ ଏବଂ ଅନ୍ୟଜଣେ*** (୨୦୨୦) ୧୧ ଏସସିସି ୩୧୬, ପାରା ୧୬)

୮୭. ସିପିସିର ଆଦେଶ ୪୩ର ନିୟମ ୧-କ (୨ ) ର ବ୍ୟବସ୍ଥା ପ୍ରତି ମଧ୍ୟ ଆମର ଧ୍ୟାନ ଆକର୍ଷିତ କରାଯାଇଥିଲା । ଯାହାକୁ ଏହିପରି ପଢାଯାଏ:

***"୧କ. ଆବେଦନରେ ଆଇନଗତ ଆଦେଶ ବିରୁଦ୍ଧରେ ଆବେଦନ ପାଇଁ ଅଯୋଗ୍ୟ ଆଇନଗତ ଆଦେଶକୁ ଆପତ୍ତି କରିବାର ଅଧିକାର ।–***

*Xxx xxx xxx*

*(୨) ଆପୋଷ ବୁଝାମଣା ଲିପିବଦ୍ଧ କରିବା ପରେ କିମ୍ବା ଆପୋଷ ବୁଝାମଣା ଲିପିବଦ୍ଧ କରିବାକୁ ମନା କରିବା ପରେ କୌଣସି ମକଦ୍ଦମାରେ ପାରିତ ଆଇନଗତ ଆଦେଶ ବିରୁଦ୍ଧରେ ବୁଝାମଣା ଲିପିବଦ୍ଧ ହେବା ଉଚିତ କି ନା, ସେହି ଆଧାରରେ ଆବେଦନକାରୀ ଆଇନଗତ ଆଦେଶ ନେଇ ଲଢିବା ପାଇଁ ସ୍ୱାଧୀନ । "*

୮୮. ଆମେ ଭାବୁଛୁ ଯେ ପୂର୍ବ ବର୍ଣ୍ଣିତ ସିପିସିର ଆଦେଶ ୪୧ ନିୟମ ୨୨ ଯାହାକୁ ଆଦେଶ ୪୩ ନିୟମ ୧-କ (୨) ସହିତ ପଢାଯାଏ, ସେହି ଅଧୀନରେ ପାଲଟା ଅବେଦନକାରୀ ସିପିସିର ଆଦେଶ ୨୩ ନିୟମ ୩ ଅଧୀନରେ ଲିଖିତ ଆପୋସ ବୁଝାମଣାକୁ ପାଲଟା ଆବେଦନ ଦ୍ୱାରା ଏହାର ବୈଧତା ଏବଂ ବିଧିମାନ୍ୟତାର ପ୍ରଶ୍ନର ଉପସ୍ଥାପନାରେ ସେ ହକଦାର ।

୮୯. ଉପରୋକ୍ତ ସନ୍ଦର୍ଭରେ ଆମେ ***ବନୱାରୀ ଲାଲ ବନାମ ଚାନ୍ଦୋ ଦେବୀ (ଶ୍ରୀମତୀ) ଏବଂ ଅନ୍ୟଜଣେ*** ମାମଲାର ନିଷ୍ପତ୍ତିକୁ ବିଚାର କରିପାରୁ , ଯାହା (୧୯୯୩ ) ୧ ଏସସିସି ୫୮୧ ରେ ପ୍ରକାଶ ପାଇଛି, ବିଶେଷଭାବରେ ସେଠାରେ ଯଥାକ୍ରମେ ପାରା ୯ ରୁ ୧୩:

*"୯. ସଂହିତାର ଧାରା ୯୬(୩)ରେ କୁହାଯାଇଛି ଯେ ପକ୍ଷଙ୍କ ସମ୍ମତିରେ ନ୍ୟାୟାଳୟଙ୍କ ଦ୍ୱାରା ପାରିତ ଆଇନଗତ ଆଦେଶ ବିରୋଧରେ କୌଣସି ଆବେଦନ କରାଯିବ ନାହିଁ । ନିୟମ ୧-କ (୨) ରେ କୁହାଯାଇଛି ଯେ ଆପୋଷ ବୁଝାମଣା ଲିଖିତ ହେବା ପରେ, କୌଣସି ମାମଲାରେ ପାରିତ ଆଇନଗତ ଆଦେଶ ବିରୋଧରେ, ଆପୋଷ ବୁଝାମଣା ନଥିଭୁକ୍ତ କରାଯିବା ଉଚିତ କି ନୁହେଁ ଏହି ଆଧାରରେ ଆବେଦନକାରୀ ଆଇନଗତ ଆଦେଶ ବିରୋଧରେ ଲଢ଼େଇ କରିପାରିବେ । ଯେତେବେଳେ ଧାରା ୯୬(୩) ପକ୍ଷଙ୍କ ସମ୍ମତି ସହିତ ପାରିତ ଆଇନଗତ ଆଦେଶ ବିରୋଧରେ ଆବେଦନ କରିବା ଉପରେ ପ୍ରତିବନ୍ଧକ ଲଗାଇଛି, ସେତେବେଳେ ଏହା ସୂଚାଇଥାଏ ଯେ ଏପରି ଆଇନଗତ ଆଦେଶ ପକ୍ଷମାନଙ୍କ ପାଇଁ ବୈଧ ଏବଂ ବାଧ୍ୟତାମୂଳକ, ଯେପର୍ଯ୍ୟନ୍ତ ପକ୍ଷମାନଙ୍କ ପାଇଁ ବ୍ୟବସ୍ଥା ବଳବତ୍ତର ରହେ କିମ୍ବା ପ୍ରଦାନ କରାଯାଇଥିବା ବ୍ୟବସ୍ଥାକୁ ରଦ୍ଦ କରା ନ ଯାଇଛି । ଆଦେଶ ୪୩ ନିୟମ ୧(ଡ) ଅଧୀନରେ ଆବେଦନ ଆଗତ କରିବା ଏପରି ଏକ ପ୍ରତିକାର ଅଟେ । ଯଦି ଆପୋଷ ବୁଝାମଣାକୁ ଲିପିବଦ୍ଧ କରିବାର ଆଦେଶକୁ ରଦ୍ଦ କରାଯାଏ, ତେବେ ଆଇନଗତ ଆଦେଶ ବିରୋଧରେ ଆବେଦନ କରିବାର କୌଣସି ଆବଶ୍ୟକତା କିମ୍ବା ଅବସର ରହେନାହିଁ । ସେହିପରି ଏଭଳି ଆଇନଗତ ଆଦେଶକୁ ରଦ୍ଦ କରିବା ଉଦ୍ଦେଶ୍ୟରେ ମକଦ୍ଦମାକୁ ଏହି ଆଧାରରେ ରୁଜୁ କରାଯାଏ ଯେ ଆଇନଗତ ଆଦେଶ ବେଆଇନ ଏବଂ ଅବୈଧ ବୁଝାମଣା ଉପରେ ଆଧାରିତ ଯାହାକି ୨ୟ ମକଦ୍ଦମାର ବାଦୀଙ୍କ ପାଇଁ ବାଧ୍ୟତାମୂଳକ ନୁହେଁ । କିନ୍ତୁ ସଂଶୋଧନ ପ୍ରଚଳିତ କରାଯିବା ପରେ, ଆପୋଷ ବୁଝାମଣାକୁ ଲିପିବଦ୍ଧ କରୁଥିବା ଆଦେଶ ବିରୋଧରେ କୌଣସି ଆବେଦନ କିମ୍ବା ଆଦେଶ ୨୩ର ନିୟମ ୩ -କ ଅଧୀନରେ ମକଦ୍ଦମା ରୁଜୁ କରିବା ଦ୍ୱାରା କୌଣସି ପ୍ରତିକାର ଉପଲବ୍ଧ ହେବ ନାହିଁ । ଏହି କାରଣରୁ ଆପୋଷ ବୁଝାମଣାର ଲିପିବଦ୍ଧତାକୁ ଆପତ୍ତି କରୁଥିବା ପକ୍ଷଙ୍କୁ ଆଦେଶ ୪୩ ର ନିୟମ ୧-କ(୨) ଅନୁଯାୟୀ ଆଇନଗତ ଆଦେଶ ବିରୋଧରେ ଆବେଦନ କରିବା ସମୟରେ ଏହାର ବୈଧତା ଉପରେ ପ୍ରଶ୍ନ ଉଠାଇବାର ଅଧିକାର ପ୍ରଦାନ କରାଯାଇଛି । ସଂହିତାର ଧାରା ୯୬(୩)ଏପରି ଆବେଦନ ଉପରେ ପ୍ରତିବନ୍ଧକ ହୁଏ ନାହିଁ କାରଣ ଧାରା ୯୬(୩) ସେହି ମାମଲାରେ ଲାଗୁ ହୋଇଥାଏ ଯେଉଁଠାରେ ଆପୋଷ ବୁଝାମଣା କିମ୍ବା ଚୁକ୍ତିର ତଥ୍ୟ ବିବାଦରେ ନଥାଏ ।*

*୧୦. ଉତ୍ତରଦାତାଙ୍କ ପକ୍ଷ ତରଫରୁ ହାଜର ହୋଇଥିବା ଶ୍ରୀମାନ ଓକିଲ ଏକ ମତ ପୋଷଣ କରିଥିଲେ ଯେ ଉଚ୍ଚ ନ୍ୟାୟାଳୟ ଏହିପରି ଯଥାର୍ଥତା ପ୍ରତିପାଦନ କରିଥିଲେ ଯେ ଏହି ମାମଲା ବାଦୀ-ଅବେଦନକାରୀଙ୍କ ଦ୍ୱାରା ନିୟମ ୧ ଆଦେଶ ୨୩ ଅଧୀନରେ ପ୍ରତ୍ୟାହାର କରାଯାଇଛି ଏବଂ ଉପରୋକ୍ତ ଆଦେଶ ୨୩ ଆଇନ ୩ ଅନୁଯାୟୀ ଏହାର ଆପୋଷ ବୁଝାମଣା ହୋଇନଥିଲା; ତେଣୁ*

ଆବେଦନକାରୀଙ୍କ ପାଖରେ ଉପରୋକ୍ତ ଆଦେଶକୁ ପ୍ରତ୍ୟାହାର କରିବା ଉଦ୍ଦେଶ୍ୟରେ ଆବେଦନ ଆଗତ କରିବାପାଇଁ କୌଣସି ସୁଯୋଗ ନଥିଲା, ଏବଂ ସମ୍ପୃକ୍ତ ବିବାଦୀୟ ପୁନଃପ୍ରତିଷ୍ଠା ମକଦ୍ଦମାକୁ ଗୁଣାତ୍ମକ ଭାବେ ଶୁଣାଯାଇଛି । ଫେବୃଆରୀ ୨୬, ୧୯୯୧ ରେ ଦାଖଲ କରାଯାଇଥିବା ଆବେଦନର ନକଲରୁ ଜଣାପଡୁଛି ଯେ ବୁଝାମଣା ଏବଂ ଚୁକ୍ତିର ନିବନ୍ଧନ ଏବଂ ସର୍ତ୍ତାବଳୀରେ ଉଲ୍ଲେଖ କରାଯାଇଛି ଯେ ଉଭୟ ପକ୍ଷଙ୍କ ଦ୍ୱାରା ଏକ ଆପୋଷ ବୁଝାମଣା କରିଥିଲେ, ଫଳ ସ୍ୱରୂପ ବାଦୀ-ଆବେଦନକାରୀଙ୍କ ପରବର୍ତ୍ତୀ ସମୟରେ ବିବାଦୀୟ ଜମି ସହିତ କୌଣସି ସମ୍ପର୍କ ନଥିଲା ଏବଂ ପ୍ରତିବାଦୀ-ଉତ୍ତରଦାତା ଉକ୍ତ ବିବାଦୀୟ ଜମିର ଅଧିକାରୀ ଏବଂ ମାଲିକ ବୋଲି ବିବେଚିତ ହେବେ । ଉକ୍ତ ଆବେଦନରେ କରାଯାଇଥିବା ପ୍ରାର୍ଥନାରେ ମଧ୍ୟ କୁହାଯାଇଛି ଯେ ଆପୋଷ ବୁଝାମଣାକୁ ଗ୍ରହଣ କରିବା ପାଇଁ ଆଦେଶ ଦିଆଯାଇପାରେ । ସେହି ଆବେଦନକୁ ଆଧାରକରି, ଯେପରି ପୂର୍ବରୁ ଉଲ୍ଲେଖ କରାଯାଇଛି, ଆପୋଷ ବୁଝାମଣାକୁ ଗ୍ରହଣ କରାଯାଇଥିବା ଦର୍ଶାଇ ନ୍ୟାୟାଳୟ ଏକ ଆଦେଶ ପାରିତ କରିଥିଲେ । ଆଦେଶରେ ଉଲ୍ଲେଖ କରାଯାଇଛି ଯେ ବାଦୀଙ୍କ ମାମଲାକୁ ଆପୋଷ ବୁଝାମଣା ଦଲିଲ ପ୍ରଦର୍ଶିତ-ଗ ଅନୁଯାୟୀ ଖାରଜ କରାଯାଉ । ଉପରୋକ୍ତ ତଥ୍ୟ ଏବଂ ପରିସ୍ଥିତିକୁ ଦୃଷ୍ଟିରେ ରଖି, ଏହା କହିବା କଷ୍ଟକର ଯେ ନ୍ୟାୟାଳୟ ଫେବୃଆରୀ ୨୬, ୧୯୯୧ ମସିହାରେ ଆଦେଶ ୨୩ ର ନିୟମ ୧ ଅନୁଯାୟୀ ମାମଲାକୁ ପ୍ରତ୍ୟାହାର କରିବା ପାଇଁ ଅନୁମତି ଦେଇଥିଲେ । ଆବେଦନରେ ଉଲ୍ଲେଖ କରାଯାଇଥିବା ସର୍ତ୍ତାବଳୀ ଆଧାରରେ ବାଦୀଙ୍କ ମାମଲାକୁ ଖାରଜ କରିବା ପାଇଁ ପ୍ରଥମ ଦର୍ଶନରେ ଏହି ଆଦେଶ ଜାରି କରାଯାଇଥିଲା । ତେଣୁ ଏହି ଆଦେଶକୁ ସଂହିତାର ଆଦେଶ ୨୩ ର ନିୟମ ୩ ଅନୁଯାୟୀ ନ୍ୟାୟାଳୟକୁ ପ୍ରଦାନ କରାଯାଇଥିବା କ୍ଷମତାର ପ୍ରୟୋଗ କରି ଜାରି କରାଯାଇଥିବା ଏକ ଆଦେଶ ବୋଲି ବିବେଚନା କରି ଏହାର ବୈଧତାକୁ ବିଚାର କରାଯିବା ଉଚିତ । ମାନ୍ୟବର ଅଧସ୍ତନ ବିଚାରପତି ଆପୋଷ ବୁଝାମଣାର ଉକ୍ତ ଆବେଦନକୁ ଗ୍ରହଣ କରିବା ଉଚିତ ନ ଥିଲା, ଯଦିଓ ତାଙ୍କ ଓକିଲଙ୍କ ଦ୍ୱାରା ଆବେଦନକାରୀଙ୍କ ଉପରେ କରାଯାଇଥିବା ଠକେଇ ବିଷୟରେ ତାଙ୍କର କୌଣସି ଜ୍ଞାନ ନ ଥିଲା, କାରଣ ଆପୋଷ ବୁଝାମଣାର ଆବେଦନରେ ଉଭୟ ପ୍ରତିବାଦୀ କିମ୍ବା ତାଙ୍କ ଓକିଲଙ୍କ ଦ୍ୱାରା ହସ୍ତାକ୍ଷର ହୋଇନଥିଲା । ଏହି ତଥ୍ୟ ନ୍ୟାୟାଳୟଙ୍କ ଦ୍ୱାରା ଆବିଷ୍କାର ହେବା ଉଚିତ ଥିଲା । ଗୁରପ୍ରୀତ ସିଂ ବନାମ ଚତୁର ଭୁଜ ଗୋଏଲ [(୧୯୮୮) ୧ ଏସସିସି ୨୭୦ : ଏଆଇଆର ୧୯୮୮ ଏସସି ୪୦୦] ମାମଲାରେ ଏହା କୁହାଯାଇଛି: (ଏସସିସି ପୃ. ୨୭୬ , ପାରା ୧୦)

ନିୟମ ୩ ଅଧୀନରେ ଯାହା ବର୍ତ୍ତମାନ ଅଛି, ଯେତେବେଳେ କୌଣସି ମକଦ୍ଦମାରେ କରାଯାଇଥିବା ଦାବିକୁ ସମ୍ପୂର୍ଣ୍ଣ ଭାବେ କିମ୍ବା ଆଂଶିକ ଭାବେ ଆଇନଗତ ଚୁକ୍ତି କିମ୍ବା ବୁଝାମଣା ଦ୍ୱାରା ବ୍ୟବସ୍ଥିତ କରାଯାଇଥାଏ, ତେବେ ଆପୋଷ ବୁଝାମଣା ଲିଖିତ ଭାବେ ହେବା ଆବଶ୍ୟକ ଏବଂ ଉଭୟ ପକ୍ଷଙ୍କ ଦ୍ୱାରା ସ୍ୱାକ୍ଷରିତ ହେବା ଆବଶ୍ୟକ ଏବଂ ସେମାନଙ୍କ ମଧ୍ୟରେ ଏକ ସମ୍ପୂର୍ଣ୍ଣ ବୁଝାମଣା ହେବା ଆବଶ୍ୟକ । ବ୍ୟବସ୍ଥାପନ କରିବାପାଇଁ ହେଲେ, ଚୁକ୍ତି କିମ୍ବା ଆପୋଷ ବୁଝାମଣାକୁ ଆଇନଗତ ଆଦେଶରେ ସନ୍ନିବିଷ୍ଟ ହେବାର ସମର୍ଥ ଥିବା ଦରକାର । ଯେତେବେଳେ କୌଣସି ମକଦ୍ଦମା କିମ୍ବା

<u>ଆବେଦନର ଶୁଣାଣି ସମୟରେ ପକ୍ଷମାନେ ଆପୋଷ ବୁଝାମଣା କରିଥାନ୍ତି, ସେତେବେଳେ ଆପୋଷ ବୁଝାମଣାକୁ ପକ୍ଷମାନଙ୍କ ଦ୍ୱାରା ସ୍ୱାକ୍ଷରିତ ଦସ୍ତାବିଜ ଆକାରରେ ପ୍ରସ୍ତୁତ କରିବା ପାଇଁ କାହିଁକି କୁହାଯାଏ ତାହାର ଅବ୍ୟାହତି ହେବାର କୌଣସି କାରଣ ନାହିଁ । ତେଣୁ ସର୍ତ୍ତଗୁଡିକୁ ଲିଖିତ ରୂପରେ ପ୍ରକାଶ କରିବା ଲାଗି ଅଦାଲତ ପକ୍ଷମାନଙ୍କ ଉପରେ ଚାପ ପକାଇବା ଉଚିତ ।"</u>

ସମ୍ପୃକ୍ତ ପକ୍ଷଙ୍କ ଦ୍ୱାରା ହୋଇଥିବା ଆପୋଷ ବୁଝାମଣା ଆବେଦନର ସ୍ୱାକ୍ଷରିତ ଆବଶ୍ୟକତାକୁ ମଧ୍ୟ ବାଇରାମ ପେଷ୍ଟୋନଜୀ ଗରିୱାଲା ବନାମ ୟୁନିୟନ ବ୍ୟାଙ୍କ [(୧୯୯୨ ) ୧ ଏସସିସି ୩୧ : ଏଆଇଆର ୧୯୯୧ ଏସସି ୨୨୩୪ ] ମାମଲାରେ ବିବେଚନା କରାଯାଇଛି । ଏହା ଜଣାପଡୁଛି ଯେ ଏହି ନ୍ୟାୟାଳୟର ଉପରୋକ୍ତ ଗୁରପ୍ରୀତ ସିଂହ ବନାମ ଚତୁର ଭୁଜ ଗୋଏଲ [(୧୯୮୮ ) ୧ ଏସସିସି ୨୭୦ : ଏଆଇଆର ୧୯୮୮ ଏସସି ୪୦୦ ]ମାମଲା ପ୍ରତି ମାନ୍ୟବର ବିଚାରପତି ମାନଙ୍କ ଧ୍ୟାନ ଆକର୍ଷଣ କରାଯାଇ ନଥିଲା ।

୧୧. ବର୍ତ୍ତମାନର ମାମଲା ଦର୍ଶାଉଛି କି ଯେ କିଭଳି ଭାବେ ଫେବୃଆରୀ୨୭, ୧୯୯୧ ମସିହାରେ ନ୍ୟାୟାଳୟ କଥିତ ଚୁକ୍ତି ଏବଂ ବୁଝାମଣାକୁ ସାମାନ୍ୟ ଢଙ୍ଗରେ ଉଲ୍ଲିଖିତ କରିଥିଲେ । ଏଥିରେ ପ୍ରଭାବିତ ହେବାର ଆବଶ୍ୟକତା ନାହିଁ ଯେ ଆଦେଶ ୨୩ର ନିୟମ ୩ରେ ବିବାଦିତ ଚୁକ୍ତିରେ କିମ୍ବା ଯେଉଁଠି ପକ୍ଷମାନଙ୍କ ମଧ୍ୟରେ ଆପୋଷ ବୁଝାମଣା ହୋଇଥିବ ସେଥିପାଇଁ ନ୍ୟାୟାଳୟଙ୍କ ଠାରୁ କୌଣସି ଠୋସ ଅନୁମୋଦନର ଆବଶ୍ୟକତା ନାହିଁ । ବିଧାନ ନ୍ୟାୟାଳୟଙ୍କ ସନ୍ତୁଷ୍ଟି ଆବଶ୍ୟକ କରେ ଯେ, ଚୁକ୍ତି କିମ୍ବା ବୁଝାମଣାକୁ ଗ୍ରହଣ କରିବା ପୂର୍ବରୁ ତାହା ପକ୍ଷମାନଙ୍କ ଦ୍ୱାରା ଆଇନ ଅନୁଯାୟୀ ସମ୍ପାଦନ ହୋଇଛିକି ନା ।ଉଭୟ ପକ୍ଷଙ୍କ ମଧ୍ୟରେ ହୋଇଥିବା ଚୁକ୍ତିର ସର୍ତ୍ତାବଳୀ ଆଧାରରେ ମକଦ୍ଦମାକୁ ବିଚାର କରିବା ପୂର୍ବରୁ ନ୍ୟାୟାଳୟ ରାଜିନାମାର ସର୍ତ୍ତାବଳିକୀକୁ ପରୀକ୍ଷା କରିବା ସମୟରେ ତାଙ୍କର ନ୍ୟାୟୀକ ଜ୍ଞାନ ପ୍ରୟୋଗ କରିଥିବେ ବୋଲି ଆଶା କରାଯାଏ । ଏହା ଉଲ୍ଲେଖ କରିବାର ଆବଶ୍ୟକତା ନାହିଁ ଯେ ଥରେ ଏପରି ଆପୋଷ ବୁଝାମଣାର ଆବେଦନ ଗ୍ରହଣ କରାଯିବା ପରେ ଏହା ନ୍ୟାୟଳୟଙ୍କର ଆଦେଶ ହୋଇଯାଏ ଏବଂ ଏହା ଏକ ନ୍ୟାୟୀକ ଆଦେଶର ପବିତ୍ରତା ଅର୍ଜନ କରିଥାଏ ।

୧୨. ଉତ୍ତରଦାତାଙ୍କ ତରଫରୁ ଏକ ମତ ଗ୍ରହଣ କରାଯାଇଥିଲା ଯେ ମାନ୍ୟବର ଅଧସ୍ତନ ବିଚାରପତି ସେପ୍ଟେମ୍ବର ୨୦, ୧୯୯୧ ମସିହାରେ ତାଙ୍କ ଆଦେଶ ଦ୍ୱାରା ଫେବୃଆରୀ ୨୭, ୧୯୯୧ ମସିହାର ଆଦେଶକୁ ପ୍ରତ୍ୟାହାର କରିବାର ନଥିଲା ଏବଂ ମକଦ୍ଦମାକୁ ଏହାର ମୂଳ ସଂଖ୍ୟାରେ ପୁନସ୍ଥାପିତ କରିବା ।ଏଥିରେ କୌଣସି ଦ୍ୱନ୍ଦ୍ୱ ନାହିଁ ଯେ, ଉତ୍ତରଦାତା, ଉଚ୍ଚ ନ୍ୟାୟାଳୟ ଦ୍ୱାରା ଦିଆଯାଇଥିବା କାରଣ ବ୍ୟତୀତ ଅନ୍ୟ କୌଣସି କାରଣ ପାଇଁ ସେପ୍ଟେମ୍ବର ୨୦,୧୯୯୧ ମସିହାରେ ଉଚ୍ଚନ୍ୟାୟାଳୟ ଖାରଜ କରି ଦେଇଥିବା ଆଦେଶକୁ ସମର୍ଥନ କରିପାରିବେ ।

୧୩. ଯେତେବେଳେ ସଂଶୋଧନ ଅଧିନିୟମ, ଆଦେଶ ୨୩ ର ନିୟମ ୩ ର ଏକ ସ୍ପଷ୍ଟୀକରଣ ସହିତ ଏକ ବ୍ୟବସ୍ଥାକୁ ଲାଗୁ କରିଛି ଯେଉଁଥିରେ ଗୋଟିଏ ପକ୍ଷଙ୍କ ଦ୍ୱାରା ଅଭିଯୋଗ କରାଯାଇଥାଏ ଏବଂ

*ଅନ୍ୟ ପକ୍ଷଙ୍କ ଦ୍ୱାରା ଏହା ଅସ୍ୱୀକାର କରାଯାଏ ସେଠାରେ ବ୍ୟବସ୍ଥାପନ କିମ୍ବା ସନ୍ତୁଷ୍ଟି ର ପ୍ରଶ୍ନ ଆସେ, ସେହି ପ୍ରଶ୍ନର ସମାଧାନ ନ୍ୟାୟାଳୟ ହିଁ କରିଥାଏ, ଯେଉଁ ଅଦାଲତରେ ଆପୋଷ ବୁଝାମଣା ପାଇଁ ଆବେଦନ କରାଯାଇଥାଏ ଏବଂ ଏଥିରେ କୌଣସି ଆଇନଗତ ବୁଝାମଣା ଆଧାରରେ କୌଣସି ବ୍ୟବସ୍ଥାପନ କିମ୍ବା ସନ୍ତୁଷ୍ଟି ପ୍ରକାଶ ପାଇଛି କି ନାହିଁ, ତାହା ଉପରେ ନିଷ୍ପତ୍ତି ନେବାକୁ ପଡ଼ିବ । ଚୁକ୍ତି କିମ୍ବା ବୁଝାମଣାର ବୈଧତାର ତଦନ୍ତକୁ ବ୍ୟାପକ କରିବା ଲାଗି ଏହି ବ୍ୟବସ୍ଥାର ବ୍ୟାଖ୍ୟାରେ କୁହାଯାଇଛି ଯେ "ଭାରତୀୟ ଚୁକ୍ତି ଅଧିନିୟମ ଅଧୀନରେ ଏକ ଚୁକ୍ତି କିମ୍ବା ବୁଝାମଣା ମଧ୍ୟରୁ କେଉଁଟି ବୈଧ କିମ୍ବା କେଉଁଟି ଅବୈଧ, ତାକୁ ଉପରୋକ୍ତ ନିୟମର ଅର୍ଥ ମଧ୍ୟରେ ଆଇନଗତ ବୋଲି ବିବେଚନା କରାଯିବ ନାହିଁ । ବ୍ୟବସ୍ଥା ସହିତ ପଢାଯାଉଥିବା ସ୍ପଷ୍ଟୀକରଣର ଦୃଷ୍ଟିରେ ଏକ ଅଦାଲତ ଯିଏକି ଅପୋଷ ବୁଝାମଣା ପ୍ରାର୍ଥନାକୁ ଗ୍ରହଣ କରିଛନ୍ତି, ସେହି ଅପୋଷ ବୁଝାମଣା ଭାରତୀୟ ଚୁକ୍ତି ଅଧିନିୟମ ଦ୍ୱାରା ବୈଧ କି ଅବୈଧ ଅଟେ ତାକୁ ପରୀକ୍ଷା କରିବା ଉଚିତ । ଏପରିକି ଆଦେଶ ୪୩ ର ନିୟମ ୧(ଡ) କୁ ମଧ୍ୟ ହଟାଇ ଦିଆଯାଇଛି ଯାହାଦ୍ୱାରା ଅପୋଷ ବୁଝାମଣାକୁ ଅଭିଲିଖିତ କରିବା ଆଦେଶ ବିରୋଧରେ ଏକ ଆବେଦନକୁ ଗ୍ରହଣ କରାଯାଇଥିଲା । ତେଣୁ ଆପୋଷ ବୁଝାମଣାକୁ ଆପତ୍ତି କରୁଥିବା ପକ୍ଷ ଆଦେଶ ୨୩ର ନିୟମ ୩ ର ବ୍ୟବସ୍ଥା କିମ୍ବା ସଂହିତାର ଧାରା ୯୬ (୧) ଅଧୀନରେ ଏକ ଆବେଦନ ଦାଖଲ କରିପାରିବେ, ଯେଉଁଥିରେ ସେ ଏବେ ସଂହିତାର ଆଦେଶ ୪୩ର ନିୟମ ୧-କ କୁ ଦୃଷ୍ଟିରେ ରଖି ଆପୋଷ ବୁଝାମଣାର ବୈଧତା ଉପରେ ପ୍ରଶ୍ନ ଉଠାଇପାରିବେ ।"*

*(ଗୁରୁତ୍ୱ ଦିଆଯାଇଛି)*

୯୦. ଆମେ ***ବିପନ ଅଗ୍ରୱାଲ ଏବଂ ଅନ୍ୟଜଣେ ବନାମ ରମଣ ଗଣ୍ଡୋତ୍ରା ଏବଂ ଅନ୍ୟମାନେ*** ମାମଲାରେ, ଯାହାକୁ ୨୦୨୨ ଏସସିସି ଅନଲାଇନ ଏସସି ୧୩୫୭ ବିଶେଷଭାବେ ପାରା ୪ ଏବଂ ୫ ରେ ଯଥାକ୍ରମେ ପ୍ରକାଶ ପାଇଛି, ଏହି ନ୍ୟାୟାଳୟର ନିର୍ଣ୍ଣୟକୁ ମଧ୍ୟ ଉଲ୍ଲେଖ କରିପାରିବା ଏବଂ ଭରସା କରିପାରିବା ।

> *"୪. ବନବାରୀ ଲାଲ ବନାମ ଚାନ୍ଦୋ ଦେବୀ (ଶ୍ରୀମତୀ ) (ଉତ୍ତରାଧିକାରୀ ମାନଙ୍କ ଦ୍ୱାରା)' ମାମଲାର ରାୟରେ ଯାହା,( ୧୯୯୩ ) ୧ ଏସସିସି ୫୮୧ରେ ପ୍ରକାଶ ପାଇଛି, ଏହି ନ୍ୟାୟାଳୟ ପ୍ରଶ୍ନ କରିଛନ୍ତି ଯେ, ଆଇନଗତ ବୁଝାମଣା ଆଦେଶ ଦ୍ୱାରା କ୍ଷତିଗ୍ରସ୍ତ ଜଣେ ବ୍ୟକ୍ତିଙ୍କର ନ୍ୟାୟାଳୟରେ ପ୍ରାର୍ଥନା କରି ନ୍ୟାୟାଳୟଙ୍କ ଦ୍ୱାରା ଆଇନଗତ ଆଦେଶ ପାଇବାର କିମ୍ବା ଦେୱାନୀ କାର୍ଯ୍ୟବିଧି ସଂହିତାର ଆଦେଶ ୪୩ ନିୟମ ୧ କ ଅଧୀନରେ ଆବେଦନ ଆଗତ କରିବାର ଅଧିକାର ଅଛି କି ନାହିଁ ଏହାକୁ ଏହିପରି ନିମ୍ନରେ ପ୍ରଦାନ କରାଗଲା:–*
>
> > *"୧୩. ଯେତେବେଳେ ସଂଶୋଧନ ଅଧିନିୟମ ଆଦେଶ ୨୩ର ନିୟମ ୩ରେ ଏକ ବ୍ୟବସ୍ଥା ସହିତ ଏକ ସ୍ପଷ୍ଟୀକରଣ ଯୋଡି କହିଛି ଯେ, ଯେଉଁଠି ଗୋଟିଏ ପକ୍ଷ ଅଭିଯୋଗ କରିଥାଏ ଏବଂ ଅନ୍ୟ ପକ୍ଷ ଏହାକୁ ଅସ୍ୱୀକାର କରିଥାଏ, ସେଠାରେ ବ୍ୟବସ୍ଥାପନ କିମ୍ବା ସନ୍ତୁଷ୍ଟିର ପ୍ରଶ୍ନ ଆସେ, "ଯାହାକୁ ଅଦାଲତ ସମାଧାନ କରିଥାନ୍ତି",ଯେଉଁ ଅଦାଲତରେ ଏହି ଅପୋଷ ବୁଝାମଣା ପତ୍ର ଆଗତ ହୋଇ ଅଭିଲିଖିତ ହୋଇଛି ଏବଂ ତାହା ବ୍ୟବସ୍ଥାପନ ଏବଂ ସନ୍ତୁଷ୍ଟି*

*ଉପରେ ପ୍ରଶ୍ନ ପଚାରିଛି, ସେହି ବୁଝାମଣା ପତ୍ର କୌଣସି ଆଇନଗତ ଚୁକ୍ତି ଦ୍ୱାରା ସମ୍ପାଦନ ହୋଇଛି କି ନା ତାକୁ ପରୀକ୍ଷା କରିବା ଉଚିତ । ବୁଝାମଣାର ବୈଧତା କିମ୍ବା ଆପୋଷ ବୁଝାମଣାକୁ ଅଧିକ ବ୍ୟାପକ କରିବା ଲାଗି ଏହି ବ୍ୟବସ୍ଥାର ସ୍ପଷ୍ଟୀକରଣରେ କୁହାଯାଇଛି ଯେ "ଭାରତୀୟ ଚୁକ୍ତି ଅଧିନିୟମ ଅଧୀନରେ କିଏ ବୈଧ କିମ୍ବା ଅବୈଧ, ଉପରୋକ୍ତ ନିୟମର ଅର୍ଥ ମଧ୍ୟରେ ତାହା ଆଇନଗତ ବୋଲି ଧରାଯିବ ନାହିଁ । ବ୍ୟବସ୍ଥାରେ ସଂଲଗ୍ନ ସ୍ପଷ୍ଟୀକରଣ ଦୃଷ୍ଟିରୁ ଯେଉଁ ଅଦାଲତ ଅପୋଷ ବୁଝାମଣା ପ୍ରାର୍ଥନାକୁ ଗ୍ରହଣ କରିଛି , ତାହା ଭାରତୀୟ ଚୁକ୍ତି ଅଧିନିୟମ ଅଧୀନରେ ବୈଧ କି ଅବୈଧ ଅଟେ ତାକୁ ପରୀକ୍ଷା କରିବା ଉଚିତ । ଏମିତି କି ଆଦେଶ ୪୩ର ନିୟମ ୧-ଡକୁ ହଟାଇ ଦିଆଯାଇଛି, ଯେଉଁଥିରେ ଆପୋଷ ବୁଝାମଣାକୁ ଅଭିଲିଖିତ କରୁଥିବା ଏକ ଆଦେଶ ବିରୋଧରେ ଏକ ଆବେଦନକୁ ଗ୍ରହଣ କରାଯାଇଥିଲା । ତେଣୁ ଆପୋଷ ବୁଝାମଣାକୁ ଆପତ୍ତି କରୁଥିବା ପକ୍ଷ ଆଦେଶ ୨୩ର ନିୟମ ୩ର ସର୍ତ୍ତାବଳୀ କିମ୍ବା ସଂହିତାର ଧାରା ୯୬ (୧) ଅଧୀନରେ ଏକ ପ୍ରାର୍ଥନା ଦାଖଲ କରିପାରିବେ, ଯେଉଁଥିରେ ସେ ସଂହିତାର ଆଦେଶ ୪୩ ର ନିୟମ ୧-ଡ କୁ ଦୃଷ୍ଟିରେ ରଖି ଆପୋସ ବୁଝାମଣାର ବୈଧତା ଉପରେ ପ୍ରଶ୍ନ ଉଠାଇପାରିବେ ।"*

*୫. ଏହି କାରଣରୁ ଆବେଦନକାରୀମାନେ ସିପିସିର ଆଦେଶ ୪୩ ନିୟମ ୧ ଡ ଅନୁଯାୟୀ ଆବେଦନ ପ୍ରତିକାର ପାଇବେ ବା ଆଇନଗତ ଆଦେଶ ପ୍ରଦାନ କରିଥିବା ନ୍ୟାୟାଳୟରେ ଏକ ପ୍ରାର୍ଥନା ଜରିଆରେ ଆବେଦନ କରି ପ୍ରତିକାର ପାଇବାର ଅଧିକାର ପାଇବେ । ତେଣୁ, ଆଇନଗତ ଆଦେଶ ପ୍ରଦାନ କରିଥିବା ନ୍ୟାୟାଳୟରେ ଆବେଦନକାରୀଙ୍କ ଦ୍ୱାରା ଦାଖଲ କରାଯାଇଥିବା ଆବେଦନକୁ କ୍ଷେତ୍ରାଧିକାରିତା ବିନା କୁହାଯାଇପାରିବ ନାହିଁ ।"*

*(ଗୁରୁତ୍ୱ ଦିଆଯାଇଛି)*

୯୧. ତେଣୁ ଉପରୋକ୍ତ ଆଲୋଚନାକୁ ଦୃଷ୍ଟିରେ ରଖି, ଆମେ ବିବେଚନା କରୁଛୁ ଯେ ମୂଳ ପ୍ରତିବାଦୀ ସଂଖ୍ୟା ୨ ଦ୍ୱାରା ବନ୍ଦୋବସ୍ତର ବୈଧତା ଏବଂ ବିଧିମାନ୍ୟତା ଉପରେ ପ୍ରଶ୍ନ ଉଠାଇ ଦାଖଲ କରାଯାଇଥିବା ପାଲଟା ଆବେଦନ ଆଇନ ଅନୁଯାୟୀ ଗ୍ରହଣୀୟ ଥିଲା ।

୯୨. ଆମେ ଏବେ ପ୍ରତିବାଦୀ ସଂଖ୍ୟା ୨ ପକ୍ଷରୁ ହାଜର ହୋଇଥିବା ଶ୍ରୀମାନ ବରିଷ୍ଠ ଓକିଲଙ୍କ ପ୍ରତିପାଦିତ ବୃତ୍ତାନ୍ତ ପ୍ରତି ଧ୍ୟାନ ଦେବୁ ଯେବେ ସେ କହିଛନ୍ତି ଯେ ୨୮.୦୩.୧୯୯୧ ମସିହାରେ ହୋଇଥିବା ବନ୍ଦୋବସ୍ତ ଚୁକ୍ତି ସିପିସିର ଆଦେଶ ୨୩ ନିୟମ ୩ ଅଧୀନରେ ଅବୈଧ ଅଟେ ଏବଂ ଏହା ବାଧ୍ୟତାମୂଳକ ନୁହେଁ:

*"ପ୍ରଥମତଃ, କଥିତ ଆପୋଷ ବୁଝାମଣାପତ୍ର ବାଦୀଙ୍କ ଦ୍ୱାରା ସ୍ୱାକ୍ଷରିତ ହୋଇନାହିଁ, ଯାହାର ସମ୍ପତ୍ତିରେ ସହଉତ୍ତରାଧିକାରୀ ଭାବେ ଏକ ଭାଗ ଅଛି । ଏଥିପାଇଁ ସମସ୍ତ ପକ୍ଷଙ୍କ ଲିଖିତ ସମ୍ମତି ଆବଶ୍ୟକ।*

ଦ୍ୱିତୀୟରେ, ସହଉତ୍ତରାଧିକାର ଅବିଭାଜ୍ୟ ସାମୁହିକ ସମ୍ପତ୍ତି (ଜାଗା ସଂଖ୍ୟା ୧୪୦)କୁ ପ୍ରତିବାଦୀ ସଂଖ୍ୟା ୧ ଙ୍କ ଦ୍ୱାରା ପ୍ରତିବାଦୀ ସଂଖ୍ୟା ୨ ଙ୍କୁ ବଣ୍ଟା ଯାଇଛି ଯେଉଁଥିରେ କି  ବାଦୀଙ୍କର ସ୍ୱାର୍ଥ ନିହିତ ଅଛି ।

ତୃତୀୟରେ,ପ୍ରସ୍ତୁତ  କରାଯାଇଥିବା ବୁଝାମଣା ପତ୍ରରେ,  ଚୁକ୍ତିନାମା ଏବଂ ଅପୋଷ ବୁଝାମଣା ଆବେଦନ ମଧ୍ୟରେ ପ୍ରଭେଦ ରହିଛି ।

ଏହାର ପ୍ରଭେଦ ନିମ୍ନରେ ଦିଆଗଲା -

(କ) ଆପୋଷ ବୁଝାମଣାର ବିଚାର ସମୟରେ, ପ୍ରତିବାଦୀ ସଂଖ୍ୟା୨ ତାଙ୍କ ନିଜ ଆୟ (ଅନୁସୂଚୀ ‘ଖ’ ସମ୍ପତ୍ତି) ଦ୍ୱାରା ଅନ୍ୟ ଏକ ସମ୍ପତ୍ତି କିଣିସାରିଛନ୍ତି, ଯାହାକି ଆପୋଷ ବୁଝାମଣାର ଅଂଶବିଶେଷ ନଥିଲା ।

(ଖ) ଆବେଦନରେ ସଂଲଗ୍ନ ରେଖାଚିତ୍ର ନକ୍ସା ଜାଗା ସଂଖ୍ୟା ୧୦୮୬ ଏବଂ ୧୦୮୫ ଦର୍ଶାଯାଇଛି, ଯାହା ଆପୋଷ ବୁଝାମଣାର ଧାରା ୩ ରେ ଉଲ୍ଲିଖିତ ଜାଗା ସଂଖ୍ୟା ୧୪୦ ପରିବର୍ତ୍ତେ ଜାଗା ସଂଖ୍ୟା ୧୪୧ର ଅଂଶବିଶେଷ ଏବଂ କୌଣସି ସହମତିକୁ ସୂଚାଉ ନାହିଁ, ତେଣୁ ଆପୋଷ ବୁଝାମଣାର କାର୍ଯ୍ୟାନ୍ୱୟନ ପ୍ରବର୍ତ୍ତନଯୋଗ୍ୟ ନୁହେଁ ।

(ଗ) ଯେଉଁ ସାମୁହିକ ସମ୍ପତ୍ତିକୁ ଚୁକ୍ତିର ଖଣ୍ଡ ୩ (ପୃଷ୍ଠା ୧୪୧)ରେ ବର୍ଣ୍ଣନା କରାଯାଇଛି, ପ୍ରତିବାଦୀ ସଂଖ୍ୟା ୨ ଙ୍କୁ ପ୍ରଦାନ କରାଯାଇଥିଲା ତାକୁ ପରିବର୍ତ୍ତନ କରାଯାଇ ଚୂଡ଼ାନ୍ତ ଆଇନଗତ ଆଦେଶ ରେ ତାଙ୍କ ନାମରେ ଆବଣ୍ଟନ କରାଯିବ ।

(ଘ) ପ୍ରାର୍ଥନାରେ ନ୍ୟାୟାଳୟଙ୍କ ପୁନଃ ଆଦେଶ ନିମନ୍ତେ ଚୁକ୍ତିରେ କୌଣସି ସୂଚନା ନଥାଇ (ପାରା ୪@୧୪୧ ଦେଖନ୍ତୁ) ନ୍ୟାୟାଳୟରେ ଦେବାକୁ ଥିବା ଟ ୧୨୦୦୦/- ଙ୍କା ଜମା କରାଯାଇଥିଲା ।

(ଙ) ରାଜିନାମା ଆବେଦନରେ ଏକ ନିର୍ଦ୍ଦିଷ୍ଟ ଧାରା ଯୋଡ଼ା ଯାଇଥିବା ବେଳେ ଚୁକ୍ତିରେ ସମ୍ପୂର୍ଣ୍ଣ ଲାଭ ବିଷୟରେ କୌଣସି ସ୍ପଷ୍ଟ ଉଲ୍ଲେଖନାହିଁ ।

(ଚ) ପ୍ରତିବାଦୀ ସଂଖ୍ୟା୨ଙ୍କ ସମ୍ପତ୍ତି ଉପରେ ଦଖଲ ଅଧିକାରକୁ ଚୁକ୍ତିରେ ମାନ୍ୟତା ଦିଆଯାଇଥିଲା ଏବଂ ପରବର୍ତ୍ତୀ ସମୟରେ ସେହି ପ୍ରାର୍ଥନାରେ ପ୍ରତିବାଦୀ ସଂଖ୍ୟା୨ଙ୍କ ସହିତ ଅନ୍ୟମାନଙ୍କୁ ଦଖଲ ଅଧିକାର ପାଇଁ ପଦକ୍ଷେପ ନେବାକୁ ପରିବର୍ତ୍ତନ କରାଗଲା ଯେଉଁଥିରେ ପ୍ରତିବାଦୀ ସଂଖ୍ୟା କୌଣସି ବିରୋଧ କରିବେ ନହିଁ ।

(ଜ) ବୁଝାମଣାରେ ବ୍ୟବସ୍ଥା ରହିଛି ଯେ ପ୍ରତିବାଦୀ ସଂଖ୍ୟା ୨ ଆପୋଷ ବୁଝାମଣା ଆବେଦନରେ ସ୍ୱାକ୍ଷର କରିବେ, ଯାହାକୁ ପରବର୍ତ୍ତୀ ସମୟରେ ଆପୋଷ ଆବେଦନରେ ସ୍ୱାକ୍ଷର ଏବଂ ଶପଥ ପାଠରେ ଶପଥ ନେବାପାଇଁ ପରିବର୍ତ୍ତନ କରାଯାଇଥିଲା ।

*ଚତୁର୍ଥରେ, ଆପୋଷ ବୁଝାମଣାକୁ ସ୍ୱୀକାର କରି ପୁନର୍ବିଚାର କରୁଥିବା ପ୍ରଥମ ନ୍ୟାୟାଳୟ ୦୧.୦୮.୨୦୦୦ ମସିହାରେ ଦିଆଯାଇଥିବା ରାୟରେ ପ୍ରତିବାଦୀ ସଂଖ୍ୟା ୨ ଙ୍କୁ ଆବଣ୍ଟନ କରାଯାଇଥିବା ସମୂହ ସମ୍ପତ୍ତିକୁ ଆବଣ୍ଟନ କରିନାହାନ୍ତି । ପ୍ରଥମ ପୁନର୍ବିଚାର କରୁଥିବା ନ୍ୟାୟାଳୟ ଭୁଲ ଆଧାରରେ କାର୍ଯ୍ୟ କରିଛନ୍ତି ଯେ ପ୍ରତିବାଦୀ ସଂଖ୍ୟା ୨ ନିଜର ଅଧିକାରକୁ ପ୍ରତିବାଦୀ ସଂଖ୍ୟା ୧ ନିକଟରେ ସମର୍ପଣ କରିଛନ୍ତି । ପ୍ରଥମ ପୁନର୍ବିଚାର କରୁଥିବା ନ୍ୟାୟାଳୟ ବିଶେଷ କରି ଏହା ଉଲ୍ଲେଖ କରି ଭୁଲ କରିଥିଲେ ଯେ ଆପୋଷ ବୁଝାମଣା ବାଦୀଙ୍କ ଅଧିକାର ଉପରେ କୌଣସି ପ୍ରତିକୂଳ ପ୍ରଭାବ ପକାଇବ ନାହିଁ ଏବଂ ତେଣୁ ଏହାକୁ କାର୍ଯ୍ୟକାରୀ କରାଯାଇପାରିବ ।*

*ପଞ୍ଚମରେ, ପ୍ରତିବାଦୀ ସଂଖ୍ୟା ୨ପାଇଁ ଏକ ଛୋଟ ଅଂଶକୁ ଭିତ୍ତି କରି ଆପୋଷ ବୁଝାମଣା କରାଯାଇଥିଲା, ଯେତେବେଳେ କି ବିନୀତା ଶର୍ମା (ଉପରୋକ୍ତ) ଙ୍କ ଦୃଷ୍ଟିରୁ ତାଙ୍କର ଅଧିକ ଅଂଶଧନ ରହିଛି ।ତେଣୁ ବୁଝାମଣା/ସମାଧାନ ଲାଗି ବିଚାର ଅପର୍ଯ୍ୟାପ୍ତ ଥିଲା ଏବଂ ଆଇନରେ ପରିବର୍ତ୍ତନ କାରଣରୁ ଏବଂ ପରିବର୍ତ୍ତିତ ପ୍ରଭାବୀ ପରିସ୍ଥିତି କାରଣରୁ ସମ୍ପୂର୍ଣ୍ଣ ରାଜିନାମା ଅଚଳ ହୋଇଛି ।*

*ଶେଷରେ, ଅନ୍ୟଥା, ଜଣେ ଉତ୍ତରାଧିକାରୀଙ୍କୁ ସହ-ମାଲିକାନା ସମ୍ପତ୍ତିର ଆବଣ୍ଟନରେ କୌଣସି ପ୍ରାରମ୍ଭିକ ଆଇନଗତ ଆଦେଶରେ ପରିବର୍ତ୍ତନ କରାଯାଇପାରିବ ନାହିଁ । ଏତଦବ୍ୟତୀତ ହିନ୍ଦୁ ଆଇନ ଅନୁସାରେ ଜଣେ ସହଉତ୍ତରାଧିକାରୀଙ୍କ ଦ୍ୱାରା ତାଙ୍କର ଅବିଭାଜ୍ୟ ସହଉତ୍ତରାଧିକାରୀଙ୍କ ସ୍ୱାର୍ଥ କୁ ବିନା ସମ୍ମତିରେ ଅନ୍ୟ ସହଉତ୍ତରାଧିକାରୀଙ୍କୁ ଦିଆଯାଉଥିବା ଉପହାର/ତ୍ୟାଗ/ପରିତ୍ୟାଗ କିମ୍ବା ହସ୍ତାନ୍ତରଣ କରିବା ଅସିଦ୍ଧ ଅଟେ।"*

୯୩. ଏବେ ଏହା ସ୍ଥିର ହୋଇଛି ଯେ ସିପିସିର ଆଦେଶ ୨୩ ନିୟମ ୩ ଅନୁଯାୟୀ ଯେତେବେଳେ କୌଣସି ମକଦ୍ଦମାରେ କରାଯାଇଥିବା ଦାବିକୁ କୌଣସି ଆଇନଗତ ଚୁକ୍ତି କିମ୍ବା ବୁଝାମଣା ଦ୍ୱାରା ସମ୍ପୂର୍ଣ୍ଣ କିମ୍ବା ଆଂଶିକ ଭାବେ ସମାଯୋଜିତ କରାଯାଇଥାଏ, ଆପୋଷ ବୁଝାମଣା ଲିଖିତ ଭାବେ ହେବା ଆବଶ୍ୟକ ଏବଂ ପକ୍ଷଙ୍କ ଦ୍ୱାରା ସ୍ୱାକ୍ଷରିତ ହେବା ଆବଶ୍ୟକ ଏବଂ ସେମାନଙ୍କ ମଧ୍ୟରେ ଏକ ସମ୍ପୂର୍ଣ୍ଣ ଚୁକ୍ତି ହେବା ଆବଶ୍ୟକ । ସମଯୋଜନ କରିବା ପାଇଁ ବୁଝାମଣା କିମ୍ବା ଆପୋଷ ବୁଝାମଣା ଆଇନଗତ ଆଦେଶରେ ଅନ୍ତର୍ଗତ ହେବା ଆବଶ୍ୟକ । (***ଗୁରପ୍ରୀତ ସିଂ ବନାମ ଚତୁର ଭୁଜ ଗୋଏଲ,*** (୧୯୮୮) ୧ ଏସସିସି ୨୭୦ ମାମଲା ଦେଖନ୍ତୁ) ।

୯୪. ନିର୍ବିବାଦରେ, ବର୍ତ୍ତମାନର ମାମଲାରେ, ବାଦୀ ତାଙ୍କର ହସ୍ତାକ୍ଷର ବନ୍ଦୋବସ୍ତ ଦଲିଲରେ କରିନାହାନ୍ତି ଯାହାକି ପ୍ରଥମ ଆବେଦନରେ ଉଚ୍ଚ ନ୍ୟାୟାଳୟଙ୍କ ପାଖରେ ବିଚାର ପାଇଁ ଆଗତ କରାଯାଇଥିଲା । ବାଦୀ ନିଜକୁ ସ୍ପଷ୍ଟ କରିଦେଇଛନ୍ତି ଯେ ସେ କେବେ ବି ତାଙ୍କ ଭାଇ, ଅର୍ଥାତ୍ ପ୍ରତିବାଦୀ ସଂଖ୍ୟା ୧ ଏବଂ ତାଙ୍କ ଭଉଣୀ ଅର୍ଥାତ୍ ପ୍ରତିବାଦୀ ସଂଖ୍ୟା ୨ ଙ୍କ ମଧ୍ୟରେ ହୋଇଥିବା ରାଜିନାମାରେ ସାମିଲ ହୋଇନଥିଲେ । କେବଳ ଏହି

କାରଣରୁ ସମସ୍ତ ପକ୍ଷଙ୍କ ଲିଖିତ ସମ୍ମତି ବିନା ଏହି ବୁଝାମଣାକୁ ବେଆଇନ ବୋଲି କୁହାଯାଇପାରିବ । ସଂଯୁକ୍ତ ସମ୍ପତ୍ତିର ବିଭାଜନ ମକଦ୍ଦମାରେ, କିଛି ପକ୍ଷଙ୍କ ସହମତିରେ ପ୍ରଦାନ କରାଯାଇଥିବା ଆଇନଗତ ଆଦେଶ ଗ୍ରହଣ ଯୋଗ୍ୟ ନ ହୋଇପାରେ ।

୯୫. ***ନିତ୍ୟମଣି ଦାସୀ ବନାମ ଗୋକୁଳ ଚନ୍ଦ୍ର ସେନ୍*** (୧୯୧୧) ୯ ଆଇଏନଡି ସିଏଏସ ୨୧୦ (କଲିକତା) ରେ ପ୍ରକାଶ ପାଇଥିବା ମାମଲାରେ କଲିକତା ଉଚ୍ଚ ନ୍ୟାୟାଳୟ ନିମ୍ନଲିଖିତ ମତ ରଖିଥିଲେ:

> *"....ଅଧସ୍ତନ ବିଚାରପତିଙ୍କ ଆଇନଗତ ଆଦେଶକୁ ନିଶ୍ଚିନ୍ତ ରଦ୍ଦ କରାଯିବା ଉଚିତ ଏବଂ ସମ୍ପୂର୍ଣ୍ଣ ମାମଲାର ପୁନର୍ବିଚାର କରାଯିବ କାରଣ ଏହା ସଂଯୁକ୍ତ ସମ୍ପତ୍ତି ବିଭାଜନ ପାଇଁ ଏକ ମାମଲା, କେବଳ କେତେକ ପକ୍ଷଙ୍କ ମଧ୍ୟରେ ସମ୍ମତି ଦ୍ୱାରା ପାରିତ କରାଯାଇଥିବା ଆଇନଗତ ଆଦେଶ ସମ୍ଭବତଃ ଗ୍ରହଣଯୋଗ୍ୟ ହୋଇ ନ ପାରେ......"*

୯୬. ଏଆଇଆର୧୯୨୫ ଲାହା ୨୮୦ରେ ପ୍ରକାଶ ପାଇଥିବା ***ବୀର ସିଂହ ଏବଂ ଅନ୍ୟମାନେ ବନାମ ଖାରକ ସିଂହ ଏବଂ ଅନ୍ୟମାନେ*** ମାମଲାରେ ସମସ୍ତ ମାଲିକମାନେ ଆପୋଷ ବୁଝାମଣା ପାଇଁ ରାଜି ହୋଇନଥିଲେ, ବିଚାରପତି ମୋତି ସାଗର ଏହିପରି ମତ ରଖିଥିଲେ:

> *".....ସମସ୍ତ ମାଲିକମାନଙ୍କ ଦ୍ୱାରା ବିବାଦିତ ବୁଝାମଣା ଉପରେ ସହମତି ହୋଇନଥିବା କାରଣରୁ ଏହା ସ୍ପଷ୍ଟ ଭାବେ ଆଇନ ବିରୁଦ୍ଧ ଥିଲା ଏବଂ ତେଣୁ ଏହାକୁ ଲାଗୁ କରିବା ପାଇଁ ମନା କରିବା ସମ୍ପୂର୍ଣ୍ଣ ଭାବେ ନ୍ୟାୟ ସଙ୍ଗତ ଥିଲା...."*

୯୭. ***ତାରାପ୍ରସନ୍ନ ସରକାର ଏବଂ ଅନ୍ୟ ଏକ ବନାମ କାଳିକାମୋହନ ସରକାର ଏବଂ ଅନ୍ୟମାନେ*** ମାମଲାରେ ଏଆଇଆର ୧୯୨୪ ସିଏଲ ୮୦ରେ ପ୍ରକାଶ କରାଯାଇଥିବା ତଥ୍ୟକୁ ବିଚାରପତି ମୁକର୍ଜି ଏବଂ ରଙ୍କୀନ, ଏହିପରି କହିଛନ୍ତି:-

> *"....ସମସ୍ତ ପକ୍ଷ ବୁଝାମଣାରେ ସାମିଲ ନହେବା ପର୍ଯ୍ୟନ୍ତ, ବିଭାଜନ ମାମଲାରେ ଥିବା ସମସ୍ତ ପକ୍ଷଙ୍କ ଉପରେ ବୁଝାମଣାକୁ ବାଧ୍ୟତା କରାଯାଇ ପାରିବ ନାହିଁ ...."*

୯୮. ଉପରୋକ୍ତ ସନ୍ଦର୍ଭରେ, ଆମେ ପ୍ରତିବାଦୀ ସଂଖ୍ୟା ୨ଙ୍କ ଦ୍ୱାରା ଦାଖଲ କରାଯାଇଥିବା ପାଲଟା ଆବେଦନକୁ ଅନୁମତି ଦେବା ସମୟରେ ଉଚ୍ଚ ନ୍ୟାୟାଳୟଙ୍କ ଦୁଇଜଣିଆ ଖଣ୍ଡପୀଠଙ୍କ ଦ୍ୱାରା ଉଲ୍ଲେଖିତ କରାଯାଇଥିବା ତଥ୍ୟ ଉପରେ ଧ୍ୟାନ ଦେବୁ । ଆମେ ପ୍ରାସଙ୍ଗିକ ମନ୍ତବ୍ୟକୁ ନିମ୍ନମତେ ଉଲ୍ଲେଖ କରୁଛୁ:

> *"ଏହି ନ୍ୟାୟାଳୟରେ ପ୍ରତିବାଦୀ ସଂଖ୍ୟା ୧ ଙ୍କ ଦ୍ୱାରା ଏହି ଆବେଦନ ଦାଖଲ କରାଯାଇଥିଲା । ଏହି ଆବେଦନରେ ମାନ୍ୟବର ଏକକ ବିଚାରପତିଙ୍କ ଦ୍ୱାରା ଏଫ.ଏ ସଂଖ୍ୟା ୩୫୯/୯୬ ରେ ହୋଇଥିବା ନିର୍ଣ୍ଣୟର ସଠିକତା ଉପରେ ଆପତ୍ତିକରି ୨୮.୦୩.୧୯୯୧ ତାରିଖରେ ଏକ ଅପୋଷ*

ବୁଝାମଣା ପ୍ରାର୍ଥନା ପ୍ରତିବାଦୀ ସଂଖ୍ୟା ୨ଙ୍କ ବିନା ଦସ୍ତଖତରେ ଆଗତ ହୋଇଛି, ଏବଂ ତାଙ୍କ ଦ୍ୱାରା ଗ୍ରହଣ ମଧ୍ୟ ହୋଇଛି ଏବଂ ସେହି ବୁଝାମଣାରେ ତାଙ୍କ ଓକିଲ ଦସ୍ତଖତ କରିଛନ୍ତି, ଏବଂ ସେଥିରେ ବାଦୀ କିମ୍ବା ତାଙ୍କ ଓକିଲ ଦସ୍ତଖତ କରି ନାହାନ୍ତି । ତେଣୁ, ଏହା କୁହାଯାଇଛି ଯେ ତାହା ସିପିସିର ଆଦେଶ ୨୩, ନିୟମ ୩ର ବ୍ୟବସ୍ଥା ଅନୁଯାୟୀ ଆଇନଗତ ବୁଝାମଣା ନୁହେଁ, ଏବଂ ପ୍ରତିବାଦୀ ସଂଖ୍ୟା ୨ ତରଫରୁ ତାଙ୍କ ଓକିଲ ବୁଝାମଣା ଆବେଦନରେ ସ୍ୱାକ୍ଷର କରିପାରି ନଥାନ୍ତେ କାରଣ ପ୍ରଥମ ଆବେଦନରେ ପ୍ରତିବାଦୀ ସଂଖ୍ୟା ୧ ଓ ୨ ଙ୍କ ମଧ୍ୟରେ ବୁଝାମଣା କରିବା ପାଇଁ ସେ ତାଙ୍କ ସପକ୍ଷରେ କୌଣସି ଓକିଲଙ୍କୁ ସ୍ୱତନ୍ତ୍ର କ୍ଷମତା ପ୍ରଦାନ କରିନାହାଁନ୍ତି । ତେଣୁ ପ୍ରଥମ ଆବେଦନ ବିଚାରପତି ଅପୋଷ ବୁଝାମଣାକୁ ଗ୍ରହଣ ବା ମଞ୍ଜୁର କରିବା ଉଚିତ ନଥିଲା । ବାଦୀଙ୍କ ସହିତ ପକ୍ଷମାନଙ୍କ ମଧ୍ୟରେ ଅପୋଷ ବୁଝାମଣା ହୋଇ ମାନ୍ୟବର ଏକକ ବିଚାରପତିଙ୍କ ଦ୍ୱାରା ଗ୍ରହଣ ହୋଇଥିଲେ ଉଚିତ ହୋଇଥାନ୍ତା । ଉକ୍ତ ଆଇନଗତ ଯୁକ୍ତିକୁ ସମର୍ଥନ କରି, ପ୍ରତିବାଦୀ ସଂଖ୍ୟା୨ ଙ୍କ ତରଫରୁ ଶ୍ରୀମାନ ଓକିଲ ରାମସରେ ଏବଂ ପୁଷ୍ପା ଦେବୀ (ଉପରୋକ୍ତ)ମାମଲାରେ ପ୍ରଦାନ କରାଯାଇଥିବା ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିଷ୍ପତ୍ତିକୁ ଭରଷା କରିଛନ୍ତି । ଆପୋଷ ବୁଝାମଣା ପ୍ରାର୍ଥନା ମକଦ୍ଦମାର ବିବାଦିତ ସମ୍ପତ୍ତି ସୂଚୀରେ ବିଭେଦ ଥିବାରୁ ଏହା ଅସିଦ୍ଧ ଯୋଗ୍ୟ ଅଟେ । ଆପୋଷ ବୁଝାମଣା ଆବେଦନ ଦାଖଲ ସମୟରେ ପ୍ରଥମ ପୁନର୍ବିଚାର କରୁଥିବା ନ୍ୟାୟାଳୟଙ୍କ ଦ୍ୱାରା ଲିଖିତ ଭାବେ ଆପୋଷ ବୁଝାମଣାକୁ ଅଭିଲିଖିତ କରାଯାଇନଥିଲା କିମ୍ବା ଉଭୟ ପକ୍ଷ ଅଦାଲତରେ ଉପସ୍ଥିତ ନଥିଲେ, କିମ୍ବା ଅଦାଲତରେ ଆବେଦନରେ ସ୍ୱାକ୍ଷର କରିନଥିଲେ । ତେଣୁ ସେଠାରେ ବର୍ଣ୍ଣନା କରାଯାଇଥିବା ଏହି କଥିତ ବୁଝାମଣାକୁ କୌଣସି ପକ୍ଷଙ୍କ ମଧ୍ୟରେ ବୁଝାମଣା ବୋଲି କୁହାଯାଇ ପାରିବ ନାହିଁ, ଯେହେତୁ ଏହା ଏହି କାରଣ ପାଇଁ ବେଆଇନ ଯେ ଏହା ସିପିସିର ଆଦେଶ ୨୩ , ନିୟମ ୩କୁ ବିରୋଧ କରୁଛି । ତେଣୁ ମାନ୍ୟବର ଏକକ ବିଚାରପତି ଏହାକୁ ଗ୍ରହଣ କରିବା ନଥିଲା । ଏହି ଯୁକ୍ତିକୁ ସମର୍ଥନ କରି ମାନ୍ୟବର ଏକକ ବିଚାରପତି ଗୁରପ୍ରୀତ ସିଂ ବନାମ ଚତୁର ଭୁଜ ଗୋଏଲ, ଏଆଇଆର ୧୯୮୮ ଏସସି ୪୦୦; ଏବଂ ସନ୍ୟାସୀ ଜେନା ଏବଂ ଅନ୍ୟମାନେ, ଏଆଇଆର ୧୯୮୪ ଓଡ଼ିଶା ୨୧୩ ମାମଲାରେ ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ନିଷ୍ପତ୍ତି ଉପରେ ଭରଷା ରଖିଥିଲେ । ପୁନଶ୍ଚ, ପ୍ରତିବାଦୀ ସଂଖ୍ୟା ୧ଙ୍କ ତରଫରୁ ଶ୍ରୀମାନ ଓକିଲଙ୍କ ଦ୍ୱାରା ପୁଷ୍ପା ଦେବୀଙ୍କ ମାମଲାରେ ପ୍ରଦତ୍ତ ରାୟର (ଉପରୋକ୍ତ) ନିର୍ଭରଶୀଳତାକୁ ପ୍ରତିବାଦୀ ସଂଖ୍ୟା ୨ଙ୍କ ଓକିଲଙ୍କ ଦ୍ୱାରା ପୃଥକ କରାଯାଇଛି । ଯେଉଁଥିରେ କୁହାଯାଇଛି ଯେ ଆପୋଷ ବୁଝାମଣା ଆବେଦନ ଇଂରାଜୀରେ ଟାଇପ କରାଯାଇଛି । ଏତଦବ୍ୟତୀତ ଏହା ପ୍ରତିବାଦୀ ୨ ଙ୍କ ଦ୍ୱାରା ସ୍ୱାକ୍ଷରିତ ହୋଇନାହିଁ । ପ୍ରତିବାଦୀ ସଂଖ୍ୟା ୧ ମକଦ୍ଦମାରେ ପ୍ରଦତ୍ତ ସମ୍ପତ୍ତି ଅନୁସୂଚି ଅନୁଯାୟୀ ବିଚାର କରୁଥିବା ନ୍ୟାୟାଳୟଙ୍କ ଦ୍ୱାରା ପ୍ରତିବାଦୀ ସଂଖ୍ୟା ୨ଙ୍କ ସପକ୍ଷରେ ବଣ୍ଟନ କରାଯାଇଥିବା ଭାଗରୁ ବଞ୍ଚିତ କରିବା ଉଦ୍ଦେଶ୍ୟରେ ପ୍ରତିବାଦୀ ସଂଖ୍ୟା ୨ ଙ୍କ ହସ୍ତାକ୍ଷର ବିନା ଏବଂ ତାଙ୍କ ଓକିଲଙ୍କ ସପକ୍ଷରେ କୌଣସି ସ୍ୱତନ୍ତ୍ର କ୍ଷମତାର ନିଷ୍ପାଦନ ବିନା ଉକ୍ତ ଅପୋଷ ବୁଝାମଣା ବେଆଇନ ଅଟେ ଏବଂ ତାହାକୁ ପ୍ରଥମ ପୁନର୍ବିଚାର କରୁଥିବା ନ୍ୟାୟାଳୟ ତାଙ୍କ ଆକ୍ଷେପିତ ରାୟରେ ଗ୍ରହଣ କରିପାରିନଥାନ୍ତେ, ଏବଂ ବିଚାର କରୁଥିବା

*ନ୍ୟାୟାଳୟଙ୍କ ରାୟକୁ ମଧ୍ୟ ପରିବର୍ତ୍ତନ କରିପାରି ନଥାନ୍ତେ । ତେଣୁ, ପ୍ରଥମ ପୁନର୍ବିଚାର କରୁଥିବା ନ୍ୟାୟାଳୟରେ ପ୍ରତିବାଦୀ ସଂଖ୍ୟା ୨ ଙ୍କୁ ମକଦ୍ଦମାରେ ପ୍ରଦତ୍ତ ଅନୁସୂଚିତ ସମ୍ପତ୍ତି ଅନୁଯାୟୀ ଆବଣ୍ଟନ କରିବା ନେଇ ପ୍ରଦତ୍ତ ବିଚାର କରୁଥିବା ନ୍ୟାୟାଳୟଙ୍କ ରାୟକୁ ସଂଶୋଧନ କରି ଲିପିବଦ୍ଧ ରାଜିନାମାକୁ ରଦ୍ଦ କରି ପ୍ରତିବାଦୀ ସଂଖ୍ୟା ୨ ଦ୍ୱାରା ଦାଖଲ କରାଯାଇଥିବା ପାଲଟା-ଆପତ୍ତି/ଆବେଦନକୁ ଅନୁମତି ଦିଆଯିବା ଉଚିତ । ପ୍ରଥମ ପୁନର୍ବିଚାର କରୁଥିବା ନ୍ୟାୟାଳୟଙ୍କ ଆକ୍ଷେପିତ ରାୟରେ ଅଭିଲିଖିତ ହୋଇଥିବା ଉକ୍ତ ବୁଝାମଣାକୁ ରଦ୍ଦ କରି , ମକଦ୍ଦମାରେ ଅନୁସୂଚିତ ସମ୍ପତ୍ତିରୁ ତାଙ୍କ ଦ୍ୱାରା ସ୍ଥିରୀକୃତ ହୋଇଥିବା ଭାଗ ପ୍ରତିବାଦୀ ସଂଖ୍ୟା ୨ ଙ୍କ ସପକ୍ଷରେ ପ୍ରଦାନ କରିବା ସହିତ ବିଚାର କରୁଥିବା ନ୍ୟାୟାଳୟଙ୍କ ରାୟକୁ ପୁନଃସ୍ଥାପିତ କରାଯାଇଛି । ତଦନୁସାରେ, ଦ୍ୱିତୀୟ ପ୍ରତିବାଦୀଙ୍କ ପାଲଟା -ଆପତ୍ତିକୁ ଉପରୋକ୍ତ ପ୍ରସଙ୍ଗ ସଂଖ୍ୟା ୩ ରେ ଉତ୍ତରପୂର୍ବକ ଅନୁମତି ଦିଆଯାଇଛି ।"*

*(ଗୁରୁତ୍ୱ ଦିଆଯାଇଛି)*

୯୯. ପାଲଟା-ଆବେଦନକୁ ଅନୁମତି ଦେବା ସମୟରେ ଉଚ୍ଚନ୍ୟାୟାଳୟ ତାଙ୍କ ରାୟ ଏବଂ ଆଦେଶରେ ଅଭିଲିଖିତ କରିଥିବା ଉପରୋକ୍ତ ତଥ୍ୟ ସହିତ ଆମେ ସମ୍ପୂର୍ଣ୍ଣ ସହମତ ।

୧୦୦. ତୃତୀୟ ପ୍ରଶ୍ନ ଯାହା ସମାଧାନର ବୈଧତା ଏବଂ ବିଧିମାନ୍ୟତା ସନ୍ଦର୍ଭରେ ଆମର ବିଚାର ପାଇଁ ଉଠିଛି ତାହା ହେଉଛି ପାଲଟା ଅପତ୍ତିକାରୀ ତଥା ପ୍ରତିବାଦୀ ସଂଖ୍ୟା ୨ ପକ୍ଷରୁ ହାଜର ହେଇଥିବା ଶ୍ରୀମାନ ଓକିଲ ଅଭିବ୍ୟକ୍ତ ସମ୍ମତି ବିନା ଆପୋଷ ବୁଝାମଣା ଆବେଦନରେ ହସ୍ତାକ୍ଷର କାରିପାରିଥାନ୍ତେ କି ? ଆପୋଷ ବୁଝାମଣା ପତ୍ରର ସତ୍ୟତା ଏବଂ ବୈଧତାକୁ ସୁନିଶ୍ଚିତ କରିବା ଅଦାଲତର ଏକ ଜରୁରୀ କର୍ତ୍ତବ୍ୟ । ନିର୍ବିବାଦରେ ଏହି ମାମଲାରେ ପ୍ରଥମ ପୁନର୍ବିଚାର କରୁଥିବା ନ୍ୟାୟାଳୟ କୌଣସି ପକ୍ଷଙ୍କ ବୟାନକୁ ଅଦାଲତରେ ଅଭିଲିଖିତ କରିନଥିଲେ କିମ୍ବା ସମାଧାନ ସର୍ତ୍ତକୁ ନେଇ କୌଣସି ତଦନ୍ତ କରିନଥିଲେ । ଏଭଳି ପରିସ୍ଥିତିରେ ଉଚ୍ଚ ନ୍ୟାୟାଳୟ ତାଙ୍କ ଆକ୍ଷେପିତ ଆଦେଶରେ କହିଛନ୍ତି ଯେ ଆପୋଷ ବୁଝାମଣାର ଆବେଦନରେ ବିନା କୌଣସି ସ୍ପଷ୍ଟ ଅଧିକାରରେ ଓକିଲ ହସ୍ତାକ୍ଷର କରିଥିଲେ କିମ୍ବା ଓକିଲଙ୍କ ସପକ୍ଷରେ କୌଣସି ବିଶେଷ କ୍ଷମତା ସମ୍ପାଦନ ହୋଇନାହିଁ । ବାସ୍ତବରେ, ବୁଝାମଣା ପତ୍ରରେ ଥିବା ଅଧିକାରକୁ ସ୍ପଷ୍ଟରୂପେ ଅଣଦେଖା କରାଯାଇଥିଲା ।

୧୦୧. ଉପରୋକ୍ତ ସନ୍ଦର୍ଭରେ, ଆମେ **ହିମାଳୟ ସମବାୟ ଗୋଷ୍ଠୀ ଆବାସିକ ସମିତି ବନାମ ବଲୱନ ସିଂ ଏବଂ ଅନ୍ୟମାନେ (୨୦୧୫ )** ୭ ଏସସିସି ୩୭୩ରେ ପ୍ରକାଶ କରାଯାଇଥିବା ମାମଲାରେ ଏହି ନ୍ୟାୟାଳୟର ନିର୍ଣ୍ଣୟ ଉଲ୍ଲେଖ କରିପାରିବା, ବିଶେଷ କରି, ପାରା ୨୨ ରୁ ୩୩ ଯାହାକି ଏହିପରି ପଢା ଯାଏ:

*"୨୨. ଏହା ବ୍ୟତୀତ ଆମର ଦୃଷ୍ଟିରେ ଓକିଲମାନଙ୍କୁ ସେମାନଙ୍କ ମହକିଲଙ୍କ ପ୍ରତିନିଧିଭାବେ ଗ୍ରହଣ କରାଯାଉଛି । ଆଇନର ସଂସ୍ଥା ଆଇନଜୀବୀ କିମ୍ବା ପ୍ରତିନିଧି ଭାବେ ମହକିଲ-ଆଇନଜୀବୀଙ୍କ ସମ୍ପର୍କ ଉପରେ କଡାକଡି ଭାବେ ଲାଗୁ ନ ହୋଇପାରେ,ଆଇନଜୀବୀ ମାନଙ୍କର ନିର୍ଦ୍ଦିଷ୍ଟ କ୍ଷମତା*

<u>ଏବଂ କର୍ତ୍ତବ୍ୟ ରହିଛି । କାରଣ ଆଇନଜୀବୀମାନେ ମଧ୍ୟ ବିଶ୍ୱସ୍ତ ଅଟନ୍ତି, ସେମାନଙ୍କର କାମ ବେଳେବେଳେ ଅନ୍ୟ ପ୍ରତିନିଧିମାନଙ୍କ ଦ୍ୱାରା ଧାର୍ଯ୍ୟ କାମ ଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ । କ୍ଷମତାପ୍ରାପ୍ତ-ସଂସ୍ଥାର ସ୍ଥିତି ପାରିତୋଷିତ ଦ୍ୱାରା ଆଇନଜୀବୀଙ୍କୁ ମହକିଲଙ୍କ ପାଇଁ କାମ କରିବାକୁ ପ୍ରବର୍ତ୍ତାଇଥାଏ । ଓକିଲ-ମହକିଲଙ୍କ ସମ୍ପର୍କର ଏକ ମୌଳିକ ସିଦ୍ଧାନ୍ତ ହେଉଛି ଯେ ଓକିଲମାନେ ସେମାନଙ୍କ ମହକିଲମାନଙ୍କ ପ୍ରତି ବିଶ୍ୱସ୍ତ କର୍ତ୍ତବ୍ୟ ନିର୍ବାହ କରିଥାନ୍ତି । ସେହି କର୍ତ୍ତବ୍ୟ ଅନୁସାରେ ଓକିଲମାନେ ସମସ୍ତ ପାରମ୍ପାରିକ କର୍ତ୍ତବ୍ୟକୁ ଗ୍ରହଣ କରିଥାନ୍ତି, ଯେପରିକି ପ୍ରତିନିଧିମାନେ ସେମାନଙ୍କ ମୁନିବଙ୍କ ନିକଟରେ ଋଣୀ ହୋଇଥାନ୍ତି ଏବଂ ସେଥିପାଇଁ ପ୍ରତିନିଧିଙ୍କ ସର୍ବନିମ୍ନ ଉଦ୍ଦେଶ୍ୟ ଅନୁଯାୟୀ ନିଷ୍ପତ୍ତି ନେବା ଲାଗି ପ୍ରତିନିଧିଙ୍କ ସ୍ୱାୟତ୍ତତାକୁ ସମ୍ମାନ ଦେବା ଆବଶ୍ୟକ । ତେଣୁ, ପେସାଦାର ଉତ୍ତରଦାୟିତ୍ୱର ଗ୍ରହଣୀୟ ଧାରଣା ଅନୁଯାୟୀ, ସେହି ପ୍ରତିନିଧିଙ୍କ ପାଇଁ ସେମାନଙ୍କର ରାୟକୁ ପ୍ରତିସ୍ଥାପିତ କରିବା ବଦଳରେ,ଓକିଲମାନେ ମହକିଲଙ୍କ ନିର୍ଦ୍ଦେଶକୁ ପାଳନ କରିବା ଉଚିତ । ଆଇନ ଏବେ ସ୍ଥିର ହୋଇଛି ଯେ ଜଣେ ଓକିଲଙ୍କୁ ସମାଧାନ କରିବା ଏବଂ ବୁଝାମଣା କରିବାର ଏକ ଦାବିକୁ ସ୍ୱତନ୍ତ୍ର ଭାବେ ଅଧିକୃତ କରାଯିବା ଆବଶ୍ୟକ, କେବଳ ତାଙ୍କ ନିଯୁକ୍ତି ଆଧାରରେ ତାଙ୍କ ମହକିଲଙ୍କୁ ବୁଝାମଣା/ସମାଧାନ ଲାଗି ବାଧ୍ୟ କରିବା ଲାଗି ତାଙ୍କ ପାଖରେ କୌଣସି ସୂଚିତ କିମ୍ବା ଆଇନଗତ ଅଧିକାର ନାହିଁ । ବିକଳ୍ପ ଭାବେ କୁହାଯାଇପାରେ ଯେ ଜଣେ ଓକିଲର ନିଯୁକ୍ତି ହେତୁ, ମହକିଲଙ୍କ ଆଇନଗତ ଲକ୍ଷ୍ୟ ହାସଲ କରିବା ପାଇଁ ଉପାୟ ଚୟନ କରିବାର ଅଧିକାର ରହିଛି, ଯେତେବେଳେ ଲକ୍ଷ କଣ ହେବ ତାହାର ନିଷ୍ପତ୍ତି ନେବାର ଅଧିକାର ମହକିଲଙ୍କର । ଯଦି ପ୍ରଶ୍ନ ଘେରରେ ଥିବା ନିର୍ଣ୍ଣୟ ସ୍ପଷ୍ଟ ଭାବେ ମହକିଲଙ୍କ ଠାରୁ ଆସିଥାଏ, ତେବେ ଓକିଲଙ୍କ ଆଚରଣ ପାଇଁ ମହକିଲଙ୍କ ସହ ପରାମର୍ଶ କରିବାରେ କିମ୍ବା ମହକିଲଙ୍କ ପାଇଁ ନିର୍ଣ୍ଣୟ ନେବାରେ ବିଫଳ ହେବା ଓକିଲଙ୍କ ଅପ୍ରଭାବି ସହାୟତାକୁ ସୂଚାଇଥାଏ ।</u>

୨୩. ଭାରତୀୟ ଅଧିବକ୍ତା ପରିଷଦ ନିୟମାବଳୀ, ୧୯୭୫ (ସଂକ୍ଷେପରେ "ବିସିଆଇ ନିୟମାବଳୀ") ର ଭାଗ-୬ ର ଦ୍ୱିତୀୟ ଅଧ୍ୟାୟରେ ଓକିଲ ଅଧିନିୟମ ୧୯୬୧ (ସଂକ୍ଷେପରେ "୧୯୬୧ ର ଅଧିନିୟମ") ଅଧୀନରେ ସମସ୍ତ ଓକିଲଙ୍କ ଦ୍ୱାରା ପାଳନ କରାଯିବାକୁ ଥିବା "ପେସାଦାର ଆଚରଣର ମାନକ ଏବଂ ଶିଷ୍ଟାଚାରର" ବ୍ୟବସ୍ଥା ରହିଛି । ବିସିଆଇର ନିୟମ, ଦ୍ୱିତୀୟ ଅଧ୍ୟାୟର ପ୍ରସ୍ତାବନାରେ ନିମ୍ନଲିଖିତ ଭାବେ ଉଲ୍ଲେଖ କରାଯାଇଛି:

> "ନ୍ୟାୟାଳୟର ଜଣେ ଅଧିକାରୀଭାବେ ଜଣେ ଓକିଲ ସର୍ବଦା ତାଙ୍କର ନିଜ ସ୍ଥିତିକୁ ସମୁଦାୟର ଜଣେ ବିଶେଷ ଅଧିକାର ପ୍ରାପ୍ତ ସଦସ୍ୟଭାବେ ଏବଂ ଜଣେ ସଜ୍ଜନ ବ୍ୟକ୍ତି ଭାବେ ବଜାୟ ରଖିବେ, ଏହା ମଧ୍ୟ ଧ୍ୟାନରେ ରଖିବେ ଯେ ସଂଘର ସଦସ୍ୟ ନଥିବା ଜଣେ ବ୍ୟକ୍ତିଙ୍କ ପାଇଁ କିମ୍ବା ସଂଘର ଜଣେ ସଦସ୍ୟଙ୍କ ପାଇଁ ତାଙ୍କ ଅଣପେସାଦାର କ୍ଷମତା ଅନୁଯାୟୀ ଯାହା ଆଇନଗତ ଏବଂ ନୈତିକ ହୋଇପାରେ ତାହା ଜଣେ ଓକିଲଙ୍କ ପାଇଁ ଅନୁପଯୁକ୍ତ ହୋଇପାରେ । ପୂର୍ବଗାମୀ ବାଧ୍ୟତା ଉପରେ ବ୍ୟାପକ ପ୍ରତିକୂଳ ପ୍ରଭାବ ନପକାଇ, ଜଣେ ଓକିଲ ନିର୍ଭୀକଭାବେ ତାଙ୍କ ମହକିଲଙ୍କ ସ୍ୱାର୍ଥକୁ ବଜାୟ ରଖିବା ଏବଂ

ତାଙ୍କର ଆଚରଣରେ ପ୍ରଦତ୍ତ ନିୟମଦ୍ୱାରା ସଠିକ ଭାବେ ସମ୍ମତ ହେବା । ଏହା ପରେ ଉଲ୍ଲେଖ କରାଯାଇଥିବା ନିୟମରେ ଆଚରଣ ଏବଂ ଶିଷ୍ଟାଚାରକୁ ସାଧାରଣ ପଥ ପ୍ରଦର୍ଶକ ଭାବେ ଗ୍ରହଣ କରାଯାଇଛି, ତଥାପି ଏହାର ନିର୍ଦ୍ଦିଷ୍ଟ ଉଲ୍ଲେଖକୁ ଅନ୍ୟମାନଙ୍କ ଅସ୍ତିତ୍ୱକୁ ଅସ୍ୱୀକାର କରିବ ବୋଲି ବିବେଚନା କରାଯିବ ନାହିଁ, ଯଦିଓ ଏହା ନିର୍ଦ୍ଦିଷ୍ଟ ଭାବେ ଉଲ୍ଲେଖ କରାଯାଇନାହିଁ ।"

୨୪. ପ୍ରସ୍ତାବନା ଏହାକୁ ଅତ୍ୟାବଶ୍ୟକ କରିଥାଏ ଯେ ଜଣେ ଓକିଲ ନିଜକୁ ଏବଂ ନିଜର କର୍ତ୍ତବ୍ୟକୁ ଅତ୍ୟନ୍ତ ଦାୟିତ୍ୱପୂର୍ଣ୍ଣ ଢଙ୍ଗରେ ପାଳନ କରିଥାନ୍ତି । ସେମାନେ ଏହା ଧ୍ୟାନରେ ରଖିବା ଉଚିତ ଯେ, ସଂଘର ସଦସ୍ୟ ନଥିବା ବ୍ୟକ୍ତିଙ୍କ ପାଇଁ କିମ୍ବା ଅଣପେସାଦାର ଭାବେ ସଂଘର ସଦସ୍ୟଙ୍କ ପାଇଁ ଯାହା ଉଚିତ ଏବଂ ଆଇନଗତ ହୋଇପାରେ, ତାହା ପେସାଦାର ଭାବେ ଜଣେ ଓକିଲଙ୍କ ପାଇଁ ଅନୁଚିତ ହୋଇପାରେ ।

୨୫. ଉକ୍ତ ଅଧ୍ୟାୟ-୨ର ଧାରା-୨ରେ ଜଣେ ଓକିଲଙ୍କର ତାଙ୍କ ମହକିଲଙ୍କ ପ୍ରତି କର୍ତ୍ତବ୍ୟ ବର୍ଣ୍ଣନା କରାଯାଇଛି । ବିସିଆଇ ନିୟମାବଳୀର ନିୟମ ୧୫ ଏବଂ ୧୯ର ବିଷୟବସ୍ତୁ ସହିତ ପ୍ରାସଙ୍ଗିକତା ରହିଛି ଏବଂ ସେଥିପାଇଁ ସେସବୁକୁ ନିମ୍ନରେ ଉଦ୍ଧୃତ କରାଗଲା:

"**୧୫.** ଜଣେ ଓକିଲଙ୍କର ଏହା କର୍ତ୍ତବ୍ୟ ହେବ ଯେ ସେ ନିର୍ଭୀକ ଭାବେ ନିଜର ବା ଅନ୍ୟ କୌଣସି ପକ୍ଷର କୌଣସି ଅପ୍ରୀତିକର ପରିଣାମକୁ ଗୁରୁତ୍ୱ ନ ଦେଇ ସମସ୍ତ ପ୍ରକାର ନ୍ୟାୟସଂଗତ ଓ ସମ୍ମାନଜନକ ଉପାୟରେ ନିଜର ପକ୍ଷର ସ୍ୱାର୍ଥକୁ ବଜାୟ ରଖିବେ । ତାଙ୍କର ବ୍ୟକ୍ତିଗତ ମତକୁ ପାଥେୟ କରି ସେ ଅପରାଧରେ ଅଭିଯୁକ୍ତ ହୋଇଥିବା ଜଣେ ବ୍ୟକ୍ତିଙ୍କୁ ଦୋଷ ସମ୍ବନ୍ଧରେ ବ୍ୟକ୍ତିଗତ ମତ ଥିଲେ ବି ତାଙ୍କୁ ରକ୍ଷା କରିବେ ଏବଂ ଏହା ଧ୍ୟାନରେ ରଖିବେ ଯେ ଆଇନ ପ୍ରତି ତାଙ୍କର ନିଷ୍ଠା ରହିଛି, ଯେଉଁଥିରେ ଆବଶ୍ୟକ ପ୍ରମାଣ ବିନା କୌଣସି ବ୍ୟକ୍ତିଙ୍କୁ ଦୋଷୀ ସାବ୍ୟସ୍ତ କରାଯିବା ଉଚିତ ନୁହେଁ ।

* * *

୧୯. ଜଣେ ଓକିଲ ତାଙ୍କ ମହକିଲ କିମ୍ବା ତାଙ୍କ ଅଧିକୃତ ପ୍ରତିନିଧିଙ୍କ ବ୍ୟତୀତ ଅନ୍ୟ କୌଣସି ବ୍ୟକ୍ତିଙ୍କ ନିର୍ଦ୍ଦେଶ ଅନୁସାରେ କାର୍ଯ୍ୟ କରିପାରିବେ ନାହିଁ ।"

୨୬. ନିୟମ ୧୫ ଅନୁଯାୟୀ ଓକିଲ ନିଜର କିମ୍ବା ଅନ୍ୟ କୌଣସି ପକ୍ଷଙ୍କ ପାଇଁ କୌଣସି ଅପ୍ରୀତିକର ପରିଣାମ ନ ଦେଖି ପକ୍ଷଙ୍କ ସ୍ୱାର୍ଥକୁ ଉଚିତ ଏବଂ ସମ୍ମାନର ସହ ବଜାୟ ରଖିବା ଉଚିତ । ନିୟମ ୧୯ ଅନୁଯାୟୀ ଜଣେ ଓକିଲ କେବଳ ତାଙ୍କ ମହକିଲ କିମ୍ବା ତାଙ୍କ ଅଧିକୃତ ପ୍ରତିନିଧିଙ୍କ ନିର୍ଦ୍ଦେଶ ଅନୁଯାୟୀ କାର୍ଯ୍ୟ କରିବେ ।ପୁନଶ୍ଚ, ଉକ୍ତ ଧାରା-୨ର ଅଧ୍ୟାୟ-୧ରେ ବିସିଆଇ ନିୟମରେ ବ୍ୟବସ୍ଥା ରହିଛି ଯେ ୧୯୬୧ ଅଧିନିୟମର ଧାରା-୩୦ରେ ଉଲ୍ଲେଖିତ ନିୟମ, ଆଇନ ପେସା କ୍ଷେତ୍ରରେ ବରିଷ୍ଠ ଓକିଲମାନଙ୍କୁ କିଛି ନିର୍ଦ୍ଦିଷ୍ଟ ପ୍ରତିବନ୍ଧକ ରହିଛି । ଖଣ୍ଡ (ସିସି) ରେ ଥିବା ଏପରି ପ୍ରତିବନ୍ଧକ ମଧ୍ୟରୁ ଗୋଟିଏ ନିମ୍ନରେ ଦିଆଗଲା:

"(ସିସି) ଜଣେ ବରିଷ୍ଠ ଓକିଲ ତଥାପି ତର୍କବିତର୍କ ସମୟରେ ତାଙ୍କ ମହକିଲଙ୍କ ତରଫରୁ କିମ୍ବା କନିଷ୍ଠ ଓକିଲଙ୍କ ନିର୍ଦ୍ଦେଶ କ୍ରମେ ରହିତା ପ୍ରଦାନ ନତୁବା ଅଙ୍ଗୀକାର ନେଇ ସ୍ବତନ୍ତ୍ର ପକ୍ଷ ରଖିପାରିବେ ।"

୨୭. ପୁନଶ୍ଚ, ଭାରତୀୟ ଅଧିବକ୍ତା ପରିଷଦ ଦ୍ୱାରା ନିର୍ଦ୍ଧାରିତ "ନୀତି ସଂହିତା " ଆଇନ ସମ୍ପ୍ରଦାୟରେ ପେସାଦାର ଏବଂ ନୈତିକ ମାନଦଣ୍ଡର ବିକାଶକୁ ସ୍ୱୀକୃତି ପ୍ରଦାନ କରିବା ଲାଗି କେତେକ ନିୟମ ପ୍ରଦାନ କରିଥାଏ ଯେଉଁଥିରେ ଆଚରଣ ଏବଂ ଶିଷ୍ଟାଚାରର ନିୟମ ରହିଛି ଯାହାକି ଅଭ୍ୟାସ ଏବଂ ବୃତ୍ତିରେ ସାଧାରଣ ମାର୍ଗଦର୍ଶକ ଭାବେ କାର୍ଯ୍ୟ କରିବ । ଉକ୍ତ ସଂହିତାର ତୃତୀୟ ଅଧ୍ୟାୟରେ "ମହକିଲଙ୍କ ପ୍ରତି ଓକିଲଙ୍କ କର୍ତ୍ତବ୍ୟ"ର ବ୍ୟବସ୍ଥା ରହିଛି । ନିୟମ୨୬ ଅନୁଯାୟୀ "ଜଣେ ଓକିଲ ତାଙ୍କର ମହକିଲଙ୍କ ଠାରୁ ଉପଯୁକ୍ତ ଏବଂ ନିର୍ଦ୍ଦିଷ୍ଟ ନିର୍ଦ୍ଦେଶ ବିନା କୌଣସି ବୁଝାମଣା କିମ୍ବା ରିହାତି ପ୍ରଦାନ କରିପାରିବେ ନାହିଁ "। ଏଥିପ୍ରତି ଧ୍ୟାନ ଦେବା ଆବଶ୍ୟକ ଯେ ଏହି ସଂହିତା ଅନ୍ତର୍ଗତ ଜଣେ ଓକିଲ, ଓକିଲ ସମୂହଙ୍କୁ ଏବଂ ଏକ ଆଇନ ପ୍ରତିଷ୍ଠାନକୁ ସାମିଲ କରିପାରିବେ ଯାହାଙ୍କର ଅଂଶୀଦାର କିମ୍ବା ସହଯୋଗୀ ମହକିଲଙ୍କ ପାଇଁ କାମ କରୁଥିବେ ।

୨୮. ତେଣୁ, ବିସିଆଇ ନିୟମ ଏହା ଆବଶ୍ୟକ କରିଥାଏ ଯେ ଆଇନଜୀବି ସଂଘରେ ବରିଷ୍ଠ ଓକିଲ ଅଭ୍ୟାସର ନିର୍ଦ୍ଦିଷ୍ଟ ଆଇନଗତ ଧାରା ବା ବରିଷ୍ଠ ଓକିଲ ପଦବୀ ସତ୍ତ୍ୱେ ନ୍ୟାୟାଳୟ ସମ୍ମୁଖରେ ରିହାତି ପ୍ରଦାନ କରିବା କ୍ଷେତ୍ରରେ ନୈତିକ କର୍ତ୍ତବ୍ୟ ଏବଂ ପେସାଦାର ମାନକ ସମ୍ମାନ ରହିବା ଆବଶ୍ୟକ । ପକ୍ଷଙ୍କ ତରଫରୁ ଅଦାଲତ ସମ୍ମୁଖରେ କୌଣସି ରିହାତି/ବିବୃତି ଦେବା ପୂର୍ବରୁ ଓକିଲମାନେ ମହକିଲ କିମ୍ବା ଅଧିକୃତ ପ୍ରତିନିଧିଙ୍କ ଠାରୁ ଆବଶ୍ୟକ ନିର୍ଦ୍ଦେଶ ପାଇବେ ବୋଲି ଆଶା କରାଯାଉଛି ।

୨୯. ଯେତେବେଳେ କି ବିସିଆଇ ନିୟମ ଏବଂ ଅଧିନିୟମ ଅଦାଲତ ସମ୍ମୁଖରେ ମହକିଲଙ୍କ ତରଫରୁ କୌଣସି ରିହାତି ଦେବା ପୂର୍ବରୁ କୌଣସି ଓକିଲଙ୍କ ନିର୍ଦ୍ଦେଶ ଗ୍ରହଣ କରିବାର ଆବଶ୍ୟକତା ଉପରେ କୌଣସି ବ୍ୟତିକ୍ରମ ଘଟାଏନାହିଁ, ଏହି ନ୍ୟାୟାଳୟ ପେରିୟାର ଆଣ୍ଡ ପରୀକାନ୍ନି ରବର ଲିମିଟେଡ଼ ବନାମ କେରଳ ରାଜ୍ୟ [(୧୯୯୧ ) ୪ ଏସସିସି ୧୯୫ ] ମାମଲାରେ ମହାଧିବକ୍ତାଙ୍କ ଦ୍ୱାରା ଉପଭୋଗ ହେଉଥିବା ଅନୁପମ ସ୍ଥିତି ଏବଂ ଉତ୍ତରଦାୟିତ୍ୱର ସ୍ଥିତି ଯାହା ନ୍ୟାୟାଳୟଙ୍କ ସମ୍ମୁଖରେ ତାଙ୍କ ଦ୍ୱାରା ପ୍ରକାଶ କରାଯାଇଛି, ତାହା ଉପରେ ଧ୍ୟାନ ଦେଇଛନ୍ତି । ସେହି ଅବଲୋକନ ନିମ୍ନରେ ଦିଆଗଲା:(ଏସସିସି ପୃଷ୍ଠା ୨୦୯ , ପାରା ୧୯)

"୧୯. ...ବିଚାର କରୁଥିବା ନ୍ୟାୟାଳୟରେ ସରକାରୀ ଓକିଲଙ୍କ ଦ୍ୱାରା ଦିଆଯାଇଥିବା କୌଣସି ରିହାତି ସରକାରଙ୍କୁ ବାଧ୍ୟ କରିପାରିବ ନାହିଁ, କାରଣ ଦାୟିତ୍ୱସମ୍ପନ୍ନ ଅଧିକାରୀଙ୍କ ଲିଖିତ ନିର୍ଦ୍ଦେଶ ବିନା ରାଜ୍ୟ ତରଫରୁ ହାଜର ହେଉଥିବା ଓକିଲଙ୍କ ଦ୍ୱାରା ଦିଆଯାଇଥିବା ଭୁଲ କିମ୍ବା ତ୍ରୁଟିପୂର୍ଣ୍ଣ କିମ୍ବା ଅନିଚ୍ଛାକୃତ ରିହାତି ଉପରେ ନିର୍ଭର କରିବା ସ୍ପଷ୍ଟ ଭାବେ ସବୁବେଳେ ଅସୁରକ୍ଷିତ । ନଚେତ୍ ତାହା ସରକାରୀ ରାଜକୋଷ ଉପରେ ଅତ୍ୟଧିକ ଏବଂ ଅନାବଶ୍ୟକ ବୋଝ ପଡ଼ିବ । ଯେତେବେଳେ

ମହାଧିବକ୍ତା ସମସ୍ତ ଦାୟିତ୍ୱର ସହିତ ମହାଧିବକ୍ତା ହିସାବରେ ସଂଘରେ ବୟାନ ଦେଇଛନ୍ତି,ସେହି ସମାନ ମାନଦଣ୍ଡକୁ ପ୍ରୟୋଗ କରାଯାଇପାରିବ ନାହିଁ ।"
(ଦେଖନ୍ତୁ: ଯୋଗୀନ୍ଦର ସିଂ ବାସୁ ବନାମ ପଞ୍ଜାବ ରାଜ୍ୟ [(୧୯୯୪) ୧ ଏସସିସି ୧୮୪] ମାମଲା ।

୩୦. ସୌରେନ୍ଦ୍ର ନାଥ ମିତ୍ର ବନାମ ତରୁବାଲା ଦାସୀ [(୧୯୨୯-୩୦) ୫୭ ଆଇଏ ୧୩୩: (୧୯୩୦) ୩୧ ଏଲଡବ୍ଲ୍ୟୁ ୮୦୩: ଏଆଇଆର ୧୯୩୦ ପିସି ୧୫୮] ମାମଲାରେ ବ୍ରିଟିଶ ସର୍ବୋଚ୍ଚ ନ୍ୟାୟାଳୟ ନିମ୍ନଲିଖିତ ଦୁଇଟି ମତ ପ୍ରଦାନ କରିଛନ୍ତି ଯାହାକି ବର୍ତ୍ତମାନର ଆଲୋଚନା ପାଇଁ ପ୍ରାସଙ୍ଗିକ ଅଟେ । (ଆଇଏ ପୃଷ୍ଠା ୧୪୦-୪୧)

"ଦୁଇଟି ବିଷୟକୁ ଯୋଡ଼ାଯାଇପାରେ ।ପ୍ରଥମତଃ, ଓକିଲଙ୍କ ସୂଚିତ କ୍ଷମତା କାର୍ଯ୍ୟାଳୟର ଏକ ସଂଯୁକ୍ତ ବସ୍ତୁ ନୁହେଁ, ବରଂ ବାରିଷ୍ଟର କିମ୍ବା ଆଇନଜୀବୀଙ୍କ ସ୍ଥିତିରେ ନ୍ୟାୟଳୟମାନଙ୍କ ଦ୍ୱାରା ଏକ ମର୍ଯ୍ୟାଦା ଯୋଡ଼ାଯାଏ । ମହକିଲଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଓକିଲ ନିଯୁକ୍ତିକୁ ସମ୍ପୂର୍ଣ୍ଣ ଲାଭଦାୟକ ପ୍ରଭାବ ଦେବାପାଇଁ ଏହା କରାଯାଇଥାଏ । ଦ୍ୱିତୀୟତଃ, ସୂଚିତ କ୍ଷମତା ସର୍ବଦା ମହକିଲଙ୍କ ନିର୍ଦ୍ଦେଶରେ ପ୍ରତିହତ କରାଯାଇପାରିବ । ନିଜ ମହକିଲଙ୍କ ସମ୍ମତି ବିରୋଧରେ କୌଣସି ମାମଲାକୁ ସମାଧାନ କରିବାର ଅଧିକାର କୌଣସି ଓକିଲଙ୍କ ପାଖରେ ନାହିଁ । ଯଦି ସେ ଚିନ୍ତା କରନ୍ତି ଯେ ଏପରି ସ୍ପଷ୍ଟ ନିର୍ଦ୍ଦେଶ ତାଙ୍କ ମହକିଲଙ୍କ ସ୍ୱାର୍ଥ ବିରୋଧୀ, ତେବେ ତାହାର ପ୍ରତିକାର ସ୍ୱରୂପ ତାଙ୍କୁ ତାଙ୍କ ମାମଲାର ନଥି ଫେରାଇଦେବା । "
(ଦେଖନ୍ତୁ: ଜମିଲାବାଇ ଅବଦୁଲ କାଦର ବନାମ ଶଙ୍କରଲାଲ ଗୁଲାବଚନ୍ଦ [(୧୯୭୫) ୨ ଏସସିସି ୬୦୯] ଏବଂ ସ୍ୱେନସ୍କା ହାଣ୍ଡେଲ୍ସବାଙ୍କେନ ବନାମ ଇଣ୍ଡିଆନ କ୍ରୋମ ଲିମିଟେଡ [(୧୯୯୪ )୨ ଏସସିସି ୧୫୫]

୩୧. ତେଣୁ ଜଣେ ଓକିଲଙ୍କର ଏହା ପବିତ୍ର କର୍ତ୍ତବ୍ୟ ଯେ ସେ ତାଙ୍କ ମହକିଲଙ୍କ ଦ୍ୱାରା ତାଙ୍କୁ ପ୍ରଦାନ କରାଯାଇଥିବା ଅଧିକାରକୁ ଉଲ୍ଲଂଘନ କରିବେ ନାହିଁ ।କୌଣସି ପ୍ରକାର ରିହାତି ପ୍ରଦାନ କରିବା ପୂର୍ବରୁ ମହକିଲଙ୍କ ଆଇନଗତ ଅଧିକାର ଉପରେ ସିଧାସଳଖ କିମ୍ବା ଦୂରଦୂରାନ୍ତ ପ୍ରଭାବ ପକାଇବା ପୂର୍ବରୁ ମହକିଲ କିମ୍ବା ତାଙ୍କ ଅଧିକୃତ ପ୍ରତିନିଧିଙ୍କ ଠାରୁ ଉପଯୁକ୍ତ ନିର୍ଦ୍ଦେଶ ନେବା ସର୍ବଦା ଭଲ । ଓକିଲ ନ୍ୟାୟାଳୟରେ ମହକିଲଙ୍କ ପାଇଁ ଓକିଲାତି କରିଥାନ୍ତି ଏବଂ ମହକିଲଙ୍କ ତରଫରୁ ମାମଲା ପରିଚାଳନା କରିଥାନ୍ତି । ସେ ହିଁ ନ୍ୟାୟାଳୟ ଏବଂ ମହକିଲଙ୍କ ମଧ୍ୟରେ ଏକମାତ୍ର ସେତୁ ।ସେଥିପାଇଁ ତାଙ୍କ ଦାୟିତ୍ୱ କଠିନ ଅଟେ । ସେ ନିଜ ରାୟର ବିକଳ୍ପ ଦେବା ପରିବର୍ତ୍ତେ ତାଙ୍କ ମହକିଲଙ୍କ ନିର୍ଦ୍ଦେଶକୁ ପାଳନ କରିବେ ବୋଲି ଆଶା କରାଯାଉଛି ।

୩୨. ସାଧାରଣତଃ ଜଣେ ଓକିଲଙ୍କ ଦ୍ୱାରା ସ୍ୱୀକାର କରାଯାଇଥିବା ତଥ୍ୟ ସେମାନଙ୍କ ମହକିଲଙ୍କ ପାଇଁ ବାଧ୍ୟତାମୂଳକ ହୋଇଥାଏ, ଯେପର୍ଯ୍ୟନ୍ତ ସେମାନେ ସନ୍ଦେହ ମୁକ୍ତ ନହୋଇଛନ୍ତି; ତେବେ ଯଦି କୌଣସି ସ୍ୱୀକାରକୁ ନେଇ ସନ୍ଦେହ ଉପୁଜେ, ତେବେ ନ୍ୟାୟାଳୟ ଏହି ସ୍ୱୀକାରକୁ ଗ୍ରହଣ କରିବା ପୂର୍ବରୁ ଜାଣିବା ପାଇଁ ଚାହିଁବେ ଯେ ଆଇନଜୀବୀ କିମ୍ବା ଓକିଲ ତାଙ୍କ ମହକିଲଙ୍କ ଦ୍ୱାରା ଏହି

*ସ୍ୱୀକାରର ସ୍ୱୀକୃତି ଲାଭ କରିଛନ୍ତି କି ନା । ଏହାବ୍ୟତୀତ, ଜଣେ ମହକିଲ ଏପରି କୌଣସି ବିବୃତି କିମ୍ବା ସ୍ୱୀକାରକୁ ଗ୍ରହଣ କରିବାକୁ ବାଧ୍ୟ ନୁହଁନ୍ତି, ଯେଉଁ କାମକୁ ସେ କିମ୍ବା ତାଙ୍କ ଓକିଲ କରିବାର ଅଧିକାର ନାହିଁ । ସାଧାରଣତଃ,ଜଣେ ଓକିଲଙ୍କ ନିକଟରେ ଏପରି କୌଣସି ସ୍ୱୀକାର କିମ୍ବା ବିବୃତି ଦେବାର କୌଣସି ସ୍ପଷ୍ଟ ଅଧିକାର ନାହିଁ ଯାହା ସିଧାସଳଖ ଭାବେ ମହକିଲଙ୍କ ବ୍ୟାପକ ଆଇନଗତ ଅଧିକାରକୁ ଆତ୍ମ ସମର୍ପଣ କରିବ କିମ୍ବା ସମାପ୍ତ କରିବ, ଯଦି ନୁହେଁ ଏପରି ସ୍ୱୀକାର କିମ୍ବା ବିବୃତି ସ୍ପଷ୍ଟ ଭାବେ ସେହି ଉଦ୍ଦେଶ୍ୟ ପୂରଣ କରିବା ଦିଗରେ ଏକ ଉପଯୁକ୍ତ ପଦକ୍ଷେପ ହୋଇଥାଏ, ଯେଉଁଥିପାଇଁ ଓକିଲଙ୍କୁ ନିଯୁକ୍ତ କରାଯାଇଛି । ଆମେ ତରବରିଆ ଭାବେ ଏହା ଯୋଡ଼ିବାକୁ ଚାହୁଁଛୁ ଯେ ଓକିଲଙ୍କ ବିବୃତି କିମ୍ବା ସ୍ୱୀକୃତି ଦ୍ୱାରା ଆଇନଗତ ଫଳାଫଳକୁ ମହକିଲ କିମ୍ବା ଅଦାଲତ ମାନିବାକୁ ବାଧ୍ୟ ନୁହଁନ୍ତି । ତେଣୁ, ପେସାଦାର ଉତ୍ତରଦାୟିତ୍ୱର ସାଧାରଣ ସ୍ୱୀକୃତି ଅନୁଯାୟୀ, ଓକିଲମାନେ ମହକିଲଙ୍କ ପାଇଁ ସେମାନଙ୍କର ରାୟକୁ ବଦଳାଇବା ପରିବର୍ତ୍ତେ ମହକିଲଙ୍କ ନିର୍ଦ୍ଦେଶକୁ ପାଳନ କରିବା ଉଚିତ । ଆମେ ଏହା ମଧ୍ୟ ଯୋଡ଼ିପାରିବା ଯେ କେତେକ ମାମଲାରେ ଆଇନଜୀବୀମାନେ ସେମାନଙ୍କ ମହକିଲଙ୍କ ପରାମର୍ଶ ବିନା ମଧ୍ୟ ନିଷ୍ପତ୍ତି ନେଇପାରିବେ । ଅନ୍ୟ କେତେକ କ୍ଷେତ୍ରରେ, ଏହି ନିର୍ଣ୍ଣୟ ମହକିଲମାନଙ୍କ ପାଇଁ ସଂରକ୍ଷିତ ରହିଛି । ଅନେକ ସମୟରେ କୁହାଯାଇଥାଏ ଯେ ଓକିଲ ମହକିଲଙ୍କ ସହ ପରାମର୍ଶ ନକରି କୌଶଳ ବାବଦରେ ନିଷ୍ପତ୍ତି ନେଇପାରିବେ, ଯେତେବେଳେକି ମହକିଲଙ୍କର ନିଷ୍ପତ୍ତି ନେବାର ଅଧିକାର ଅଛି ଏବଂ ତାହା ତାଙ୍କ ଅଧିକାର ଉପରେ ପ୍ରଭାବ ପକାଇପାରେ ।*

***୩୩.*** *ଆମେ ଏହି ଆଲୋଚନାକୁ ଅଧିକ ସମୟ ପର୍ଯ୍ୟନ୍ତ ଜାରି ରଖିବାକୁ ଚାହୁଁନାହୁଁ । ଆମେ ଲର୍ଡ ବ୍ରୁଗମଙ୍କ ଏକ ପ୍ରସିଦ୍ଧ ବିବୃତି ଉପରେ ଧ୍ୟାନ ଦେଇ ଶେଷ କରିପାରିବା;*

> *"ଜଣେ ଓକିଲ ନିଜର କର୍ତ୍ତବ୍ୟ ନିର୍ବାହ କରିବା ସମୟରେ ଦୁନିଆରେ ଜଣେ ବ୍ୟକ୍ତିଙ୍କୁ ଜାଣନ୍ତି ଏବଂ ସେହି ବ୍ୟକ୍ତି ତାଙ୍କର ମହକିଲ ଅଟନ୍ତି ।[ଇତି ବିଲାତ ସର୍ବୋଚ୍ଚ ଅଦାଲତରେ ରାଣୀ କାରୋଲିନଙ୍କ ପକ୍ଷ ରଖିଥିବା ସମୟରେ ଶ୍ରୀ ହେନରୀ ବ୍ରୁଘାମ ଏହି ବିବୃତି ଦେଇଥିଲେ । ଇଂଲଣ୍ଡର ରାଣୀ କାରୋଲିନ ଆମେଲିଆ ଏଲିଜାବେଥ ଓ ବାର୍ତୋଲୋମିଓ ବର୍ଗାମିଙ୍କ ମଧ୍ୟରେ ଥିବା ପରକୀୟା ଯୌନ ସମ୍ପର୍କ ପାଇଁ ଚାଲିଥିବା ବିଚାରର ସମ୍ପୂର୍ଣ୍ଣ କାର୍ଯ୍ୟାନୁଷ୍ଠାନକୁ ଭାଗ ୨ ରେ ଦେଖନ୍ତୁ । ପୃଷ୍ଠା ୨ ରେ ମହାରାଣୀଙ୍କ ପ୍ରତିବାଦ ତର୍କ ରହିଛି ଯାହା ଜନ ଫେୟାରବର୍ଣ୍ଣ, ବ୍ରଡୱେ, ଲୁଡଗେଟ୍ ହିଲ (୧୮୨୦) ଦ୍ୱାରା ମୁଦ୍ରିତ ଏବଂ ପ୍ରକାଶିତ ।"*
>
> *(ଗୁରୁତ୍ୱ ଦିଆଯାଇଛି)*

୧୦୨. ଆମେ ***ବୈରମ ପେଷ୍ଟୋନଜୀ ଗରିୱାଲା*** (ଉପରୋକ୍ତ) ମାମଲାରେ ଏହି ନ୍ୟାୟାଳୟର ନିର୍ଣ୍ଣୟର ମଧ୍ୟ ଉଲ୍ଲେଖ କରୁଛୁ, ବିଶେଷ କରି ପାରା ୩୭ ରେ ଦିଆଯାଇଥିବା ମନ୍ତବ୍ୟ ଯାହାକି ନିମ୍ନରେ ଦିଆଗଲା:

> *"୩୭. ତଥାପି, ଆମେ ଏହା ଯୋଡ଼ିବା ପାଇଁ ବ୍ୟଗ୍ର ଯେ, ଆନୁମାନିକ ଅଧିକାର ବଳରେ କୌଣସି କାର୍ଯ୍ୟ ନକରିବା ଏକ ବିଜ୍ଞ ଅଧିବକ୍ତାଙ୍କ ଦୂରଦର୍ଶୀ କାର୍ଯ୍ୟ ହେବ ଯଦି ତତକ୍ଷଣାତ ସୁଧାର କିମ୍ବା ଆପୋଷ ବୁଝାମଣା ଲାଗି ଏକ ମାମଲାରେ ବିନା ବିଳମ୍ବରେ ପକ୍ଷର ହସ୍ତାକ୍ଷର*

*ହାସଲ କରାଯାଇପାରିବ ନାହିଁ । ସହଜ ଏବଂ ଦ୍ରୁତ ଯୋଗାଯୋଗ ବ୍ୟବସ୍ଥାର ଏହି ଦିନମାନଙ୍କରେ ଏଭଳି ଆକସ୍ମିକ ପରିସ୍ଥିତି କଦାଚିତ୍ ଦେଖାଦେଇପାରେ । ଜଣେ ବିଜ୍ଞ ଏବଂ ସତର୍କ ପରାମର୍ଶଦାତା ନିଶ୍ଚିତ ଭାବେ ଆବଶ୍ୟକୀୟ ଲିଖିତ ଅଧିକାର ସହିତ ଆଗରୁ ହିଁ ନିଜକୁ ସୁସଜ୍ଜିତ କରିଥାଏ ଯଦ୍ୱାରା ତାଙ୍କର ଅଧିକାରିତା ଓ ସଚ୍ଚୋଟତା ଉପରେ କେବେବି ସନ୍ଦେହ କରାଯାଇନାହିଁ । ଏହି ଅତ୍ୟାବଶ୍ୟକ ସତର୍କତା ଆଇନଜୀବୀଙ୍କ ବ୍ୟକ୍ତିଗତ ସୁନାମକୁ ସୁରକ୍ଷିତ ରଖିବା ସହିତ ଆଇନ ପେସାଦାରଙ୍କ ସମ୍ମାନ ଏବଂ ମର୍ଯ୍ୟାଦାକୁ ବଜାୟ ରଖିବା"*

*(ଗୁରୁତ୍ୱ ଦିଆଯାଇଛି )*

୧୦୩. ପ୍ରାୟ ଛଅ ଦଶନ୍ଧି ପୂର୍ବେ ମାଡ୍ରାସ ଉଚ୍ଚ ନ୍ୟାୟାଳୟ ଜଷ୍ଟିସ ରାମାସ୍ୱାମୀଙ୍କ ଜରିଆରେ (ସେତେବେଳେ ସେ ମାନ୍ୟବର ନ୍ୟାୟମୂର୍ତ୍ତି ଥିଲେ ) ***ଗୋବିନ୍ଦମ୍ମାଳ ବନାମ ମାରିମୁଥୁ ମେସତ୍ରି ଏବଂ ଅନ୍ୟମାନେ*** ମାମଲା ଯାହା ଏଆଇଆର ୧୯୫୯ ମ୍ୟାଡ ୭ ରେ ପ୍ରକାଶ ପାଇଛି, ସେଥିରେ ଏହିପରି ସତର୍କ ସୂଚନା ଅବଲୋକନ କରିଥିଲେ:

> *"୫. ... ଏହି ନିଷ୍ପତ୍ତି ସମ୍ପୂର୍ଣ୍ଣ ସ୍ପଷ୍ଟ ଯେ ଯେତେବେଳେ ବୁଝାମଣା କରିବା ପାଇଁ କୌଣସି ସ୍ପଷ୍ଟ ଅଧିକାର ନାହିଁ ଏବଂ ଓକିଲଙ୍କୁ ଯଦି ଅନ୍ତର୍ନିହିତ କ୍ଷମତା ପ୍ରଦାନ କରାଯାଇଥାଏ ,ତେବେ ସେ ମହକିଲଙ୍କ ପାଇଁ ବୁଝାମଣା କରିପାରିବେ । କିନ୍ତୁ ବର୍ତ୍ତମାନର ମହକିଲସମୂହ ଦୁନିଆର ସ୍ଥିତିରେ ଏବଂ ବିଭାଜିତ ନିର୍ଣ୍ଣୟ ମୁଖ ଦର୍ଶନରେ ନ୍ୟାୟିକ ଏବଂ ବୈଧାନିକ ସମର୍ଥନର ଅନୁପସ୍ଥିତିରେ ଓକିଲ ସଂଘ ନିଜକୁ ଦେଖୁଥିବା ସ୍ଥିତିରେ ଏହା ନିର୍ଦ୍ଧାରଣକରେ ଯେ, ଯେପର୍ଯ୍ୟନ୍ତ ଆପୋଷ ବୁଝାମଣା କରିବା ପାଇଁ କ୍ଷମତାଦେୟ ନଥିରେ ଅଧିବକ୍ତାଙ୍କୁ କ୍ଷମତା ପ୍ରଦାନ କରାନଯାଇଛି, ସେପର୍ଯ୍ୟନ୍ତ ଏକ ସ୍ୱତନ୍ତ୍ର କ୍ଷମତା ପ୍ରାପ୍ତ କରିବା ସାଧାରଣ ଅଭ୍ୟାସ ଅନୁସାରେ କିମ୍ବା ଆପୋଷ ବୁଝାମଣା କରିବା ପାଇଁ ପକ୍ଷକାରଙ୍କ ସ୍ୱତନ୍ତ୍ର ସମ୍ମତି ଗ୍ରହଣ କରାଯିବା ଉଚିତ । ଯଦି ଅଭିଯୋଗପତ୍ର ଇତ୍ୟାଦି ଉପରେ କୌଣସି ଅନୁମୋଦନ ଦିଆଯାଏ, ତେବେ ସେହି ପକ୍ଷର ହସ୍ତାକ୍ଷର କିମ୍ବା ଅଙ୍ଗୁଳି ଚିହ୍ନ ଆଣିବା ଭଲ ହେବ, ତଦ୍ୱାରା ଏହା ସ୍ପଷ୍ଟ ହେବ ଯେ ଓକିଲ ତାଙ୍କ ତରଫରୁ କ'ଣ କରୁଛନ୍ତି ସେ ସମ୍ପର୍କରେ ତାଙ୍କ ପକ୍ଷ ଅବଗତ ଅଛନ୍ତି ।"*

୧୦୪. ତେଣୁ ଉପରୋକ୍ତ ଆଲୋଚନାକୁ ଦୃଷ୍ଟିରେ ରଖି ଆମେ କହୁଛୁ ଯେ, ପ୍ରତିବାଦୀ ସଂଖ୍ୟା ୧ ଏବଂ ୨ ଙ୍କ ମଧ୍ୟରେ ହୋଇଥିବା ସମାଧାନକୁ ବେଆଇନ ବୋଲି କହିବାରେ ଉଚ୍ଚ ନ୍ୟାୟାଳୟ କୌଣସି ତ୍ରୁଟି କରିନାହାଁନ୍ତି ।

**ଆମର ଚୂଡ଼ାନ୍ତ ଉପସଂହାର**

୧୦୫. ଆମେ ଆମର ଚୂଡ଼ାନ୍ତ ଉପସଂହାରକୁ ନିମ୍ନମତେ ପ୍ରଦାନ କରୁଛୁ:

(i) ଉଚ୍ଚ ନ୍ୟାୟାଳୟ ଦ୍ୱାରା ନିଶ୍ଚିତ କରାଯାଇଥିବା, ବିଚାର କରୁଥିବା ନ୍ୟାୟାଳୟଙ୍କ ପ୍ରାରମ୍ଭିକ ଆଇନଗତ ଆଦେଶକୁ ଏହି ପର୍ଯ୍ୟନ୍ତ ଆଂଶିକ ପରିବର୍ତ୍ତନ କରାଗଲା ଯେ -ଅଭିଯୋଗରେ ପ୍ରଦତ୍ତ

ସ୍ୱର୍ଗତ ଶ୍ରୀ କୁମାର ସାହୁଙ୍କ ପୈତୃକ ଏବଂ ସ୍ୱୟଂ ଅର୍ଜିତ ସମ୍ପତ୍ତିରେ ଝିଅମାନେ ୧/୩ ଭାଗ ପାଇବାକୁ ଯୋଗ୍ୟ ହେବେ । ବିଚାର କରୁଥିବା ନ୍ୟାୟାଳୟ ତଦନୁସାରେ ଆଇନଗତ ଆଦେଶରେ ସଂଶୋଧନ କରିବେ ।

(ii) ଯେହେତୁ ଆମେ କହିଛୁ ଯେ ମୂଳ ପ୍ରତିବାଦୀ ସଂଖ୍ୟା ୧ ଏବଂ ୨ ମଧ୍ୟରେ ହୋଇଥିବା ବୁଝାମଣା ଆଇନ ଅନୁଯାୟୀ ନଥିଲା, ଏଠାରେ ଅବେଦନକାରୀମାନେ, ମୂଳ ପ୍ରତିବାଦୀ ସଂଖ୍ୟା ୨ଙ୍କର ଅଂଶ ପାଇବା ପାଇଁ ହକଦାର ହେବେ ନାହିଁ ।

(iii) ବିବାଦିତ ସମ୍ପତ୍ତିରେ ଆବେଦନକାରୀମାନେ ସେମାନଙ୍କ ଏକ ତୃତୀୟାଂଶ ପାଇବା ପାଇଁ ହକଦାର ହେବେ।

(iv) ଯେହେତୁ ପ୍ରତିବାଦୀ ସଂଖ୍ୟା -୧ ଗ୍ରହୀତା ଭାବେ ନିଯୁକ୍ତ ହୋଇଥିଲେ, ଏବେ ଅବେଦନକାରୀମାନେ ବିଚାର କରୁଥିବା ନ୍ୟାୟାଳୟଙ୍କ ପାଖରେ ହିସାବ ଦାଖଲ କରିବେ ।

୧୦୬. ଉପରୋକ୍ତ ସ୍ପଷ୍ଟୀକରଣ ସହିତ ଉଭୟ ଆବେଦନ ବିଫଳ ହୋଇଛି ଏବଂ ଏତଦ୍ୱାରା ଖାରଜ ହୋଇଯାଇଛି ।

୧୦୭. ବର୍ତ୍ତମାନ ସୁଦ୍ଧା ଏହି ମାମଲା ପ୍ରାୟ ଚାରି ଦଶନ୍ଧି ପୁରୁଣା ହେବ । ଆଜି ସୁଦ୍ଧା ମୂଳ ବାଦୀଙ୍କ ବୟସ ପାଖାପାଖି ୮୫ ବର୍ଷ ହେବଣି ।ଏଭଳି ପରିସ୍ଥିତିରେ ବିଚାର କରୁଥିବା ନ୍ୟାୟାଳୟ ଏହି ରାୟ ଏବଂ ଆଦେଶର ପ୍ରମାଣିକ କାଗଜ ପାଇବା ତାରିଖରୁ ତିନି ମାସ ମଧ୍ୟରେ ଚୂଡ଼ାନ୍ତ ଆଇନଗତ ଆଦେଶ ଜାରି କରିବେ ।

୧୦୮. ପକ୍ଷମାନେ ନିଜର ଖର୍ଚ୍ଚ ନିଜେ ବହନ କରିବେ ।

୧୦୯. ଯଦି କୌଣସି ବିଚାରାଧୀନ ଆବେଦନସବୁ ଥାଏ, ତେବେ ସେଗୁଡ଼ିକୁ ନିକାଶ କରାଗଲା ।

**......... ନ୍ୟାୟମୂର୍ତ୍ତି**

**(ଏ. ଏସ. ବୋପାନ୍ନା)**

**......... ନ୍ୟାୟମୂର୍ତ୍ତି**

**(ଜେ. ବି. ପାର୍ଡିୱାଲା)**

**ନୂଆଦିଲ୍ଲୀ**

**ମାର୍ଚ୍ଚ ୨୯,୨୦୨୩**

**<u>ଅସ୍ୱୀକାର ପତ୍ର</u>**

*"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"*

TRANSLATED BY:
Shri Jatadhari Sethi
Translator, High Court of Orissa, Cuttack.